

‘ସ୍ପିରିଟ୍’ରେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-153 ◆SATURDAY ◆29 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୫୩ ◆ଶନିବାର ◆୨୯ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# କାର୍ ଉପରେ ଓଲଟିଲା ଡମ୍ଫର; ଶିଶୁ ସମେତ ୭ ମୃତ

■ ସାହାରନପୁର, ୨୮ ।୧୧ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏକ ଡମ୍ଫର ନିୟନ୍ତ୍ରଣ ହରାଇ କାର୍ ଉପରେ ପଲଟିବା କାରଣରୁ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ଏକ ୪ ବର୍ଷର ପିଲା ମଧ୍ୟ ରହିଛି। ଡମ୍ଫରରେ ବଜୁରୀ ଭରି ରହିଥିଲା। ଦ୍ରୁତଗତିରେ ଆସୁଥିବାରୁ ଡମ୍ଫର ନିୟନ୍ତ୍ରଣ ହରାଇ ନିକଟରେ ଯାଉଥିବା କାର୍ ଉପରେ ପଲଟି ଯାଇଥିଲା। ଡମ୍ଫରରେ ଥିବା ବଜୁରୀ ମଧ୍ୟ କାର୍ ଉପରେ ପଡିଥିଲା। ସମ୍ପୂର୍ଣ୍ଣ କାର୍ ଡମ୍ଫର ଓ ବଜୁରୀ ତଳେ ଦବି ରହିଥିଲା। ଫଳରେ ୫ ଫୁଟ୍‌ର କାର ୨ ଫୁଟ୍‌ରେ ପରିଣତ ହୋଇଥିଲା। ୩ଟି କ୍ରେନ୍ ସହାୟତାରେ ଡମ୍ଫରକୁ ଉଠାଯାଇଥିଲା। ବଜୁରୀକୁ ହଟାଇବା ପାଇଁ



ଲୋକଙ୍କୁ ଘଣ୍ଟା ଘଣ୍ଟା ପରିଶ୍ରମ କରିବାକୁ ପଡିଥିଲା। ସେପର୍ଯ୍ୟନ୍ତ କାର୍‌ରେ ଥିବା ବ୍ୟକ୍ତିମାନେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଶେଷରେ କାର୍‌ର ଛାତକୁ କଟାଯାଇ ଫସି ରହିଥିବା ଲୋକଙ୍କୁ ବାହାରକୁ ବାହାର କରାଯାଇଥିଲା। ଏକ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ଏମାନେ କାର୍‌ରେ ଯାତ୍ରା କରୁଥିଲେ। କାର୍‌ରେ ଗୋଟିଏ ପରିବାରର ୭ ଲୋକ ଯାତ୍ରା କରୁଥିଲେ। ଏମାନେ ସବୁ ସୟଦ ମାଜରା ଗାଁରୁ ଗଙ୍ଗୋ ଯାଉଥିଲେ। ଗାଁଠାରୁ ଗୋଟିଏ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଡମ୍ଫର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। କାର୍‌ରୁ ୭ଟି ମୃତ ଦେହକୁ ବାହର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଗାଗଲହେଡି ଥାନରେ ଏହି ଦୁର୍ଘଟଣା ହୋଇଛି।

# ଭାରତର ୩ଟି ଅଞ୍ଚଳକୁ ନିଜର ଦାବି କଲା ନେପାଳ

■ କାଠମାଣ୍ଡୁ, ୨୮ ।୧୧ (ଏଜେନ୍ସି): ନେପାଳ ପୁଣିଥରେ ଭାରତ ସହ ଥିବା ସୀମା ବିବାଦକୁ ଆଗକୁ ବଢାଇବା ପାଇଁ ପ୍ରୟାସ କରିଛି। ନେପାଳ ନିଜର ୧୦୦ ଟଙ୍କିଆ ନୋଟ ଉପରେ ଏନେଇ ବିବାଦୀୟ ମାନଚିତ୍ର ଛାପିଛି। ନେପାଳ ଏହି ମାନଚିତ୍ରରେ ଲିପୁଲେଖ, କାଲାପାନୀ ଓ ଲିମ୍ପିୟାଧୁରାକୁ ନିଜର ଅଂଶ ବୋଲି ଦର୍ଶାଇଛି। କିନ୍ତୁ ଏହି ୩ଟି ଅଞ୍ଚଳ ଭାରତର ସୀମା ଭିତରରେ ରହିଛି। ନେପାଳର ଏହି ଅଭିମୁଖ୍ୟକୁ ଭାରତ କଡ଼ା ସାମାଲୋଚନା କରିଛି ଓ ଏହାକୁ ଏକତରଫା ବୋଲି କହିଛି। ଏଥିରେ ନେପାଳ ଐତିହାସିକ ତଥ୍ୟକୁ ଅଣଦେଖା କରିଛି ବୋଲି ଭାରତ କହିଛି। ଏଭଳି ଅନୁଚିତ ଦାବି ଉପସ୍ଥାପନ କରିବା ଦ୍ୱାରା ସତ୍ୟର ପରିବର୍ତ୍ତନ ହେବ ନାହିଁ। ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ନେପାଳ ସମ୍ମାନ କରିବା ଉଚିତ ଓ ଏଭଳି ଦାବି ଦ୍ୱିପାକ୍ଷିକ ଚୁକ୍ତିର ଉଲ୍ଲଂଘନ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି।




୧୦୦ ଟଙ୍କିଆ ନୋଟ୍‌ରେ ଛାପିଲା ବିବାଦୀୟ ମାନଚିତ୍ର

ଏଭଳି ଦାବିରେ ସତ୍ୟ ବଦଳି ନ ଥାଏ: ଭାରତ


ଏହି ବିବାଦିତ ମାନଚିତ୍ର ୧୦୦ ଟଙ୍କା ନୋଟରେ ହଲକା ହଳଦିଆ ରଙ୍ଗରେ ଚିହ୍ନିତ ହୋଇଛି। ତେବେ ଏହି ମାନଚିତ୍ର କେବଳ ୧୦୦ ଟଙ୍କା ନୋଟରେ ହିଁ ଚିହ୍ନିତ ହୋଇଛି। କିନ୍ତୁ ଏହା ୧୦, ୫୦ ଓ ୨୦୦ ଟଙ୍କା ନୋଟ ଉପରେ ଚହ୍ନିତ ହୋଇନାହିଁ। ପୁରୁଣା ୧୦୦ ଟଙ୍କା ନୋଟରେ ଏହି ମାନଚିତ୍ର ଥିଲା ବୋଲି ବ୍ୟାଙ୍କ ତରଫରୁ କୁହାଯାଇଛି। ଏବେ କେବଳ ସରକାରଙ୍କ ନିଷ୍ପତ୍ତି କ୍ରମେ ଏହାକୁ ସଂଶୋଧନ କରାଯାଇଛି ▶ପୃଷ୍ଠା-୭

# ୧୭,୪୪୦ କୋଟିର ଅତିରିକ୍ତ ବଜେଟ

## ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧ .୩୪ କୋଟି ଟପିବ ଋଣ ଭାର

■ ଭୁବନେଶ୍ୱର, ୨୮ ।୧୧ (ସମିସ): ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆସିଛି। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଅତିରିକ୍ତ ବ୍ୟୟବରାଦରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି ଟଙ୍କା ରହିଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୩୩୮୯ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଣି ୧୭୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଅନ୍ୟପଟେ ଚଳିତ ଆର୍‌ଠଥକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାର ୧ ଲକ୍ଷ ୩୪ ହଜରା ୯୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦ (ଜିଡିପି) ୧୨.୭ ପ୍ରତିଶତ ବୋଲି ବଜେଟ୍ ପୁସ୍ତିକାରେ ଦର୍ଶାଯାଇଛି।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ ୨୦୨୫ ମାର୍ଚ୍ଚ ୨୯ ତାରିଖରେ ଓଡ଼ିଶା ବିଧାନସଭାରେ ଅନୁମୋଦନ ହୋଇଥିଲା। ଏହାସତ୍ତ୍ୱେ ବିଭିନ୍ନ କାରଣରୁ ଅତିରିକ୍ତ ବଜେଟର




### କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି

### ନୂଆ ଯୋଜନା ‘ଶକ୍ତିଶ୍ରୀ’ ପାଇଁ ୧୫ କୋଟି ବ୍ୟୟ ବରାଦ

### ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨ କୋଟି

ଆବଶ୍ୟକତା ରହିଥିବା ନେଇ ରାଜ୍ୟ ସରକାର ବଜେଟ୍ ପୁସ୍ତିକାରେ ଦର୍ଶାଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ନୂଆ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠିର ଆବଶ୍ୟକତା ରହିଛି। ଏହାସହିତ ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମକୁ ଫେରସ୍ତ ଓ ବିଭିନ୍ନ ପ୍ରଶାସନିକ ବ୍ୟୟବରାଦରେ ଲେଖା ସଂଶୋଧନ ପାଇଁ ଏହି ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ଥିବା ଉଲ୍ଲେଖ କରାଯାଇଛି। ଅତିରିକ୍ତ ବଜେଟ୍‌ରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ରହିଥିବା ସର୍ବାଧିକ ୧୩୭୧୬ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ରୀୟ ଯୋଜନାରେ ୨୦୫୪କୋଟି ଓ ରାଜ୍ୟ ଯୋଜନାରେ ୧୧୬୪୩କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ସୂଚନା ଦେଇଛନ୍ତି।

ଅତିରିକ୍ତ ବଜେଟ୍‌ରେ ରାଜ୍ୟ ସରକାର ‘ଶକ୍ତିଶ୍ରୀ’ ନାମରେ ଏକ ନୂଆ ଯୋଜନା ବାବଦରେ ସୂଚନା ଦେଇଛନ୍ତି। ମହିଳାମାନଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ‘ଶକ୍ତିଶ୍ରୀ’ ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଛି। ଏ ବାବଦକୁ ୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ‘ସୁଭଦ୍ରା’ ଯୋଜନା ପାଇଁ ୨୯୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହାସହିତ ମମତା ଯୋଜନା ପାଇଁ ୧୪୨ କୋଟି ଟଙ୍କା ବ୍ୟୟ ବରାଦ ସହିତ ଶିକ୍ଷା କ୍ଷେତ୍ରରେ, ପିଏମ୍-ପୋଷଣ ଅଧୀନରେ ୩୯୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପାଇଁ ୭୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ବଜେଟରେ ରାଜ୍ୟ ସରକାର କୃଷକ କଲ୍ୟାଣ ଏବଂ ଖାଦ୍ୟ ▶ପୃଷ୍ଠା-୭

# ଡିସେମ୍ବର ୪ରେ ଭାରତ ଗସ୍ତରେ ଆସିବେ ପୁତିନ

## ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବେ

■ ନୂଆଦିଲ୍ଲୀ, ୨୮ ।୧୧ (ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆଗାମୀ ଡିସେମ୍ବର ୪-୫ରେ ଦୁଇଦିନିଆ ଗସ୍ତରେ ଭାରତ ଆସିବେ ବୋଲି ରୁଷିଆର ଗଣମାଧ୍ୟମଗୁଡିକ ଘୋଷଣା କରିଛନ୍ତି। ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ସେ ଭାରତ ଆସିବେ। ପ୍ରତିବର୍ଷ ଭାରତ ଓ ରୁଷିଆ ମଧ୍ୟରେ ହେଉଥିବା ବୈଠକର ଏହା ଅଂଶ। ଭାରତ ଓ ରୁଷିଆ ପ୍ରତିବର୍ଷ ପାଳି କରି ଏହି ବୈଠକର ଆୟୋଜନ କରିଥାନ୍ତି। ଏଥର ଭାରତର ଏହି ବୈଠକ ଆୟୋଜନ କରିବାର ପାଳି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱାଗତ କରିବା ସହ ତାଙ୍କ ସମ୍ମାନରେ ଏକ ଭୋଜି ଆୟୋଜନ କରିବେ। ଏହି ଗସ୍ତରେ ପୁତିନ ପ୍ରଧାନମନ୍ତ୍ରୀ



**ଏସ୍-୪୦୦, ଏସ୍‌ୟୁ-୫୭ ଜେଟ୍ କ୍ରୟ ନେଇ ହେବ ଆଲୋଚନା**

ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ। ଏହି ଅବସରରେ ଦୁଇ ନେତା ଆଶୋଧିତ ତୈଳ ଚୁକ୍ତି ସହିତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମ କ୍ରୟ ଓ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ନେଇ ଆଲୋଚନା କରିବା ଆଶା କରାଯାଉଛି।

ରୁଷ ତୈଳ କ୍ରୟ କରୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଟାରିଫ ଲାଗୁ କରିଛି। ଫଳରେ ଭାରତ ମୋଟ୍ ଉପରେ ୫୦ ପ୍ରତିଶତ ଟାରିଫର ଭାର ବହନ କରୁଛି। ଭାରତ ତୈଳ କ୍ରୟ କରୁଥିବାରୁ ୟୁକ୍ରେନ ସହିତ ଯୁଦ୍ଧ କରିବାକୁ ରୁଷିଆକୁ ବଳ ମିଳୁଛି ବୋଲି ଆମେରିକା କହୁଛି। ରୁଷିଆ- ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ। ୨୦୨୨ ଫେବୃଆରୀ ▶ପୃଷ୍ଠା-୭

# ଗୃହରେ ଉଦ୍‌ବେଗ ଅନ୍ଧାରରେ ‘ଅନ୍ୱେଷା’

## ଯୋଜନା ଅଧୀନରେ ଚଳିତବର୍ଷ ହୋଇନି ନାମଲେଖା

■ ଭୁବନେଶ୍ୱର, ୨୮।୧୧ (ସମିସ): ଆଦିବାସୀ ପିଲାଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ ପାଇଁ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ ‘ଅନ୍ୱେଷା’ ଯୋଜନା। ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି ଯୋଜନାର ଭବିଷ୍ୟତ ଏବେ ସମ୍ପୂର୍ଣ୍ଣ ଅନ୍ଧାର। ଏହାକୁ ନେଇ ଶିକ୍ଷାବିତ୍, ଅଭିଭାବକ, ସମାଜତତ୍ତ୍ୱବିଦ୍ ଉଦ୍‌ବେଗ ପ୍ରକାଶ କରିଥିବା ସମୟରେ ବିଧାନସଭାରେ ବିରୋଧୀ ନେତାମାନେ କ୍ଷୋଭପ୍ରକାଶ କରିଛନ୍ତି। ଆଦିବାସୀ ପିଲାଙ୍କ ପାଇଁ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ମଧ୍ୟ ବିଧାୟକମାନେ ପ୍ରଶ୍ନ କରିଛନ୍ତି। ବିରୋଧୀ ବିଜେଡିର ବିଧାୟକମାନେ ଅନ୍ୱେଷା ଯୋଜନା ସଂକ୍ରାନ୍ତରେ ସରକାରଙ୍କୁ ପ୍ରଶ୍ନ କରିଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଲେଇ ବଙ୍କେଇ ପ୍ରଶ୍ନକୁ ଏଡ଼ାଇଯିବାକୁ ଉଦ୍ୟମ କରିଛନ୍ତି।।



ଯୋଜନା ବନ୍ଦ ହେବକି ଜାରି ରହିବ, ସେ ନେଇ ମନ୍ତ୍ରୀ କୌଣସି ସ୍ପଷ୍ଟୋକ୍ତି ରଖିନଥିବା ବେଳେ ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ଏହି ଯୋଜନାରେ ନାମଲେଖା ହୋଇ ନ ଥିବା ସ୍ୱୀକାର କରିଛନ୍ତି। ତେଣୁ ଯୋଜନାକୁ ବନ୍ଦ କରିବା ପାଇଁ ସରକାର ଏକପ୍ରକାର ନିଷ୍ପତ୍ତି କରିଥିବା ନେଇ ମନ୍ତ୍ରୀଙ୍କ ଇଙ୍ଗିତ ସ୍ପଷ୍ଟ କରୁଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

ଶୁକ୍ରବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଓମ୍ ପ୍ରକାଶ ମିଶ୍ରଙ୍କ ଏକ ତାରକା ପ୍ରଶ୍ନରେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ ବିଧାୟକ ପ୍ରଦୀପ ଦିଶାରୀ। ସରକାର ଅନ୍ୱେଷା ଯୋଜନା ବନ୍ଦ କରିବାକୁ ଯାଉଛନ୍ତି କି ? ଯଦି ନୁହେଁ, ତାହେଲେ ନାମଲେଖା କେବେ ଆରମ୍ଭ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଧାୟକ ରମେଶ ଚନ୍ଦ୍ର ବେହେରା ମଧ୍ୟ ଅନୁରୂପ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ଚଳିତ ବର୍ଷ ଅନ୍ୱେଷା ଯୋଜନାରେ ନାମଲେଖା ହୋଇପାରି ନାହିଁ। ଯଦି ପ୍ରଥମ ଶ୍ରେଣୀରେ ▶ପୃଷ୍ଠା-୭



# ଧାନକିଣା: ଆରମ୍ଭରୁ ବିଭ୍ରାଟ

## ଆଜିଯାଏଁ ବସ୍ତାଏ ବି ଧାନ କିଣି ନାହାନ୍ତି ସରକାର

■ ଭୁବନେଶ୍ୱର, ୨୮।୧୧ (ସମିସ): ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ଧାନକିଣା ଆରମ୍ଭ ହୁଏ। ମାତ୍ର ନଭେମ୍ବର ଶେଷ ହେବାକୁ ବସିଲାଣି, ଆଜି ସୁଦ୍ଧା ସରକାର ବସ୍ତାଟିଏ ଧାନ କିଣିନାହାନ୍ତି। ଚାଷୀଙ୍କ ପାଖରେ ଧାନ ରଖିବାକୁ ଯାଗା ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରି କରିବା ଆରମ୍ଭ କଲେଣି। ସରକାର ଚାଷୀଙ୍କ ଭାଗ୍ୟ, ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଏଥିରୁ ବିରତ ନ ହେଲେ ସାରା ରାଜ୍ୟରେ ନିଆଁ ଲାଗିଯିବ ବୋଲି ବିଧାନସଭାରେ ସରକାରଙ୍କୁ ଚେତାବନୀ ଶୁଣାଇଛନ୍ତି ବିରୋଧୀଦଳ ଉପନେତାପ୍ରସନ୍ନ ଆଚାର୍ଯ୍ୟ। ଶୁକ୍ରବାର ଶୂନ୍ୟକାଳରେ ଧାନକିଣାକୁ ନେଇ ସେ ଗଭୀର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ସରକାର ଏ ନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

### ଶୂନ୍ୟକାଳରେ ସରକାରଙ୍କ ଉପରେ ବର୍ଷିଲା ବିଜେଡି

### ଚାଷୀଙ୍କ ଭାଗ୍ୟ ସହ ଖେଳନ୍ତୁନି; ନିଆଁ ଲାଗିଯିବ

ଶୂନ୍ୟକାଳରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବରଗଡ଼, ସମ୍ବଲପୁରରେ ଆଜିଠାରୁ ଧାନକ୍ରୟ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଆଜି ତାରିଖ ସୁଦ୍ଧା ବସ୍ତାଏ ମଧ୍ୟ ଧାନ କିଣା ଯାଇପାରିଲା ନାହିଁ। ବରଗଡ଼ ଜିଲ୍ଲାରେ ୫୦୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରି ନାହାନ୍ତି। କୌଣସି ମିଲକୁ ଧାନ କିଣିବା ପାଇଁ ସରକାର ଆଲଟମେଣ୍ଟ ଦେଇ ▶ପୃଷ୍ଠା-୭

### ଖେଞ୍ଚ ମାରିଲେ ସନ୍ତୋଷ

■ ଭୁବନେଶ୍ୱର,୨୮।୧୧(ସମିସ): ଗତ ଖରିଫରେ ଧାନକିଣାରେ ସଫଳତାକୁ ନେଇ ନିଜ ସରକାରଙ୍କୁ ପ୍ରଶଂସା କରିଥିଲେ ବି ସରକାରଙ୍କୁ ଖେଞ୍ଚ ମାରିଛନ୍ତି ବିଜେପି ବିଧାୟକ ସନ୍ତୋଷ ଖଟୁଆ। ଶ୍ରୀ ଖଟୁଆ କହିଛନ୍ତି, ଚଳିତ ଖରିଫରେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେବାର ସମ୍ଭାବନା ରହିଛି। ଏତେଧାନ ସରକାର କେଉଁଠି ରଖିବେ, ତାହା ନିଶ୍ଚିତ ଭାବେ ଆହ୍ୱାନର ବିଷୟ। ସରକାର ଏନେଇ ସୁବ୍ୟବସ୍ଥା କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଖଟୁଆ କହିଥିଲେ ଯେ ଗତ ଖରିଫରେ ସରକାର ୧୭ ଲକ୍ଷ ଚାଷୀଙ୍କ ନିକଟରୁ ୭୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲେ। କେବଳ ଗତବର୍ଷ ରାଜ୍ୟରେ ୪ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସରକାର ୨୦ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ କ୍ରୟ କରିଥିଲେ। ▶ପୃଷ୍ଠା-୭

# କଂଗ୍ରେସରେ ନରସିଂହ ଅଲୋଡ଼ା !

■ ଭୁବନେଶ୍ୱର, ୨୮ ।୧୧ (ସମିସ): ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିରୋଧୀଦଳ ନେତା ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଏବେ ଅଲୋଡ଼ା। ଯେତେବେଳେ ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ସବୁ ନେତା ଏକାଠି ହେବାର ଆବଶ୍ୟକତା ଥିବା ଆହ୍ୱାନ ଦେଉଛନ୍ତି, ସେତେବେଳେ ଦଳର ସବୁଠାରୁ ଟାଣୁଆ ନେତା ନରସିଂହଙ୍କୁ କିପରି ଉପେକ୍ଷା କରାଯାଇ ପାରିବ ? ମାତ୍ର ଏହା ବାସ୍ତବତଃ ସତ୍ୟ ଓ ଖୋଦ୍ ନରସିଂହ ହିଁ ଏହାକୁ ସ୍ୱୀକାର କରିଛନ୍ତି। ତାଙ୍କୁ କୌଣସି ପ୍ରସଙ୍ଗରେ ପଚରା ଯାଉ ନାହିଁ କି ତାଙ୍କଠାରୁ କୌଣସି ମତ ଲୋଡ଼ାଯାଉ ନାହିଁ। ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଏଭଳି ଅଣଦେଖା କରାଯାଉଛି ବୋଲି ଶୁକ୍ରବାର ଗଣମାଧ୍ୟମ ଆଗରେ କହିଛନ୍ତି ଶ୍ରୀ ମିଶ୍ର। ବଲାଙ୍ଗିରଠାରେ ଗଣମାଧ୍ୟମ ସହ



ଅନୌପଚାରିକ ଆଲୋଚନା ସମୟରେ ସେ କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଅଣଦେଖା କରାଯାଉଛି। ଏପରିକି ଦଳର କୌଣସି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଉନାହିଁ। କାର୍ଯ୍ୟକ୍ରମ ପାଇଁ ତାଙ୍କୁ ସୌଜନ୍ୟମୂଳକ ଫୋନ ଟିଏ ବି କରାଯାଉ ନାହିଁ । ପୂର୍ବରୁ ସେ ରାଜ୍ୟ ସରକାରରେ ଆଇନମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା ଓ ଆଇନ ପରିଷଦ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ସେହି ସମୟରେ ଦଳ ତାଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରୁଥିଲା। ମାତ୍ର ଗତ ନୂଆପଡ଼ା ଉପନିର୍ବାଚନରେ ତାଙ୍କୁ ଡ଼କା ଗଲାନାହିଁ। କଂଗ୍ରେସର କିଛି ବରିଷ୍ଠ ନେତା ତାଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ, ମାତ୍ର ଏହା କେବଳ ସୌଜନ୍ୟମୂଳକ ▶ପୃଷ୍ଠା-୭

# ସିଏଜି ରିପୋର୍ଟ ୧୯ ରାଜ୍ୟରେ ମନ୍ଥର ପଡ଼ିଲା ପୁଞ୍ଜି ବ୍ୟୟ

## ଆକଳନର ୨୦% ରୁ କମ୍ ଅର୍ଥ ଖର୍ଚ୍ଚ କରିଛନ୍ତି ଉତ୍ତର ପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ

■ ଭୁବନେଶ୍ୱର, ୨୮।୧୧ (ସମିସ): ମାନ୍ଦା ପଡିଛି ଦେଶରେ ରାଜ୍ୟଗୁଡିକର ପୁଞ୍ଜି ବ୍ୟୟ। ବଜେଟରେ ପ୍ରସ୍ତାବିତ ପୁଞ୍ଜି ବ୍ୟୟରେ ପଛରେ ପଡିଛନ୍ତି ଅନେକ ରାଜ୍ୟ। ପୁଞ୍ଜି ବ୍ୟୟ ବାବଦ ଅର୍ଥ ଖର୍ଚ୍ଚ କରିବାରେ ବିଫଳ ହେଉଛନ୍ତି ରାଜ୍ୟ। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ଏପ୍ରିଲ-ଅକ୍ଟୋବର ଅବଧିରେ ଦେଶର ୧୯ଟି ରାଜ୍ୟ ସେମାନଙ୍କର ବଜେଟରେ ରଖାଯାଇଥିବା ପୁଞ୍ଜି ବ୍ୟୟର ମାତ୍ର ୩୩.୫% ଅର୍ଥ ଖର୍ଚ୍ଚ କରିଛନ୍ତି, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା । ଏହି ୧୯ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ଦ୍ୱାରା ହୋଇଥିବା ପୁଞ୍ଜି ବ୍ୟୟଠାରୁ ବହୁତ କମ୍। ୧୯ଟି ରାଜ୍ୟର ମାସିକ ଆକାଉଣ୍ଟ ରିପୋର୍ଟରେ ବିଶ୍ଳେଷଣରୁ ଏହି ତଥ୍ୟ ପଦାକୁ ଆସିଛି। ଓଡ଼ିଶାରେ

ଖର୍ଚ୍ଚ ହୋଇଛି ୩୩.୫%

ଓଡ଼ିଶାରେ ବ୍ୟୟ ୪୩.୮%




୨୬ ରାଜ୍ୟରେ ପୁଞ୍ଜି ବ୍ୟୟ ୫୦%ରୁ କମ୍

ପୁଞ୍ଜି ବ୍ୟୟ ହାର (୪୩.୮ ପ୍ରତିଶତ) ରହିଛି।

ବାସ୍ତବରେ , ୧୬ ଟି ରାଜ୍ୟ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ୭ ମାସରେ ସେମାନଙ୍କର ବଜେଟ ଆକଳନ (ବିଇ)ଠାରୁ ୫୦%ରୁ ଅଧିକ କମ୍ ଅର୍ଥ ଖର୍ଚ୍ଚ କରିଛି। ସିଏଜିଙ୍କ ଦ୍ୱାରା ସମୀକ୍ଷା କରାଯାଇଥିବା ୧୯ ରାଜ୍ୟ ମଧ୍ୟରେ ହରିୟାଣା ହେଉଛି ଏକ ମାତ୍ର ରାଜ୍ୟ ଯେ କି ବଜେଟ୍ ଆକଳନ ଅନୁଯାୟୀ ପୁଞ୍ଜି ବ୍ୟୟରେ ଆଗରେ ରହିଛି। ରେ ନେତୃତ୍ୱ ନେଇଛି। କାରଣ ହରିୟାଣା ତା'ର ବଜେଟ ଆକଳନର ୮୫% ଅର୍ଥ ଖର୍ଚ୍ଚ କରିଛି। ଏହାପଉକଚ ତେଲେଙ୍ଗାନା (୮୦.୧%), କେରଳ (୫୨.୯%) ଏବଂ ମଧ୍ୟପ୍ରଦେଶ (୪୭.୮%) ରହିଛି। ଅପରପକ୍ଷେ ଚାରୋଟି ରାଜ୍ୟ ଉତ୍ତର ପ୍ରଦେଶ (୧୯.୪%), ଛତିଶଗଡ଼ (୧୭.୫%), ପଶ୍ଚିମବଙ୍ଗ (୧୭.୩%) ଏବଂ ତ୍ରିପୁରା (୧୫.୧%) - ସେମାନଙ୍କ ଆକଳନର ୨୦% ରୁ କମ୍ ଅର୍ଥ ଖର୍ଚ୍ଚ କରିଛନ୍ତି। ପୁଞ୍ଜି ବ୍ୟୟର ଏହି ଗତି ଏହି ୧୯ଟି ରାଜ୍ୟରେ ପୁଞ୍ଜି ବ୍ୟୟ ପାଇଁ ପ୍ରାୟ ୯.୦୧ ଲକ୍ଷ କୋଟି ଟଙ୍କାର ମୋଟ ବଜେଟ ଆକଳନର ସମ୍ପୂର୍ଣ୍ଣ ବିପରୀତ ଥିବା ସିଏଜି ରିପୋର୍ଟରେ ଦର୍ଶାଯାଇଛି। ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟଗୁଡିକ ଦ୍ୱାରା କରାଯାଇଥିବା ପ୍ରକୃତ ଖର୍ଚ୍ଚ କେବଳ ପ୍ରାୟ ୩.୦୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆର୍ଥିକବର୍ଷ ୨୦୨୫-୨୬ର ପ୍ରଥମାର୍ଦ୍ଧ (ଏପ୍ରିଲ-ସେପ୍ଟେମ୍ବର)ରେ କେନ୍ଦ୍ରର ମୋଟ ପୁଞ୍ଜି ବ୍ୟୟ ବଜେଟ ଆକଳନର ୫୨% ରହିଥିଲା। ଆର୍ଥିକବର୍ଷ ୨୦୨୫-୨୬ର ର ପ୍ରଥମ ୭ମାସ (ଏପ୍ରିଲ-ଅକ୍ଟୋବର)ରେ ରାଜ୍ୟଗୁଡ଼ିକ ସେମାନଙ୍କ ବଜେଟ ରାଜସ୍ୱ ଖର୍ଚ୍ଚର ପ୍ରାୟ ୪୭.୨% ▶ପୃଷ୍ଠା-୭

### ମାସିକ ଧର୍ମର ପ୍ରମାଣ ମାଗିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ

## କେନ୍ଦ୍ର-ହରିୟାଣା ସରକାରଙ୍କୁ ମାଗିଲେ ଜବାବ

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି):ହରିୟାଣାର ମହର୍ଷି ଦୟାନନ୍ଦ ୟୁନିଭର୍ସିଟିରେ ମହିଳା ସଫେଇ କର୍ମଚାରୀଙ୍କୁ ମାସିକ ଧର୍ମର ପ୍ରମାଣ ମାଗିବା ମାମଲାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏହାକୁ କେନ୍ଦ୍ର, ହରିୟାଣା ସରକାର ଏବଂ ଅନ୍ୟ ପକ୍ଷଙ୍କୁ ଜଷ୍ଟିସ ବିଭି ନାଗରତ୍ନାଙ୍କ ଖଣ୍ଡପୀଠ ଜବାବ ମାଗିଛନ୍ତି। ସୁପ୍ରିମକୋର୍ଟ କହିଥିଲେ ଯେ ଏହା ମହିଳାଙ୍କ ପ୍ରତି ଲୋକଙ୍କ ଭାବନାକୁ ଦେଖାଉଛି। ଯଦି ମହିଳା କର୍ମଚାରୀଙ୍କ ଅନୁପସ୍ଥିତିରେ କୌଣସି ବଡ଼ କାମ ହୋଇପାରୁ ନାହିଁ ତେବେ ଅନ୍ୟ କର୍ମଚାରୀଙ୍କୁ ଡାକିବା କଥା। କର୍ଣ୍ଣାଟକରେ ମାସିକ ଧର୍ମ ସମୟରେ ଛୁଟି ଦିଆଯାଉଛି। କିନ୍ତୁ ଏବେ ଏହି ଛୁଟି ଦେବା ପାଇଁ ମାସିକ ଧର୍ମର ପ୍ରମାଣ ମଗାଯିବ କି ବୋଲି ଜଷ୍ଟିସ ନାଗରତ୍ନା ପଚାରି ଥିଲେ। ସୁପ୍ରିମକୋର୍ଟ ଓକିଲ ସଂଘର ଅଧ୍ୟକ୍ଷ ତଥା ବରିଷ୍ଠ ଓକିଲ ବିକାଶ ସିଂହ କହିଥିଲେ ଯେ ଏହା ଏକ ଗମ୍ଭୀର ମାମଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ। କେନ୍ଦ୍ର ଓ ହରିୟାଣା ସରକାରଙ୍କୁ ଏହାର ବିସ୍ତୃତ ଯାଞ୍ଚ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଥିଲେ।

## ୟୁରୋପ ଉପରେ ରୁଷ୍ କେବେ ଆକ୍ରମଣ କରିବନି: ପୁଟିନ

ବିଶକେକ୍, ୨୮ ।୧୧(ଏଜେନ୍ସି): ରୁଷିଆ ୟୁରୋପ ଉପରେ କେବେ ବି ଆକ୍ରମଣ କରିବ ନାହିଁ ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି। ଯଦି ୟୁରୋପ ଚାହିଁବ ତେବେ, ଲିଖିତ ଭାବେ ପ୍ରତିଶ୍ରୁତି ଦେବାକୁ ପ୍ରସ୍ତୁତ ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୟୁରୋପ ଉପରେ ରୁଷ୍ ଆକ୍ରମଣ କରିବା ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାହାକୁ ସେ ବେକାର କଥା ବୋଲି କହିଛନ୍ତି। ୟୁରୋପୀୟ ନେତାମାନେ କେବଳ ଅସ୍ତ୍ରଶସ୍ତ୍ର କମ୍ପାନୀଗୁଡିକୁ ଖୋସାମତି କରୁଛନ୍ତି। ଏହି ନେତାମାନେ ନିଜ ଲୋକଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି। ଏହା ପୂର୍ବରୁ ଜର୍ମାନୀର ବୈଦେଶିକ ମନ୍ତ୍ରୀ ୟୋହାନ ୱାଡଫୁଲ ଅଭିଯୋଗ କରିଥିଲେ ଯେ, ରୁଷିଆ ଆଗାମୀ ୪ ବର୍ଷ ମଧ୍ୟରେ କୌଣସି ନାଟୋ ଦେଶ ଉପରେ ଆକ୍ରମଣ କରିପାରେ। ୨୦୨୯ ପର୍ଯ୍ୟନ୍ତ ରୁଷିଆ ନାଟୋ ବିପକ୍ଷରେ ଯୁଦ୍ଧ କରିବାକୁ ପ୍ରସ୍ତୁତି କରୁଛି ବୋଲି ଜର୍ମାନୀର ଗୁଇନ୍ଦା ସଂସ୍ଥା କହିଥିବା କଥା ୱାଡଫୁଲ କହିଥିଲେ। ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ଆମେରିକା, ୟୁରୋପ ଓ ୟୁକ୍ରେନ ମଧ୍ୟରେ ଶାନ୍ତି ଯୋଜନା ନେଇ ଆଲୋଚନା ଚାଲିଥିବା ବେଳେ ପୁଟିନ ଏହି ଟିପ୍ପଣୀ ଦେଇଛନ୍ତି। କିନ୍ତୁ ରୁଷିଆ ଅଞ୍ଚଳରେ ଥିବା ୟୁକ୍ରେନ ସୈନିକଙ୍କୁ ପଛକୁ ହଟିବାକୁ ହେବ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। କିନ୍ତୁ ରୁଷିଆ ଏବେ ୟୁକ୍ରେନର ୧୯ ପ୍ରତିଶତ ଅଂଶକୁ କବ୍‌ଜା କରିନେଇଛି।

## ପ୍ରତିଦିନ ରଣକୌଶଳରେ ପରିବର୍ତ୍ତନ ହେଉଛି: ସିଡିଏସ୍

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଆଧୁନିକ ଯୁଦ୍ଧର ରଣକୌଶଳ ପ୍ରତିଦିନ ପରିବର୍ତ୍ତନ ହେବାରେ ଲାଗିଛି ବୋଲି ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଅନୀଲ ଚୌହାନ କହିଛନ୍ତି। ଭବିଷ୍ୟତ ପାଇଁ ଯେଉଁ ରଣନୀତି ପ୍ରସ୍ତୁତ ହେଉଛି ତାହା ଲାଗୁ ହେବା ପୂର୍ବରୁ ହିଁ ପୁରୁଣା ହେଇ ଯାଉଛି। ତେଣୁ ସେନାକୁ ଏଭଳି ବିପଦ ନେବାକୁ ପଡୁଛି। ଭବିଷ୍ୟତର ଯୁଦ୍ଧ ପାଇଁ ପୂର୍ବାନୁମାନ ଓ ପ୍ରସ୍ତୁତ କରିବା ଆମର ଅସ୍ତିତ୍ୱ ସହିତ ଜଡିତ। ଏ ନେଇ ଦ୍ୱିତୀୟ ବିକଳ୍ପ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଦିଲ୍ଲୀର ସାମ ମାଣିକସା ସେଣ୍ଟରରେ ଚାଲିଥିବା ଚାଣକ୍ୟ ଡିଫେନ୍ସ ଡାଏଲଗରେ ଯୋଗ ଦେଇ ସିଡିଏସ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଥିଲେ ଯେ ଯୁଦ୍ଧ ଏବେ ଜଳ, ସ୍ଥଳ ଓ ଆକାଶରେ ସୀମିତ ହୋଇ ରହିନାହିଁ। ଏହା ସାଇବର, ଗଣମାଧ୍ୟମ ସମେତ ଆହୁରି କେତୋଟି କ୍ଷେତ୍ରକୁ ବ୍ୟାପିଗଲାଣି।

## ସୀମାରେ ରୋବୋଟ୍ ମୁତୟନ କରିବ ଚୀନ୍

ବେଜିଂ, ୨୮ ।୧୧(ଏଜେନ୍ସି): ନିଜ ସୀମାରେ ସେନା ସହିତ ରୋବୋଟ ସୈନ୍ୟ ନିୟୋଜିତ କରିବାକୁ ଚୀନ୍ ନିଷ୍ପତ୍ତି ନେଇଛି। ଏହାକୁ ସାକାର କରିବାକୁ ଆଗାମୀ ଦୁଇବର୍ଷ ମଧ୍ୟରେ ଚୀନ୍ ୧୦ ହଜାର ରୋବୋଟ ସୈନ୍ୟ ପ୍ରସ୍ତୁତ କରିବ। ଏଥିପାଇଁ ୟୁପିଟେକ୍ ରୋବୋଟିକ୍ସକୁ ୨୬୪ ମିଲିୟନ ୟୁଆନ ଅର୍ଥାତ ୩୭ ମିଲିୟନ ଡଲାରର ଏକ ବଡ଼ ଅର୍ଡର ମିଳିଛି। ଭିଏତନାମ ସୀମାରେ ଚୀନ୍ ପ୍ରଥମେ ଏହି ରୋବୋଟକୁ ନିୟୋଜିତ କରିବ। ପାଟ୍ରୋଲିଂ ସହିତ ରୋବୋଟ ସୀମା ଉପରେ ତୀକ୍ଷ୍ଣ ନଜର ରଖିବେ। ସୀମା ଭିତରକୁ ଓ ବାହରକୁ ଯାଉଥିବା ପର୍ଯ୍ୟଟକଙ୍କୁ ଦିଗଦର୍ଶନ ମଧ୍ୟ ଦେବେ।

### ରାହୁଲ ଗାନ୍ଧୀଙ୍କ ପ୍ରଶ୍ନ

# ଦିଲ୍ଲୀ ପ୍ରଦୂଷଣକୁ ନେଇ କେନ୍ଦ୍ର ଚୁପ୍ କାହିଁକି



- ଶିଶୁ ବିଷାକ୍ତ ବାୟୁରେ ବଢୁଥିବା କହୁଛନ୍ତି ମାଆ
- ସଂସଦରେ ବିସ୍ତୃତ ଚର୍ଚ୍ଚା ଦାବି କଲେ ରାହୁଲ
- ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତି ସୃଷ୍ଟି କରିଛି ପ୍ରଦୂଷଣ
- ପିଲାଙ୍କୁ ବାହାନା ନୁହେଁ, ସ୍ୱଚ୍ଛ ବାୟୁ ଦରକାର

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଭାରତ ସାରା ବିଶ୍ୱରେ ନିନ୍ଦିତ ହେଉଛି। ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାରେ ଦିଲ୍ଲୀ ଶୀର୍ଷରେ ରହିଛି। ପ୍ରତି ବର୍ଷ ଏହି ସମସ୍ୟା ସୃଷ୍ଟି ହେଉଥିବାବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରଦୂଷଣକୁ ନେଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ଦିଆଯାଉଛି। ମାତ୍ର ଏହା କେବଳ ପ୍ରଚାରପ୍ରସାର ସୀମିତ ରହୁଛି। ତେଣୁ ପ୍ରଦୂଷଣର ଫଳ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଦୂଷଣରେ ରୁଦ୍ଧି ହୋଇଯାଉଛନ୍ତି। ଏହାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରଦୂଷଣ ବୃଦ୍ଧିକୁ ନେଇ ମୋଦୀ ଚୁପ୍ କାହିଁକି ବୋଲି ସେ ପଚାରିଛନ୍ତି। ପ୍ରଦୂଷଣକୁ ରୋକିବା ପାଇଁ ସରକାର କୌଣସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। କୌଣସି ଯୋଜନା ମଧ୍ୟ କରୁନାହାନ୍ତି। ଆଉ ଉତ୍ତରଦାୟିତ୍ୱ ମଧ୍ୟ ନେଉନାହାନ୍ତି। ଦିଲ୍ଲୀ ମହିଳାଙ୍କ ସହ ପ୍ରଦୂଷଣ ଉପରେ ଆଲୋଚନା କରି ରାହୁଲ ଏହି ଟିପ୍ପଣୀ ଦେଇଥିଲେ। ସେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି।

ରାହୁଲ ଲେଖିଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣକୁ ନେଇ ମାଆମାନେ ଚିନ୍ତିତ ଅଛନ୍ତି। ଶିଶୁମାନେ ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେଇ ବଡ଼ ହେଉଥିବା ମାଆମାନେ କହୁଛନ୍ତି। ଲୋକେ ଥକିଗଲେଣି, ଭୟଭୀତ ହେଲେଣି ଏବଂ କ୍ରୋଧ ପ୍ରକାଶ କରୁଛନ୍ତି। ମୋଦୀ ଜୀ ଭାରତର ଶିଶୁ ଆମ ସାମ୍ନାରେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ଏହା ସହିତ ଡିସେମ୍ବର ୧ରୁ ଆରମ୍ଭ ହେଉଥିବା ଶୀତକାଳୀନ ଅଧିବେଶନରେ ପ୍ରଦୂଷଣ ଉପରେ ବିସ୍ତୃତ ଆଲୋଚନା କରିବାକୁ ରାହୁଲ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହି ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏକ କଠୋର ଏବଂ ତୁରନ୍ତ କାର୍ଯ୍ୟକାରୀ ହୋଇ ପାରୁଥିବା କାର୍ଯ୍ୟଖସଡ଼ାର ଆବଶ୍ୟକତା ରହିଛି। ପିଲାଙ୍କୁ ବାହାନା ନୁହେଁ, ବରଂ ସ୍ୱଚ୍ଛ ବାୟୁ ଦରକାର। ଶିଶୁଙ୍କ କଷ୍ଟ ମାଆଙ୍କୁ ଗଭୀର ଆଘାତ ଦେଉଛି। ଏହା ତାଙ୍କୁ ପ୍ରଭାବିତ କରୁଛି।

ଦିଲ୍ଲୀରେ ପ୍ରଦୂଷଣ ବିରୋଧରେ ଲଢୁଥିବା ଏଭଳି କିଛି ସାହସୀ ମହିଳାଙ୍କୁ ରାହୁଲ ଆଜି ମାଆ ସୋନିଆ ଗାନ୍ଧୀଙ୍କ ବାସଭବନରେ ଭେଟି ବିସ୍ତୃତ ଆଲୋଚନା କରିଛନ୍ତି। ସେମାନେ କେବଳ ନିଜର ନୁହେଁ, ସାରା ଦେଶରେ ଶିଶୁଙ୍କ ଭବିଷ୍ୟତକୁ ନେଇ ଭୟଭୀତ ଥିବା ଉଲ୍ଲେଖ କରିଥିଲେ।

ରାହୁଲ କହିଥିଲେ ଯେ ବିଷାକ୍ତ ବାୟୁ ଯୋଗୁଁ ଶିଶୁ ଫୁସ୍‌ଫୁସ, ହୃତ୍‌ପିଣ୍ଡ ଏବଂ ମାନସିକ ରୋଗର ଶିକାର ହେଉଛନ୍ତି। ଏଭଳି ଭୟାନକ ସ୍ଥିତି ସତ୍ତ୍ୱେ କେନ୍ଦ୍ର ସରକାର ହାତରେ ହାତ ପକାଇ ବସି ରହିଛନ୍ତି। ସମୟ ଦ୍ରୁତଗତିରେ ହାତରୁ ଖସି ଚାଲିଛି। ପ୍ରଦୂଷଣ ଉପରେ ତୁରନ୍ତ ଚର୍ଚ୍ଚା ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଜରୁରୀ। ସ୍ୱଚ୍ଛ ବାୟୁ ପାଇଁ ଶିଶୁଙ୍କ ସଂଘର୍ଷକୁ ବନ୍ଦ କରିବା ନିମନ୍ତେ ଏହା ଜରୁରୀ। ସୁସ୍ଥ, ସୁରକ୍ଷିତ ପରିବେଶରେ ଶିଶୁଙ୍କୁ ବଡ଼ ହେବା ପାଇଁ ସୁଯୋଗ ଦେବା ଆବଶ୍ୟକ। ସୂଚନାଯୋଗ୍ୟ ଯେ ଦିଲ୍ଲୀ ବାୟୁ ଏବେ ସବୁଠୁ ବିପଜ୍ଜନକ ସ୍ତରରେ ରହିଛି। ଆଜି କିଛି ଅଞ୍ଚଳରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୪୫ ଥିଲା। ସେହିପରି ଗୁରୁବାର ଏହା ୪୯୩, ବୁଧବାର ୩୦୦, ମଙ୍ଗଳବାର ୩୯୬, ସୋମବାର ୪୬୬, ରବିବାର ୪୭୦, ଶନିବାର ୪୫୧ ଏବଂ ଗତ ଶୁକ୍ରବାର ୪୦୦ ରେକର୍ଡ କରାଯାଇଥିଲା।

### କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିବାଦରେ ହାଇକମାଣ୍ଡଙ୍କ ହସ୍ତକ୍ଷେପ

## ଡିକେଙ୍କୁ ଜଳଖିଆ ପାଇଁ ଡାକିଲେ ସିଦ୍ଧରମେୟା

ବେଙ୍ଗାଲୁରୁ, ୨୮।୧୧ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ନେଇ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଏଥିରେ ହସ୍ତକ୍ଷେପ କରି ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ଫୋନ କରିଛନ୍ତି। ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମେୟା ଏବେ ଡିକେଙ୍କୁ ଜଳଖିଆ ପାଇଁ ଶନିବାର ନିଜ ବାସଭବନକୁ ଡକାଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ବାକ୍‌ଯୁଦ୍ଧକୁ କଂଗ୍ରେସର ବରିଷ୍ଠ ନେତାମାନେ ସମାଲୋଚନା କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ମୁହାଁମୁହିଁ ହେବା ପରେ ଡିକେ ଏବଂ ଶିବକୁମାର ଆଜି ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ଅଙ୍ଗନବାଡ଼ି କାର୍ଯ୍ୟକ୍ରମର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମାରୋହରେ ଦୁଇ ନେତା ଏହି ପ୍ରସଙ୍ଗକୁ ଇଙ୍ଗିତ କରି ମନ୍ତବ୍ୟ ଦେଇଥିଲେ। ଏଠାରେ ସିଦ୍ଧରମେୟା କହିଥିଲେ ଯେ ସୋନିଆ ଗାନ୍ଧୀ କ୍ଷମତା ତ୍ୟାଗ କରିଥିଲେ। ୨୦୦୪ରେ ସୋନିଆ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ଦିବଂଗତ ରାଷ୍ଟ୍ରପତି ଅବଦୁଲ କଲାମ ଚାହୁଁଥିଲେ। କିନ୍ତୁ ସୋନିଆ କ୍ଷମତା ତ୍ୟାଗ କରି ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନାମ ପ୍ରସ୍ତାବ ଦେଇଥିବା କହିଥିଲେ।

ଏହା ପୂର୍ବରୁ ଶିବକୁମାର କହିଥିଲେ ଯେ ମୋର କିଛି ଦରକାର ନାହିଁ। ମୁଁ ତରବରିଆ ହେଉ ନାହିଁ। ଦଳ ଏହି ନିଷ୍ପତ୍ତି ନେବ। ମୁଁ କୌଣସି ସମୁଦାୟର ରାଜନୀତି ଚାହୁଁନାହିଁ। କଂଗ୍ରେସ ହିଁ ମୋର ସମୁଦାୟ ଏବଂ ସବୁ ବର୍ଷ ମୋତେ ଭଲ ପାଆନ୍ତି। ଅନ୍ୟପଟେ ଡିକେ ଆଜି ମଲ୍ଲୁର, କୋଲାର, ମୁଲବଗଲ ଏବଂ କୁନିଗଲର କଂଗ୍ରେସ ବିଧାୟକ ଏବଂ ନେତାଙ୍କୁ ଭେଟିଛନ୍ତି। ସେ ରାତିରେ ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିଥାନ୍ତେ। କିନ୍ତୁ ଏବେ ତାଙ୍କୁ ଜଳଖିଆ ପାଇଁ ଡକାଯାଇଛି।

## ଗରିବଙ୍କ ପାଇଁ ଅଧରାତି ପର୍ଯ୍ୟନ୍ତ ଚାଲିବ ସୁପ୍ରିମକୋର୍ଟ: ସିଜେଆଇ




ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଗରିବଙ୍କୁ ନ୍ୟାୟ ଦେବାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ। ଏଭଳି ଲୋକଙ୍କ ପାଇଁ ସୁପ୍ରିମକୋର୍ଟରେ ଅଧ ରାତି ପର୍ଯ୍ୟନ୍ତ ବସିପାରିବି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ସହ ଏକ ମାମଲାର ଶୁଣାଣି କରୁଥିବା ସମୟରେ ସିଜେଆଇ ଏହି ଟିପ୍ପଣୀ ଦେଇଥିଲେ। ସେ କହିଥିଲେ ଯେ ମୋ କୋର୍ଟରେ କୌଣସି ଡ୍ରାମା ଚାଲିବ ନାହିଁ। ବ୍ୟୟବହୁଳ ମାମଲାକୁ ଧନୀ ଲୋକ ହିଁ ଲଢ଼ିଥାନ୍ତି। କହିବାକୁ ଚାହୁଁଛି ଯେ ସବୁଠାରୁ ଗରିବ ଏବଂ ଅନ୍ତିମ ପର୍ଯ୍ୟାୟର ବ୍ୟକ୍ତି ପାଇଁ ମୁଁ ଏଠାରେ ରହିଛି। ଆବଶ୍ୟକ ପଡ଼ିଲେ ତାଙ୍କ ପାଇଁ ରାତି ଅଧ ପର୍ଯ୍ୟନ୍ତ ବସିପାରିବି। ତିଲକ ସିଂହ ଡାଙ୍ଗି ନାମକ ବ୍ୟକ୍ତି କେନ୍ଦ୍ର ସରକାର ଏବଂ ଅନ୍ୟମାନଙ୍କ ବିରୋଧରେ ଏହି ମାମଲା ଦାଏର କରିଥିଲେ। ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ହରିୟାଣା ହିସାର ଜିଲ୍ଲାର ଏକ ମଧ୍ୟବିତ୍ତ ପରିବାରରୁ ଆସୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଗତ ୨୪ ତାରିଖରେ ଭାରତର ୫୩ ତମ ସିଜେଆଇ ହୋଇଥିଲେ।

## ପୁଅ ମାଗିଲେ ପ୍ରମାଣ: ଇମ୍ରାନ ଜୀବିତ କି ମୃତ

ଇସଲାମାବାଦ, ୨୮।୧୧ (ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ହତ୍ୟାକୁ ନେଇ ଚର୍ଚ୍ଚା ଥମିବାର ନା ଧରୁନି। ଦୀର୍ଘ ଦିନ ହେଲା ଇମ୍ରାନଙ୍କୁ ଭେଟିବା ପାଇଁ କାହାକୁ ଅନୁମତି ଦିଆଯାଉ ନ ଥିବାରୁ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନୀର ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ସନ୍ଦେହ ସୃଷ୍ଟି ହେଉଛି। ଏବେ ବାପା ଜୀବିତ ଅଛନ୍ତି କି ନାହିଁ ତାହାର ପ୍ରମାଣ ଇମ୍ରାନଙ୍କ ପୁଅ କାସିମ ଖାନ ମାଗିଛନ୍ତି। ଇମ୍ରାନ ବଞ୍ଚିଛନ୍ତି ନା ନାହିଁ ତାହା କେହି ଜାଣି ନ ଥିବା ସେ କହିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ୮୪୫ ଦିନ ତଳେ ବାପାଙ୍କୁ ଗିରଫ କରାଯାଇଥିଲା। ଗତ ୬ ସପ୍ତାହ ହେଲା ତାଙ୍କୁ ମୃତ୍ୟୁ ଯନ୍ତାରେ ରଖାଯାଇଥିଲା। ଅନ୍ୟପକ୍ଷରେ ଆଜି ଇମ୍ରାନଙ୍କ ସମର୍ଥନରେ ଖୈବର ପଖତୁନଖ୍ୱା ରାଜ୍ୟର ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରିଦି ରାୱାଲପିଣ୍ଡିର ଅଡିୟାଲ ଜେଲକୁ ଯାଇଥିଲେ। କିନ୍ତୁ ପୁଲିସ ମୁଖ୍ୟମନ୍ତ୍ରୀଙ୍କୁ ବି ଛାଡ଼ି ନ ଥିଲା। ପୁଲିସ ସୋହେଲଙ୍କୁ ରାସ୍ତାରେ ଗୁଡେଇ ତୁଡ଼େଇ ପିଟି ଥିଲା। ଖୁନ୍ଦା ବିନ୍ଧା ମଧ୍ୟ ମାରିଥିଲେ। ସେନାର ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ କରାଗଲା ବୋଲି ଜଣାପଡ଼ିଛି।

## ଶ୍ରୀରାମଙ୍କ ସର୍ବୋଚ୍ଚ ପ୍ରତିମା ଉନ୍ମୋଚନ କଲେ ମୋଦୀ



ବେଙ୍ଗାଲୁର, ୨୮ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦକ୍ଷିଣ ଗୋଆର କାନାକୋନାରେ ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜିବୋତମ ମଠରେ ପୂଜାର୍ଚ୍ଚନା କରିଛନ୍ତି। ଏଠାରେ ସେ ୭୭ ଫୁଟର ଶ୍ରୀରାମଙ୍କ ବ୍ରୋଞ୍ଜ୍ ପ୍ରତିମା ଉନ୍ମୋଚନ କରିଛନ୍ତି। ଶ୍ରୀରାମଙ୍କର ଏହି ପ୍ରତିମା ବିଶ୍ୱର ସବୁଠାରୁ ଉଚ୍ଚ ବୋଲି ବିବେଚନା କରାଯାଇଛି। ‘ଷ୍ଟାଚ୍ୟୁ ଅଫ୍ ୟୁନିଟି’ର ଶିଳ୍ପକାର ରାମ ସୁତାର ଏହି ମୂର୍ତ୍ତି ତିଆରି କରିଛନ୍ତି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୋଦୀ ବିଶେଷ ସ୍ମାରକ ଡାକଟିକେଟ ଓ ଏକ ମୁଦ୍ରା ମଧ୍ୟ ଜାରି କରିଛନ୍ତି। ସେ ମଧ୍ୟ ମଠ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରାମାୟଣ ଥିମ ପାର୍କ ଗାର୍ଡେନର ଉଦ୍‌ଘାଟନ କରିଛନ୍ତି। ଏହା ପୂର୍ବରୁ ସେ କର୍ଣ୍ଣାଟକର ଉଡୁପୀରେ ଶ୍ରୀ କୃଷ୍ଣ ମଠରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ସୁବର୍ଣ୍ଣ ତୀର୍ଥ ମଣ୍ଡପର ଉଦ୍‌ଘାଟନ କରିବା ସହ ସୁନାର କଳସ ଚଢ଼ାଇ ଏକ ଲକ୍ଷ ଲୋକଙ୍କ ସହ ଶ୍ରୀମଦ ଭାଗବତ ଗୀତା ପାଠ କରିଥିଲେ।

## ଏସିଆ ପାୱାର ଇଣ୍ଡେକ୍ସରେ ଆମେରିକା, ଚୀନ୍ ପରେ ଭାରତ ତୃତୀୟ

- ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା ମୂଲ୍ୟାଙ୍କନରେ ବୃଦ୍ଧି
- ନିବେଶରେ ଚୀନ୍‌କୁ ପଛରେ ପକାଇଲା

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଏସିଆ ପାୱାର ଇଣ୍ଡେକ୍ସରେ ୨୭ଟି ଦେଶକୁ ନେଇ ପ୍ରକାଶିତ ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଥିବାବେଳେ ପାକିସ୍ତାନ ୧୬ତମ ସ୍ଥାନରେ ରହିଛି। ଅର୍ଥାତ ପାକିସ୍ତାନକୁ ଏସିଆର ଶ୍ରେଷ୍ଠ-୧୦ରେ ସ୍ଥାନ ମିଳିନାହିଁ। ପୂର୍ବାପେକ୍ଷା ଭାରତର ସାମରିକ ଶକ୍ତି ଓ ସାମର୍ଥ୍ୟ ଦ୍ରୁତଗତିରେ ବୃଦ୍ଧି ପାଇଛି। ଅଷ୍ଟ୍ରେଲିଆ ଥିଙ୍କ୍ ଟ୍ୟାଙ୍କ ଲୋଇ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିବର୍ଷ ଏହି ପାୱାର ଇଣ୍ଡେକ୍ସ ଜାରି କରିଥାଏ। ଏହି ର୍‍ୟାଙ୍କିଂରେ ଆମେରିକା ଓ ଚୀନ୍ ପଛକୁ ଭାରତ ତୃତୀୟ ସ୍ଥାନ ଅଧିକାର କରିଛି। କିନ୍ତୁ ନିବେଶରେ ଭାରତ ଚୀନ୍‌କୁ ପଛରେ ପକାଇ ଦେଇଛି। ରିପୋର୍ଟ ଅନୁଯାୟୀ ଭାରତ ଏକ ବୃହତ୍ ଶକ୍ତି ବିବେଚିତ ହେଉଛି। ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା ମୂଲ୍ୟାଙ୍କନରେ ଭାରତ ତା’ର ସ୍ଥିତିକୁ ଆହୁରି ଦୃଢ଼ କରିଛି। ଯେଉଁ ଦେଶର ଅଙ୍କ ୪୦ କିମ୍ବା ତା’ଠାରୁ ଅଧିକ ହୋଇଥାଏ ସେହି ଦେଶକୁ ମେଜର ପାୱାର ବା ବୃହତ ଶକ୍ତି ବୋଲି କୁହାଯାଇଥାଏ। ପ୍ରଥମଥର ପାଇଁ ଭାରତ ଏହି ମେଜର ପାୱାର ରେଖା ପାର କରିଛି। ସୈନ୍ୟ କ୍ଷମତା ଓ ଡିଫେନ୍ସ ନେଟ୍‌ୱର୍କ, ଆର୍ଥିକ କ୍ଷମତା, କୂଟନୈତିକ ତଥା ସାଂସ୍କୃତିକ ପ୍ରଭାବ ଏବଂ ଭବିଷ୍ୟତର ସଂଶାଧନ ଭଳି ମାପଦଣ୍ଡକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଥାଏ। ସଦ୍ୟ ପ୍ରକାଶିତ ତାଲିକା ଏସିଆ ପାୱାର ଇଣ୍ଡେକ୍ସର ୭ମ ସଂସ୍କରଣ। ଏଥିରେ ୨୭ଟି ଦେଶକୁ ସାମିଲ କରାଯାଇଛି। ଆମେରିକା ୮୧.୭ ଅଙ୍କ ହାସଲ କରି ପୁଣି ଥରେ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଚୀନ୍ ୭୩.୭ ଅଙ୍କ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ୧୦୦ରୁ ଏହି ଅଙ୍କ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଚୀନ୍‌ର ଗୋଟିଏ ଓ ଭାରତ ୨ ଅଙ୍କ ବୃଦ୍ଧି ପାଇଛି। ଭାରତ ୧୦୦ରୁ ୪୦ ଅଙ୍କ ହାସଲ କରିଛି। ରୁଷ ୩୨.୧ ଅଙ୍କ ସହ ୫ମ ସ୍ଥାନରେ ରହିଛି। ସେହିପରି ଜାପାନ ୩୮.୮ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ପାକିସ୍ତାନ ୧୪.୫ ଅଙ୍କ ହାସଲ କରିଛି।

### ଟ୍ରମ୍ପଙ୍କ ଏକଛତ୍ରନୀତି

# ଗରିବ ରାଷ୍ଟ୍ରର ଶରଣାର୍ଥୀଙ୍କୁ ପଶିବାକୁ ଦେବୁନି

- ଆମେରିକାକୁ ଭଲ ପାଉ ନ ଥିବା ଲୋକଙ୍କୁ ବାହାର କରିବୁ



ୱାଶିଂଟନ, ୨୮।୧୧ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଏକ ଏକଛତ୍ରନୀତିକୁ ନେଇ ଭୟ ସୃଷ୍ଟି ହୋଇଛି। କଥା କଥାରେ ମାନବାଧିକାର ପ୍ରସଙ୍ଗ ଉଠାଉ ଥିବା ଆମେରିକାର ଏହି ରାଷ୍ଟ୍ରପତି ‘ଥାର୍ଡ ୱାଲ୍ଡ କଣ୍ଟ୍ରି’ ତଥା ଗରିବ ଦେଶରୁ ଆସୁଥିବା ଶରଣାର୍ଥୀଙ୍କ ଉପରେ ସବୁବେଳ ପାଇଁ କଟକଣା ଲଗାଇବାକୁ ଘୋଷଣା କରିଛନ୍ତି। ଏପରି କରି ଆମେରିକାକୁ ପୁଣିଥରେ ମଜବୁତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏହା ସହିତ ଆମେରିକାରୁ ଭଲ ପାଉ ନ ଥିବା ଲୋକଙ୍କୁ ଦେଶରୁ ବିଦା କରାଯିବ ବୋଲି ସେ ଘୋଷଣା କରିଛନ୍ତି।

‘ଥାର୍ଡ ୱାଲ୍ଡ କଣ୍ଟ୍ରି’ର କୌଣସି ଆଇନଗତ ଅର୍ଥ ନାହିଁ। କିନ୍ତୁ ଆଫ୍ରିକା, ଏସିଆ, ଲାଟିନ ଆମେରିକା ଏବଂ ମଧ୍ୟପ୍ରାଚ୍ୟର ଗରିବ ଦେଶଗୁଡିକ ତଥା କମ୍ ଆୟକାରୀ ରାଷ୍ଟ୍ରଗୁଡିକ ଏହି ଶ୍ରେଣୀରେ ଆସନ୍ତି। ହ୍ୱାଇଟ ହାଉସ ନିକଟରେ ବୁଧବାର ସକାଳେ ୨ ନ୍ୟାସନାଲ ଗାର୍ଡଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ। ଏହା ପରେ ଶରଣାର୍ଥୀଙ୍କ ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ଆକ୍ରମଣରେ ଆହତ ମହିଳା ଗାର୍ଡ ସାରା ବେକ୍‌ଷ୍ଟ୍ରମ୍ ଆଜି ମୃତ୍ୟୁବରଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଅନ୍ୟ ଗାର୍ଡ ଆଣ୍ଡ୍ର୍ୟୁ ଉଲ୍‌ଫଙ୍କ ସ୍ଥିତି ମଧ୍ୟ ଗୁରୁତର ରହିଛି।

ଟ୍ରମ୍ପ କହିଛନ୍ତି ଯେ ଇମିଗ୍ରେସନ ତଥା ଆପ୍ରବାସନ ନୀତି ପାଇଁ ଆମେରିକୀୟଙ୍କ ଜୀବନ ଖରାପ ହୋଇଗଲାଣି। ଯେଉଁ ଲୋକ ଆମେରିକା ପାଇଁ ଲାଭଦାୟକ ନୁହେଁ କିମ୍ବା ଯେଉଁମାନେ ଦେଶକୁ ଭଲ ପାଉନାହାନ୍ତି ତାଙ୍କୁ ମଧ୍ୟ ହଟାଇ ଦିଆଯିବ। ଆପ୍ରବାସନ ନୀତିକୁ ଅଧିକ କଠୋର କରାଯିବ। ଏହା ପୂର୍ବରୁ ୧୯ ଦେଶରୁ ଆସୁଥିବା ପ୍ରବାସୀଙ୍କୁ କଠୋର ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଟ୍ରମ୍ପ ଗୁରୁବାର କହିଥିଲେ। ମାତ୍ର ୨୪ ଘଣ୍ଟା ଭିତରେ ଟ୍ରମ୍ପ ନିଜ ନୀତି ବଦଳାଇ ଦେଇଛନ୍ତି। ତୃତୀୟ ବିଶ୍ୱର ଦେଶଙ୍କ ଉପରେ ସ୍ଥାୟୀ କଟକଣା ଲଗାଇ ଦେବେ ବୋଲି କହିଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ହୋଇଥିବା କୋଟି କୋଟି ଆପ୍ରବାସନକୁ ରୋକି ଦିଆଯିବ। ବେଆଇନ ଭାବେ ବାଇଡେନ ମଞ୍ଜୁରି ଦେଇଥିବା ଲୋକଙ୍କୁ ମଧ୍ୟ ଦେଶରୁ ହଟାଯିବ।

ହାଇତି, କ୍ୟୁବା, ଟୋଗୋ, ଭେନଜୁଏଲା, ଇକ୍ୱେଟୋରିଅଲ ଗିନି, କଙ୍ଗୋ ରିପବ୍ଲିକ, ଆଫଗାନିସ୍ତାନ, ମ୍ୟାଁମାର, ଲାଓସ, ଇରାନ, ତୁର୍କୀମେନସ୍ତାନ, ସୋମାଲିଆ, ସୁଦାନ, ୟେମେନ, ଇରିଟ୍ରିଆ, ଲିବିଆ, ସିଏରା ଦେଶର ଶରଣାର୍ଥୀଙ୍କୁ ଟ୍ରମ୍ପ ରୋକିଦେବେ। ସେ କହିଛନ୍ତି ଯେ ଅଣ-ନାଗରିକଙ୍କୁ ଆଉ କୌଣସି ସରକାରୀ ସୁବିଧା, କିମ୍ବା ରିଆତିର ଲାଭ ମିଳିବ ନାହିଁ। ଦେଶର ଶାନ୍ତି ଭଙ୍ଗ କରୁଥିବା ପ୍ରବାସୀଙ୍କ ନାଗରିକତା ରଦ୍ଦ କରିଦିଆଯିବ। ସାର୍ବଜନୀନ ବୋଝ, ସୁରକ୍ଷା ପାଇଁ ବିପଦ କିମ୍ବ ପଶ୍ଚିମ ସଭ୍ୟତା ସହ ମେଳ ଖାଉ ନ ଥିବା ଲୋକଙ୍କୁ ଦେଶରୁ ବାହାର କରାଯିବ। ଭୁଲ ଆପ୍ରବାସନ ନୀତି ଯୋଗୁଁ ଆମେରିକାରେ ଅପରାଧ ଏବଂ ଅବ୍ୟବସ୍ଥା ବଢିଯାଇଛି। ଲୋକଙ୍କୁ ପୁଣିଥରେ ନିଜ ଦେଶକୁ ପଠାଇଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଟ୍ରମ୍ପ ଭାବୁଛନ୍ତି।

### ● ଏସ୍ଆଇଆର୍ ମାମଲା

## ନିର୍ବାଚନ କମିଶନଙ୍କୁ ଭେଟିଲେ ଟିଏମ୍‌ସିର ୧୦ ସାଂସଦ

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଦେଶବ୍ୟାପୀ ସ୍ପେଶିଆଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର୍)କୁ ନେଇ ବିବାଦ ଚାଲିଥିବା ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୧୦ ସାଂସଦ ଶୁକ୍ରବାର ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ଦୁଇ ପକ୍ଷ ମଧ୍ୟରେ ପ୍ରାୟ ୨ ଘଣ୍ଟା କଥାବାର୍ତ୍ତା ହୋଇଥିଲା। ଏସ୍ଆଇଆର୍ ପ୍ରକ୍ରିୟା ମୃତ୍ୟୁବରଣ କରିଥିବା ୪୦ ଜଣ ବ୍ଲକ ଲେଭୁଲ ଅଫିସର (ବିଏଲ୍‌ଓ)ଙ୍କ ତାଲିକା କମିଶନଙ୍କୁ ଦେଇଥିଲୁ ବୋଲି ଟିଏମ୍‌ସି ସାଂସଦ ଡେରେକ ଓ ବ୍ରାଏନ କହିଛନ୍ତି। କମିଶନଙ୍କୁ ଆମେ ୫ଟି ପ୍ରଶ୍ନ ପଚାରିଥିଲୁ। କିନ୍ତୁ ତା’ର ଜବାବ ମିଳିଲା ନାହିଁ। ଉଲ୍ଲେଖଥାଉ କି, ଏସ୍ଆଇଆର୍‌କୁ ନେଇ ବିରୋଧୀ ଦଳଗୁଡିକ ତରଫରୁ ଲଗାତର ପ୍ରଶ୍ନ ଉଠାଯାଉଛି। ଡିସେମ୍ବର ପହିଲାରୁ ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡିକ ଏସ୍ଆଇଆର୍ ନେଇ ହଙ୍ଗାମା କରିପାରନ୍ତି। ଗତ ୨୨ ଦିନରେ ୭ଟି ରାଜ୍ୟରେ ୨୫ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ତେବେ କେବଳ ପଶ୍ଚିମବଙ୍ଗରେ ୪୦ ଜଣ ବିଏଲଓ ପ୍ରାଣ ହରାଇଥିବା ଟିଏମସି ଦାବି କରିଛି। ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଡିସେମ୍ବର ୨ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ ଏବେ ଏସ୍ଆଇଆର୍ ଚାଲିଛି। ଏହାର ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୭ରେ ପ୍ରକାଶ ପାଇବ। ଏସ୍ଆଇଆର୍ ପ୍ରଥମ ପର୍ଯ୍ୟାୟ ବିହାରରେ ଗତ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ପୂର୍ବରୁ କରାଯାଇଥିଲା।

## ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଅଭାବନୀୟ ସ୍ଥିତି

# ବେପାରୀଙ୍କୁ ଶାଗମାଛ ମୂଲ୍ୟରେ ଧାନ ବିକିବା ପରେ ଖୋଲୁଛି ମଣ୍ଡି

**ଭୁବନେଶ୍ବର,୨୮ ।୧୧(ସମିସ):** ରାଜ୍ୟ ସରକାର ଗତ ନଭେମ୍ବର ୧ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ନଭେମ୍ବର ୨୭ ତାରିଖ ମଧ୍ୟରେ ମଣ୍ଡି ଖୋଲା ନ ଯିବାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଚାଷୀ ଏମ୍‌ଏସ୍‌ପିଠାରୁ କମ୍ ଦରରେ ବେପାରୀଙ୍କୁ ଶାଗମାଛ ମୂଲ୍ୟରେ ଧାନ ବିକି ସାରିବା ପରେ ମଣ୍ଡି ଖୋଲାଯାଉଛି। ଏହି ସବୁ ଅଞ୍ଚଳର ବହୁ ମିଲର ଚାଷୀଙ୍କଠାରୁ କମ୍ ରେଟରେ ଧାନ କିଣି ଗୋଦାମରେ ରଖି ସାରିଲେଣି ବୋଲି ଜାତୀୟ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ ପଟ୍ଟନାୟକ କହିଛନ୍ତି।

ଏକ ପ୍ରେସ୍ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଚାଷୀ ଅଦ୍ୟାବଧି ଟୋକନ ପାଇ ନାହାଁନ୍ତି କିମ୍ବା ମଣ୍ଡି ଭିତ୍ତିଭୂମି ସୁଦୃଢ଼ ନାହିଁ। ସେପଟେ ସୋସାଇଟିରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ବରଗଡ଼ ପ୍ରଭୃତି ଜିଲ୍ଲାର ଅନେକ ଯୋଗ୍ୟ ଚାଷୀଙ୍କୁ ଧାନ ବିକ୍ରି ପଞ୍ଜୀକରଣରେ ବିଭିନ୍ନ ଆଳ ଦେଖାଇ ବାଦ୍ ଦିଆଯାଇଛି। ଅନେକ ସମୟରେ ପ୍ରତି ବସ୍ତାରେ ୫ରୁ ୭ କେଜି ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନୀ କରାଯାଉଥିବାର ନଜିର ରହିଛି। ଧାନ ପରିଲକ୍ଷିତ ମାପକ ଯନ୍ତ୍ର ବା ଆନାଲାଇଜର ମେସିନ୍‌ରେ ସାଙ୍ଘାତିକ ତ୍ରୁଟି ରହିଥିବାବେଳେ ସରକାରଙ୍କ ଧାନକିଣା ଘୋଷଣା ଚାଷୀଙ୍କ ପାଇଁ କଟା ଘା'ରେ ଚୂନ ସଦୃଶ ହୋଇଛି।

**୩୧୬୯ ଟଙ୍କାରେ ଧାନ ନ କିଣିଲେ ମଣ୍ଡି ଘେରିବ କଂଗ୍ରେସ କୃଷକ ସେଲ୍**

ଧାନ ସଂରକ୍ଷଣ ପାଇଁ ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନିର୍ମାଣ ନ କରିବା ଏବଂ ନିର୍ଦ୍ଧାରିତ ସମୟରେ ଏଫସିଆଇ ଦ୍ୱାରା ଚାଉଳ ନ ଉଠାଇବା ଯୋଗୁଁ ମିଲରମାନଙ୍କ ମନମାନିରେ ଧାନ କିଣା ଯାଉଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଏମଏସପିର ଦେଢ଼ଗୁଣା ବୃଦ୍ଧି କରିବା ସହିତ ଏମଏସପିକୁ ଆଇନଗତ ଗ୍ୟାରେଣ୍ଟିଏବଂ ଧାନ କିଣାର ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ବିଧିବଦ୍ଧ ପଦକ୍ଷେପ ନେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଧାନର ଅଭାବି ବିକ୍ରି ରୋକିବା, ମଣ୍ଡି ସୁଦୃଢ଼ୀକରଣ, ଟୋକନ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ସହିତ ଚାଷୀର ସମସ୍ତ ବଳକା ଧାନକୁ ନିର୍ଦ୍ଧାରିତ ସମୟରେ ଉଚିତ୍ ମୂଲ୍ୟ ୩୧୬୯ଟଙ୍କାରେ କ୍ରୟ କରା ନ ଯାଏ ସରକାର ଓ ପ୍ରଶାସନ ବିରୋଧରେ ରାଜ୍ୟବ୍ୟାପୀ କଂଗ୍ରେସ କୃଷକସେଲ୍ ପକ୍ଷରୁ ମଣ୍ଡି ଘେରଉ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ସାଧାରଣ ନିର୍ବାଚନରେ ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣା ବୃଦ୍ଧି କରାଯିବା ସହିତ ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ଦିଆଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାରି ହୋଇଥିଲେ। ଇତିମଧ୍ୟରେ ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଗଲା ନାହିଁ, କିମ୍ବା ଏମ୍‌ଏସ୍‌ପିର ଆଇନଗତ ମାନ୍ୟତା ମିଳିଲା ନାହିଁ। ଫଳରେ ଚାଷୀ ଗୁରୁତର କ୍ଷତିର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।



ଭୁବନେଶ୍ୱର ବିମାନବନ୍ଦରରେ ପ୍ରଖ୍ୟାତ ସାହିତ୍ୟିକ, ଗୀତିକାର ଜାଭେଦ ଅଖତରଙ୍କୁ ସ୍ୱାଗତ କରୁଛନ୍ତି ସୋଆ କୁଳପତି ପ୍ରଫେସର ଡ. ପ୍ରଦୀପ୍ତ ନନ୍ଦ ଓ ସୋଆ 'ପ୍ରାଚୀନ'ର ଅଧ୍ୟକ୍ଷ ପ୍ରଫେସର ଡ. ଗାୟତ୍ରୀବାଳା ପଣ୍ଡା

# ମହିଳା ହିଂସାକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

**୧୧ ମାସରେ ୨୯୩୩ ଦୁଷ୍କର୍ମ ମାମଲା ରୁଜୁ**

**ଗୋଟିଏ ବି ଘଟଣାରେ ସରକାର ନେଇନାହାନ୍ତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ**

**ଅଞ୍ଜନା, ଛବିରାଣୀଙ୍କ ପାଇଁ ଆଜି ଆମ ଦଳର ଏ ଦୁରବସ୍ଥା: କଂଗ୍ରେସ**

**ଆସନ୍ତାକାଲି ଆପଣମାନଙ୍କର ସମାନ ଅବସ୍ଥା ହେବନି ତ ?**

**ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି: ଶାସକ ଦଳ**

**ଭୁବନେଶ୍ବର,୨୮ ।୧୧(ସମିସ):** ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ନାରୀ ସୁରକ୍ଷା ଏବେ କେବଳ ପ୍ରଚାରସର୍ବସ୍ୱ ପାଲଟିଥିବା ବେଳେ କୌଣସି ଗୋଟିଏ ବି ଘଟଣାରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ମାତ୍ର ୧୧ ମାସରେ ରାଜ୍ୟରେ ୨୯୩୩ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଏପରିକି ବିଦେଶୀ ରାଷ୍ଟ୍ର ଓଡ଼ିଶାକୁ ଗସ୍ତ ବେଳେ ନିଜ ଦେଶର ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରୁଛନ୍ତି। ଗତ ୧୮ ମାସରେ ରାଜ୍ୟରେ ଯେପରି ମହିଳା ବିରୋଧୀ ହିଂସା ବଢ଼ିଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ମାଲକାନଗିରି ଜିଲ୍ଲା ବାଲିମେଲା ଏମଭି-୬୨ ଗ୍ରାମରେ ତିନି ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ ଘଟଣାକୁ ନେଇ ଓଡ଼ିଶା ବିଧାନସଭାରେ ଶୁକ୍ରବାର ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ। ଅପରପକ୍ଷେ ଶାସକ ଦଳ ବିଧାୟକମାନେ ରାଜ୍ୟରେ ମହିଳା ବିରୋଧୀ ହିଂସାରେ ଦୋଷୀଙ୍କ ଦଣ୍ଡବିଧାନ ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ଅଶୋକ ଦାସ କହିଥିଲେ ଯେ ମାଲକାନଗିରି ଜିଲ୍ଲା ବାଲିମେଲା ଏମଭି-୬୨ ଗାଁ ରେ ୩ ଜଣ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଛି। ଏହା କେବଳ ଗୋଟିଏ ଘଟଣା ନୁହେଁ ଏହିଭଳି ରାଜ୍ୟରେ ବିଭିନ୍ନ ସ୍ଥାନରେ ନୀଳଗିରି, ସୋର, ବାଲେଶ୍ୱର, ଢେଙ୍କାନାଳ ଭଳି ସ୍ଥାନରେ ମହିଳାଙ୍କ ଉପରେ ଅତ୍ୟାଚାର ହୋଇଛି। ସରକାରୀ ତଥ୍ୟ ଅନୁସାରେ ୨୦୨୪ ଜୁନ ୨୪ ଠାରୁ ୨୦୨୫ ଜୁଲାଇ ମାସ ମଧ୍ୟରେ ୨,୯୩୩ ଦୁଷ୍କର୍ମ ମାମଲ୍ ପଞ୍ଜୀକୃତ ହୋଇଛି। ସେହିଭଳି ୮,୨୭୦ ଅପହରଣ ମାମଲା ପଞ୍ଜୀକୃତ ହୋଇଛି। ବିଜେପି ସରକାର ମହିଳାଙ୍କ ପ୍ରତି ଉଦାସୀନତା ମନୋଭାବ ପୋଷଣ କରୁଛନ୍ତି। ସେଥିପାଇଁ ଅପରାଧ ବଢ଼ି ଚାଲିଛି। ଅଞ୍ଜନା, ଛବିରାଣୀଙ୍କ ପାଇଁ ଆଜି ଆମର ଏ ଦୁରାବସ୍ଥା ହୋଇଛି। ଆସନ୍ତାକାଲି ଆପଣମାନଙ୍କର ସମାନ ଅବସ୍ଥା ହେବନି ତ ବୋଲି ସେ ପ୍ରଶ୍ନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଥିଲେ ଯେ ମାଲକାନଗିରି ଜିଲ୍ଲା ଉପରେ ସରକାରଙ୍କ କୋପ ଦୃଷ୍ଟି ରହିଛି। ବାରମ୍ବାର ଏହି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ନାବାଳିକା ଓ କଲେଜ ଛାତ୍ରୀ ଗର୍ଭବତୀ ହେବା ଘଟଣା ବାରମ୍ବାର ଘଟୁଛି। ଏଭଳି ଘଟଣା ସାରା ଓଡ଼ିଶାର ମୁଣ୍ଡ ନୁଆଇଁ ଦେଉଛି। ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଲେ ପୁନରାବୃତ୍ତି ହୁଅନ୍ତା ନାହିଁ। ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଏହି ପ୍ରସଙ୍ଗକୁ ସରକାର ହାଲୁକା ଭାବେ ନେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ତିନିଜଣ ଶିଶୁଙ୍କ ସହ ଯୌନ ଉତ୍ପୀଡ଼ନ ହୋଇଥିବା ବେଳେ ଏହାକୁ ସରକାର ଦୁର୍ବ୍ୟବହାର ବୋଲି କହୁଛନ୍ତି। ଯୌନ ଉତ୍ପୀଡ଼ନକୁ ଦୁର୍ବ୍ୟବହାର ବୋଲି କହିବା ପ୍ରମାଣିତ କରିଛି ସରକାର ମହିଳା ସୁରକ୍ଷା ଉପରେ କେତେ ଉଦାସୀନ ଅଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ପୁଲିସକୁ ଅପରାଧୀଙ୍କ ଡର ନାହିଁ। ଅପରାଧ ନିୟନ୍ତ୍ରଣ ଅପେକ୍ଷା ଭିଆଇପି ସୁରକ୍ଷାରେ ବେଶି ସମୟ ଦେଉଛି। ମାତ୍ରାଧିକ ରାଜନୈତିକ ଚାପ କାରଣରୁ ପୁଲିସର ମନୋବଳ ଭାଙ୍ଗିଗଲାଣି। ମହିଳା ସୁରକ୍ଷା ଏବେ ପ୍ରହସନରେ ପରିଣତ ହୋଇଛି। କେନ୍ଦୁଝରରୁ ମାଲକାନଗିରି ଯାଏ ସବୁଠୁ ନାବାଳିକାକୁ ଦୁଷ୍କର୍ମ କରି ଅପରାଧୀ ଏଯାଏ ଗିରଫ ହୋଇନାହିଁ। ଦିନକୁ ଦିନ ମହିଳା ନିର୍ଯାତନାର ବୃଦ୍ଧି ପାଇବା ଓଡ଼ିଶା ପାଇଁ ଲଜ୍ଜ୍ୟା ବୋଲି ସେ କହିଥିଲେ। ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଦଳର ଅନ୍ୟତମ ବିଧାୟକ ଧ୍ରୁବଚରଣ ସାହୁ ଓ ସାରଦା ଜେନା ପ୍ରମୁଖ ରାଜ୍ୟରେ ମହିଳା ସୁରକ୍ଷାରେ ସରକାରଙ୍କ ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ।

ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକମାନେ ନିଜ ସରକାରଙ୍କୁ କ୍ଲିନଚିଟ ଦେଇଥିଲେ। ଶାସକ ଦଳ ବିଧାୟକ ନରସିଂହ ମାଡକାମି କହିଥିଲେ ଯେ ଦୋଷୀଙ୍କୁ ଦଣ୍ଡ ଦେବାକୁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି। ଅପରାଧ ଓ ଅପରାଧୀ ତଥା ମହିଳା ସୁରକ୍ଷା ପ୍ରତି ଶୂନ୍ୟ ସହନଶୀଳ ନୀତି ଜାରି ରହିଛି। ବିଧାୟିକା ସଞ୍ଜଲି ମୁର୍ମୁ ରାଜ୍ୟ ସରକାର ପୁଲିସିଂ ବ୍ୟବସ୍ଥାକୁ କିପରି ଶସକ୍ତ କରିଛନ୍ତି, ତାହା ନିଜ ବିବୃତିରେ ଉଲ୍ଲେଖ କରିଥିଲେ। ବିଧାୟକ ବାବୁ ସିଂ କହିଥିଲେ ଯେ ଆମ ସରକାର କୌଣସି ଅପରାଧ କିମ୍ବା ଅପରାଧୀଙ୍କୁ କେବେ ଘଣ୍ଟ ଘୋଡ଼ାଇ ନାହାନ୍ତି। ମାଲକାନଗିରି ଘଟଣାରେ ୨୪ ଘଣ୍ଟାରେ ଆସାମୀଙ୍କୁ ଗିରଫ କରାଯାଇଛି। ସେହିପରି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏନସିଆରବି ରିପୋର୍ଟରେ ରାଜ୍ୟରେ ମହିଳା ସମ୍ପର୍କିତ ହିଂସା କମିଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ।

# ରାଜନୀତିକ କାରଣରୁ ମହିଳା ସୁରକ୍ଷିତ ନୁହନ୍ତି ବୋଲି କହୁଛନ୍ତି ବିରୋଧୀ: ମନ୍ତ୍ରୀ

**ମହିଳା ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ସରକାର**

**୧୫ ମାସରେ ପ୍ରାୟ ୯୦୦୦ ପୁଲିସ, ଆଗ୍ନିକ ନିଯୁକ୍ତି ହେଲାଣି**

**ଭୁବନେଶ୍ବର, ୨୮।୧୧ (ସମିସ):** କେବଳ ରାଜନୀତିକ କାରଣରୁ ରାଜ୍ୟରେ ମହିଳା ସୁରକ୍ଷିତ ନାହାନ୍ତି ବୋଲି ବିରୋଧୀ ଦଳ କହୁଛନ୍ତି। ଏପରି କହି ପରୋକ୍ଷରେ ମହିଳାମାନଙ୍କୁ ଅପମାନିତ କରିବା ଏବଂ ନିନ୍ଦିତ କରିବାରୁ ବିରୋଧୀ କ୍ଷାନ୍ତ ରୁହନ୍ତୁ। ସରକାର ସବୁବେଳେ ମହିଳା ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଶୁକ୍ରବାର କଂଗ୍ରେସ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ନୂଆ ସରକାର ଆସିବା ପରେ ରାଜ୍ୟରେ ଅପରାଧ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି। ଦୁଷ୍କର୍ମ ମାମଲା ୩.୩ ପ୍ରତିଶତ ହ୍ରାସ ପାଇଥିବା ବେଳେ ଯୌନ ନିର୍ଯାତନା ମାମଲା ସ୍ଥିର ରହିଛି। ଏସିଡ ଆକ୍ରମଣ ୬୬.୭ ପ୍ରତିଶତ ଏବଂ ଯୌତୁକ ଜନିତ ମାମଲା ୨୦.୬ ପ୍ରତିଶତ ହ୍ରାସ ପାଇଛି। ଅପରପକ୍ଷେ ପୂର୍ବ ସରକାରଙ୍କ ପାଖରେ ଆବଶ୍ୟକ ପୁଲିସ ନ ଥିଲେ; ପ୍ରାୟ ୧୬୦୦୦ ପଦବୀ ଖାଲି ପଡିଥିଲା। ତଦନ୍ତ ପାଇଁ ପୁଲିସ ପାଖରେ ଆବଶ୍ୟକ ଉପକରଣ ନ ଥିଲା। ମାତ୍ର ଆମ ସରକାରଙ୍କ ଗୋଟିଏ ଲକ୍ଷ୍ୟ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ସକ୍ଷମ ହେଉ। ସେଥିପାଇଁ ଗତ ୧୫ ମାସରେ ପ୍ରାୟ ୯୦୦୦ ପୁଲିସ, ଆଗ୍ନିକ ନିଯୁକ୍ତି ହେଲାଣି। ରାଜ୍ୟର ସମସ୍ତ ୬୪୯ ଥାନାରେ ମହିଳା ଓ ଶିଶୁ ଡେସ୍କ କାମ କରୁଛି। ୭୧ଟି ଶିଶୁ ଅନୁକୂଳ ଥାନା କାମ କରୁଛି। ୨୪ଟି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ କାମ କରୁଥିବା ବେଳେ ଏଥିରେ ଦୋଷୀ ଦଣ୍ଡ ବିଧାନକୁ ସରକାର ସୁନିଶ୍ଚିତ କରିଛନ୍ତି। ସେହିପରି ରାଜ୍ୟରେ ୪୫ଟି ଫାଷ୍ଟ ଟ୍ରାକ କୋର୍ଟ ମଧ୍ୟରୁ ୨୧ଟି ଖୋଲିବାକୁ ଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଦିଲ୍ଲୀ ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋ ରାଜ୍ୟର ୫ଟି ମାମଲାକୁ ଉଲ୍ଲେଖନୀୟ ଘଟଣା ବୋଲି ଉଲ୍ଲେଖ କରିଛନ୍ତି, ଯାହା ଆମ ପାଇଁ ଗର୍ବର କଥା ବୋଲି ମନ୍ତ୍ରୀ ଗୃହରେ ନିଜ ଉତ୍ତରରେ କହିଥିଲେ। ସେହିପରି ମାଲକାନଗିରି ଘଟଣାରେ ୨୫ ତାରିଖରେ ମାମଲା ରୁଜୁ ହୋଇଥିବା ବେଳେ ୨୬ ତାରିଖରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିଜେଡି ଓ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

## ଦାରିଦ୍ର୍ୟର ତାଡ଼ନା

# ନବଜାତ ଯମଜ ଛୁଆଙ୍କୁ ବିକିଦେଲେ ଦମ୍ପତି !

**ବଲାଙ୍ଗିର, ୨୮ ।୧୧ (ସମିସ):** ଦାରିଦ୍ୟର ତାଡ଼ନା ସହି ନପାରି ନିଜର ନବଜାତ ଯମଜ ଛୁଆଙ୍କୁ ବିକିଦେଲେ ଦମ୍ପତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ବଲାଙ୍ଗିର ସଦର ଲୋଇସିଂହା ବ୍ଲକ ଅଧୀନ କନ୍ଧାଯୁରୀ ଗାଁର ଜଣେ ମହିଳାଙ୍କୁ ପ୍ରସବ ପାଇଁ ତାଙ୍କ ସ୍ୱାମୀ ଗତ ୧୮ ତାରିଖରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମହିଳାଜଣଙ୍କ ଯମଜ ସନ୍ତାନ ହୋଇଥିଲା। ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମ ହୋଇଥିଲା। କମ୍ ଓଜନ କାରଣରୁ ସେମାନଙ୍କୁ କିଛି ଦିନ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ତେବେ କିଛି ଦିନ ପରେ ସ୍ୱାମୀ-ସ୍ତ୍ରୀ ହସ୍ପିଟାଲରୁ ଫେରିଥିଲେ ହେଁ ସେମାନଙ୍କ କୋଳରେ ଶିଶୁମାନେ ନଥିଲେ। ଏହା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ସେମାନେ ପଚରାଉଚରା କରିବାରୁ ଦମ୍ପତି ଥଙ୍ଗମଙ୍ଗ ହୋଇଥିଲେ। ଲାଳନପାଳନ ପାଇଁ ସେମାନେ ଶିଶୁଦ୍ୱୟଙ୍କୁ ଜଣେ ସଂପର୍କୀୟଙ୍କୁ ଦେଇ ଦେଇଥିବା କହିଥିଲେ। କିନ୍ତୁ, କିଛି ଗ୍ରାମବାସୀ ଜାଣିବାକୁ ପାଇଥିଲେ ଯେ ଦମ୍ପତି ନିଜର ଶିଶୁଦ୍ୱୟଙ୍କୁ ବିକି ଦେଇଛନ୍ତି। ଗୋଟିଏ ଶିଶୁ ବେଲପଡ଼ାରେ ରହିଥିବା ବେଳେ ଅନ୍ୟଟି ସୋନପୁର ଜିଲ୍ଲା ପୁଆରେ ରହିଥିବା ଜଣାପଡ଼ିଥିଲା।

ମିଳିଥିବା ସୂଚନାନୁସାରେ, ଏହି ଦମ୍ପତିଙ୍କର ପୂର୍ବରୁ ଦୁଇ ପୁଅ ଓ ଝିଅ ରହିଛନ୍ତି। ଏହାବାଦ୍ ସ୍ୱାମୀଙ୍କ ପୂର୍ବ ସ୍ତ୍ରୀର ଏକ ଭିନ୍ନକ୍ଷମ ଝିଅ ମଧ୍ୟ ରହିଛି। ସେମାନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନେ ନବଜାତ ଯମଜ ଶିଶୁଦ୍ୱୟଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି। ଆଜି ଏହି ଘଟଣା ସାମ୍ନାକୁ ଆସିବା ପରେ ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଅପରପକ୍ଷେ, ଡାକ୍ତରଖାନାରୁ ହିଁ ଶିଶୁବିକ୍ରି ହୋଇଥିବା ଏବଂ ଏହା ପଛରେ କିଛି ଦଲାଲଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ତେଣୁ, ଶିଶୁଦ୍ୱୟଙ୍କୁ ମା' କୋଳକୁ ଫେରାଇ ଆଣିବା ସହ ଏହି କାରବାରରେ ସାମିଲ ଥିବା ମଧ୍ୟସ୍ଥିଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୯୦ ଦିନରେ ଚାର୍ଜସିଟ୍ ଦାଖଲ ନ ହେଲେ ଅଭିଯୁକ୍ତ ଜାମିନ ପାଇଁ ହକଦାର: ହାଇକୋର୍ଟ

**କଟକ, ୨୮ ।୧୧ (ସମିସ):** ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଅନ୍ତର୍ଗତ ଧାରା ୧୮୭ (୩) (ଆଇ) ଅନୁସାରେ ଅଭିଯୁକ୍ତକୁ ଜାମିନ ପ୍ରଦାନ ପ୍ରସଙ୍ଗରେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଧାରା ଅନୁସାରେ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାରେ ପୁଲିସ ବିଫଳ ହେଲେ ଅଭିଯୁକ୍ତ ଜାମିନରେ ଛାଡ଼ ପାଇବାକୁ ହକଦାର୍ ହେବେ। ପୂର୍ବରୁ ପ୍ରଚଳିତ ସିଆରପିସି ପ୍ରତ୍ୟାହାର କରାଯାଇଛି। ପୂର୍ବରୁ ରାଜ୍ୟରେ ଏହାର ସଂଶୋଧନ ଅନୁଯାୟୀ ଚାର୍ଜସିଟ୍ ଦାଖଲର ସମୟ ସୀମା ୯୦ ଦିନରୁ ୧୨୦ ଦିନକୁ ବୃଦ୍ଧି କରାଯାଇଥିଲେ ସୁଦ୍ଧା ଏହା ପ୍ରଭାବହୀନ ହୋଇଛି ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ବିକି କୁମାର ଓ ଅନ୍ୟଜଣଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଭାରତୀୟ ନ୍ୟାୟ ସଂହିତାର ଧାରା ଅନୁଯାୟୀ ଆବେଦନକାରୀଙ୍କୁ ଗତ ମେ' ୧୦ରେ ଏକ ସାଇବର ଅପରାଧ ମାମଲାରେ ଗିରଫ କରାଯାଇଥିଲା। ୯୦ଦିନର ହାଜତ ରହଣି ସମାପ୍ତ ହେବା ପରେ ଚାର୍ଜସିଟ୍ ଦାଖଲ କରାଯାଇନଥିଲା। ସେମାନେ ବିଏନ୍‌ଏନ୍‌ଏସ୍‌ର ଧାରା ୧୮୭ (୩) ଅନୁଯାୟୀ ଜାମିନରେ ମୁକ୍ତି ପାଇଁ ଆବେଦନ କରିଥିଲେ। ବାଲେଶ୍ୱରର ଏସଡିଜେଏମ ଅଦାଲତ କିନ୍ତୁ ଜାମିନ ଦେବାକୁ କରିବାକୁ ମନା କରିଦେଇଥିଲେ। ଓଡ଼ିଶା ସରକାର ଫୌଜଦାରୀ କାର୍ଯ୍ୟବିଧି ସଂହିତା (ଓଡ଼ିଶା ସଂଶୋଧନ) ଆଇନ ୧୯୯୭ର ଓଡ଼ିଶା ଆଇନ-୧୧ ପ୍ରଣୟନ କରି ସିଆରପିସିର ଧାରା ୧୬୭(୨)(କ)(ଆଇ) ସଂଶୋଧନ କରିଥିଲେ, ଯାହାଦ୍ୱାରା ଚାର୍ଜସିଟ ଦାଖଲ ପାଇଁ ୯୦ ଦିନର ସମୟ ସୀମାକୁ ୧୨୦ ଦିନ କରାଯାଇଥିଲା।

# ୨୦୫୭ ଶିଳ୍ପ ସଂସ୍ଥା ବିରୋଧରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ବର,୨୮ ।୧୧(ସମିସ):** ଶିଳ୍ପ ପ୍ରତିଷ୍ଠା ପାଇଁ ସଂସ୍ଥାମାନେ ସରକାରଙ୍କ ନିକଟରୁ ଜମି ନେଉଛନ୍ତି। ମାତ୍ର ଏହାପରେ ଉକ୍ତ ଜମି ଉପରେ ଶିଳ୍ପ ପ୍ରତିଷ୍ଠା କରୁ ନାହାନ୍ତି। ଶିଳ୍ପ ପାଇଁ ଜମି ନେଇ ଅଣ ଶିଳ୍ପଭାବେ ବ୍ୟବହାର କରାଯାଉଛି। ରାଜ୍ୟର ଏପରି ୨୦୫୭ ଶିଳ୍ପ ସଂସ୍ଥା ବିରୋଧରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସମ୍ପଦ ସ୍ୱାଇଁ ଗୃହରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୧୨୨ଟି ଶିଳ୍ପାଞ୍ଚଳରେ ୬୪୭୯ ଶିଳ୍ପ ସଂସ୍ଥାକୁ ସରକାର ୬୫୮୨ ଏକର ଜମି ଯୋଗାଇ ଦେଇଥିଲେ; ମାତ୍ର ଏଥିରୁ ୨୦୫୭ଟି ଶିଳ୍ପ ସଂସ୍ଥା ଜମି ନେଇ ଏହାକୁ ଅଣ ଶିଳ୍ପଭାବେ ବ୍ୟବହାର କରୁଛନ୍ତି। ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ସହ ଜମି ଆବଣ୍ଟନ ରଦ୍ଦ କରାଯାଇଛି। ୩୫୮ଟି ଶିଳ୍ପ ସଂସ୍ଥା ବିରୋଧରେ ଉଚ୍ଛେଦ ନିର୍ଦ୍ଦେଶ ଦିଆଯିବା ସହ ୪୯୦ ଶିଳ୍ପ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ରାଜ୍ୟର ସମସ୍ତ କଲେଜ ଜମି ଜବରଦଖଲ ମୁକ୍ତ ହେବ

**ଭୁବନେଶ୍ବର,୨୮ ।୧୧(ସମିସ):** ରାଜ୍ୟର ସମସ୍ତ କଲେଜ ଜମିକୁ ଜବରଦଖଲ ମୁକ୍ତ କରାଯିବ। ଏଥିପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ପ୍ରଶ୍ନକାଳରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ତାରକା ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଭଦ୍ରକ ମହିଳା କଲେଜରେ ପୂର୍ବରୁ ରହିଥିବା ଅସାମାଜିକଙ୍କ ଦୌରାତ୍ମ୍ୟକୁ ଦମନ କରାଯାଇଛି। ଭଦ୍ରକ ସମେତ ରାଜ୍ୟର ବହୁ କଲେଜର ଜମି ଏବେବି ଜବରଦଖଲରେ ରହିଛି। ସବୁ କଲେଜ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଭତ୍ତା ଅପେକ୍ଷାରେ ୭ ଲକ୍ଷରୁ ଅଧିକ ହିତାଧିକାରୀ

**ଭୁବନେଶ୍ବର,୨୮ ।୧୧(ସମିସ):** ରାଜ୍ୟରେ ଭତ୍ତା ଅପେକ୍ଷାରେ ୭ ଲକ୍ଷରୁ ଅଧିକ ହିତାଧିକାରୀ ରହିଛନ୍ତି। ବିଧାନସଭାରେ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପରୋକ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭ ଲକ୍ଷ ୧୧ ହଜାର ୧୨୩ ଜଣ ଭତ୍ତା ଅପେକ୍ଷାରେ ଅଛନ୍ତି। ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ୧୭,୬୦୬ ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି। ମୋଟ ୫୬ ଲକ୍ଷ ୧୮ ହଜାର ୩୩୬ ହିତାଧିକାରୀ ବିଭିନ୍ନ ଯୋଜନାରେ ଭତ୍ତା ପାଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବୃତ୍ତି ବନ୍ଦ !

**ବୃତ୍ତି ପାଇଁ ଫର୍ମ ଆବେଦନ ଖାରଜ**

**ଗୃହରେ ଉଦ୍‌ବେଗ ପ୍ରକାଶ କଲେ ଗୌତମବୁଦ୍ଧ**


**ବିଭାଗୀୟ ମନ୍ତ୍ରୀ ଗୃହରେ ତଥ୍ୟ ରଖିବାକୁ ଦାବି**

**ଭୁବନେଶ୍ବର, ୨୮ ।୧୧(ସମିସ):** ରାଜ୍ୟରେ ଆଦର୍ଶ ବିଦ୍ୟାଳୟରେ ବୃତ୍ତି ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ଏହାକୁ ନାକଚ କରି ଦିଆଯାଇଛି। ଫଳରେ ଗରିବ ପିଲାମାନେ ଚଳିତବର୍ଷ ବୃତ୍ତି ପାଇବାରୁ ବଞ୍ଚିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସରକାର ଏହାକୁ ଗୁରୁତ୍ୱର ସହ ନିଅନ୍ତୁ। ପରୀକ୍ଷା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଗୃହରେ ତଥ୍ୟ ରଖନ୍ତୁ ବୋଲି ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ।

ଶ୍ରୀ ଦାସ କହିଥିଲେ ଯେ ରାଜ୍ୟର ସମସ୍ତ ୩୧୬ ଆଦର୍ଶ ବିଦ୍ୟାଳୟରେ ପ୍ରାୟ ୧.୭୦ଲକ୍ଷ ପିଲା ପାଠ ପଢୁଛନ୍ତି। ଯେପରି ଦୁର୍ଭାଗ୍ୟଜନକ ଭାବେ ଅନ୍ୱେଷା ଯୋଜନା ବନ୍ଦ ହୋଇଯାଇଛି, ସେମିତି ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବୃତ୍ତି ପାଇଁ ସରକାର ବାଟ ବନ୍ଦ କରିଦେଇଛନ୍ତି। ଶ୍ରୀ ଦାସ କହିଥିଲେ ଯେ କେନ୍ଦ୍ର ସରକାରଙ୍କ 'ଜାତୀୟ ମିନ୍‌ସ କମ୍ ମେରିଟ ସ୍କଲାରସିପ୍' ଯୋଜନାରେ ଅଢ଼େଇ ଲକ୍ଷ ଟଙ୍କା ମଧ୍ୟରେ ଆୟ ଥିବା ପରିବାରର ବିଦ୍ୟାର୍ଥୀଙ୍କୁ ବାର୍ଷିକ ୧୨ହଜାର ଟଙ୍କାର ବୃତ୍ତି ମିଳିଥାଏ। ବୃତ୍ତି ପାଇଁ ଏକ ପରୀକ୍ଷା ହେଉଥିବା ବେଳେ ଏହାକୁ ବନ୍ଦ କରାଯାଇଛି।

ସେ କହିଛନ୍ତି ଯେ ଆଦର୍ଶ ବିଦ୍ୟାଳୟରେ ନବମରୁ ଦ୍ୱାଦଶ ପିଲାମାନଙ୍କ ବୃତ୍ତି ପାଇଁ ପ୍ରତ୍ୟେକ ସେପ୍ଟେମ୍ବରରେ ଫର୍ମପୂରଣ ହୋଇଥାଏ। ଏହି ପରୀକ୍ଷା ନଭେମ୍ବରରେ ଅନୁଷ୍ଠିତ ହୁଏ। ଚଳିତବର୍ଷ ପିଲା ମଧ୍ୟ ଏହି ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ମାତ୍ର ସମସ୍ତ ଫର୍ମକୁ ନାକଚ କରି ଦିଆଯାଇଛି। ଫଳରେ ପ୍ରାୟ ୫୦ ହଜାର ପିଲା ପରୀକ୍ଷାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ମନ୍ତ୍ରୀ ଏନେଇ ଗୃହରେ ସ୍ପଷ୍ଟୋକ୍ତି ରଖନ୍ତୁ। ପିଲାଙ୍କ ଭବିଷ୍ୟତ ସହ ନଖେଳି ସରକାର ଏ ସଂକ୍ରାନ୍ତରେ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ସେ କହିଛନ୍ତି।

# ବିଜେପି ସରକାର ଓଡ଼ିଶାକୁ ଦେବାଳିଆ କରିଦେଲେଣି: ବିଜେଡି



**କେବଳ ପାରମ୍ପରିକ ଭାବେ ବଜେଟ ଆସିଛି: କଂଗ୍ରେସ**

**ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ଦିଗରେ ଚାଲିଛି: ବିଜେପି**

**ଭୁବନେଶ୍ବର,୨୮ ।୧୧(ସମିସ):** ବିଧାନସଭାର ଶୀତ ଅଧିବେଶନରେ ଶୁକ୍ରବାର ଉପସ୍ଥାପିତ ଅତିରିକ୍ତ ବଜେଟକୁ ବିରୋଧୀ ବିଜେଡି ଓ କଂଗ୍ରେସ ସମାଲୋଚନା କରିଛନ୍ତି। ବିଜେଡି ବିଧାୟକ ସାରଦା ପ୍ରସାଦ ଜେନା କହିଛନ୍ତି, ବଜେଟ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ମୂଳ ବଜେଟରେ ଆବଣ୍ଟିତ ଅର୍ଥ ଏଯାଏଁ ଠିକ୍ ଭାବେ ଖର୍ଚ୍ଚ ହୋଇନାହିଁ। ଏହାସହିତ ୧ ଲକ୍ଷ ୩୪ ହଜାର ୯୧୪ କୋଟିର ଋଣ ଭାର କରି ସରକାର ଅତିରିକ୍ତ ବଜେଟ ଆଣିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଋଣମୁକ୍ତ କରିବା ସହ ଅଭାବୀରୁ ପ୍ରଭାବୀ ଓଡ଼ିଶା ଓ ଦେବାଳିଆ ଓଡ଼ିଶାକୁ ଶବଳିଆ ଓଡ଼ିଶା କରିଥିଲେ। ମାତ୍ର ଏ ସରକାର ପୁଣି ଓଡ଼ିଶାକୁ ଦେବାଳିଆ କରିଦେଲେଣି କହି ଶ୍ରୀ ଜେନା ସମାଲୋଚନା କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା କହିଛନ୍ତି, ୨ଲକ୍ଷ ୯୦ହଜାର କୋଟିର ବଜେଟ ଆସିଥିଲା। ଏବେ ପୁଣି ଅତିରିକ୍ତ ବଜେଟ ଆସିଲା। ବଜେଟର ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ ହୋଇଛି। ହେଲେ ସବୁ ଅର୍ଥ ଖର୍ଚ୍ଚର ବିନିଯୋଗ ପ୍ରମାଣ ପତ୍ର (ୟୁସି) ମଧ୍ୟ ଆସି ନାହିଁ। ଗତ ବଜେଟର କାମ ହୋଇନି। ତା'ଉପରେ ୧ଲକ୍ଷ ୩୫ ହଜାର କୋଟି ଋଣ ହେଲାଣି। କେବଳ ପାରମ୍ପରିକ ଭାବେ ବଜେଟ ଆସିଛି; ଏଥିରେ କିଛି ନୂଆ ଯୋଜନା ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ସରକାରୀ ଦଳ ବିଧାୟକ ଟଙ୍କଧର ତ୍ରିପାଠୀ ଅତିରିକ୍ତ ବଜେଟ୍‌କୁ ସ୍ୱାଗତ କରିବା ସହ ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ଦିଗରେ ଚାଲିଛି। ସବୁ କ୍ଷେତ୍ର ପାଇଁ ବଜେଟ ରଖାଯାଇଛି। ପୂର୍ବ ସରକାର ସମୟରେ ଯୋଜନା ଘୋଷଣା ହେଉଥିଲା କିନ୍ତୁ ବଜେଟ ଅଣ୍ଟୁ ନ ଥିଲା। ବର୍ତ୍ତମାନ ସରକାର ଯାହା ଯୋଜନା କରିଛନ୍ତି ସେଥିପାଇଁ ବଜେଟ ରଖୁଛନ୍ତି ବୋଲି ସେ କହିଛନ୍ତି।

ସକାଳ THE SAKALA



## ଗତି ହରାଇଛି ଇସ୍ପାତ ସୁପରଫାଷ୍ଟ ଏକ୍ସପ୍ରେସ୍

# ସମୟାନୁବର୍ତ୍ତିତା ବର୍ତ୍ତମାନ ଇତିହାସ

ବଲାଙ୍ଗିର, ୨୮ ।୧୧(ସମିସ)




- ଯାତ୍ରୀଙ୍କୁ ସେବା ଦେବାରେ ବିଫଳ ରେଳ ବିଭାଗ
- ମାସିକ ସୁପରଫାଷ୍ଟ ସରଚାର୍ଜ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ
- ରେଳମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲେ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା

ଇସ୍ପାତ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ଟିଟିଲାଗଡ଼ କଣ୍ଟାବାଞ୍ଜିରୁ ବାହାରି ହାଓଡା ତଥା କୋଲକତାକୁ ପ୍ରତିଦିନ ସେବା ପ୍ରଦାନ କରିଥାଏ। ହଜାର ହଜାର ଯାତ୍ରୀ ଏହି ଟ୍ରେନରେ ନିୟମିତ ଭାବେ ଯିବାଆସିବା କରିଥାନ୍ତି। ଦିନଥିଲା ଏହି ଟ୍ରେନ ସମୟାନୁବର୍ତ୍ତିତା ପାଇଁ ରେଳଯାତ୍ରୀଙ୍କ ବିଶ୍ୱାସଭାଜନ ହୋଇପାରିଥିଲା। ଟିଟିଲାଗଡ଼, ବଲାଙ୍ଗିର, ବରପାଲି, ବରଗଡ଼, ସମ୍ବଲପୁର, ଝାରସୁଗୁଡା, ବ୍ରଜରାଜନଗର, ରାଉରକେଲା ଇତ୍ୟାଦି ପଶ୍ଚିମ ଓଡ଼ିଶାର ପ୍ରମୁଖ ସହରକୁ ପ୍ରତ୍ୟହ ସମୟାନୁସାରେ ସଂଯୋଗ ସ୍ଥାପନ କରିବା ସହ କୋଲକତା ସହ ସଂଯୋଗ ସ୍ଥାପନ କରୁଥିଲା; କିନ୍ତୁ ଏହି ସମୟାନୁବର୍ତ୍ତିତା ବର୍ତ୍ତମାନ ଇତିହାସ ହୋଇଯାଇଛି। ପ୍ରାୟ ଦୁଇ ବର୍ଷ ହେବ ଏହି ଟ୍ରେନ ନିୟମିତ ଭାବରେ ବିଳମ୍ବରେ ଚଳାଚଳ କରୁଛି। ସମଗ୍ର ପଶ୍ଚିମ ଓଡ଼ିଶାରେ ଏହାକୁ ନେଇ ରେଳ ବିଭାଗ ପ୍ରତି ଲୋକେ ବିଭିନ୍ନ ମାଧ୍ୟମରେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଏହି ବିଳମ୍ବଜନିତ କାରଣ ଜାଣିବା ପାଇଁ ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ପୂର୍ବତଟ ରେଳବାଇକୁ ତଥ୍ୟ ଦେବା ପାଇଁ ଅନୁରୋଧ କରିଥିଲେ। ଦୈନିକ କେତେ ବିଳମ୍ବ ଓ ବିଳମ୍ବର କାରଣକୁ ନେଇ ତଥ୍ୟ ପ୍ରଦାନ କରିବାକୁ ପୂର୍ବତଟ ରେଳ ଟାଳଟୁଳ ନୀତିକୁ ଆଦରି ଏହି ତଥ୍ୟକୁ ସଂକଳିତ ଭାବେ ରଖାଯାଇ ନ ଥିବା ଉଲ୍ଲେଖ କରିଛି। ଯାତ୍ରା ପାଇଁ ସଂରକ୍ଷିତ କରିଥିବା ଯାତ୍ରୀଙ୍କଠାରୁ ସୁପରଫାଷ୍ଟ ସରଚାର୍ଜ ବାବଦକୁ ଗତ ୬ ମାସରେ ତଥା ୧/୫/୨୦୨୫ରୁ ୩୧/୧୦/୨୦୨୫ ପର୍ଯ୍ୟନ୍ତ ଟିଟିଲାଗଡ଼-ହାଓଡା ୧୨୮୭୨ନଂ ଟ୍ରେନରୁ ୨୨ ଲକ୍ଷ ୮୧ ହଜାର ଟଙ୍କା ଓ କଣ୍ଟାବାଞ୍ଜି-ହାଓଡା୨୨୮୬୨ନଂ ଟ୍ରେନରୁ ୨୬ ଲକ୍ଷ ୬୫ ହଜାର ଟଙ୍କା ଆଦାୟ କରାଯାଇଥିବା ତଥ୍ୟ ପୂର୍ବତଟ ରେଳବାଇ ସମ୍ବଲପୁର ଜନ ସୂଚନା ଅଧିକାରୀ ପୋନା ଭେଙ୍କଟେଶ ସୂଚନା ପ୍ରଦାନ କରିଛନ୍ତି। ଏହି ତଥ୍ୟରୁ ଜଣାପଡ଼ିଛି ଯେ, ଇସ୍ପାତ ଏକ୍ସପ୍ରେସରେ ଯାତ୍ରା କରିଥିବା ରେଳ ଯାତ୍ରୀଙ୍କଠାରୁ ଗତ ୬ ମାସରେ କେବଳ ସୁପରଫାଷ୍ଟ ସରଚାର୍ଜ ବାବଦକୁ ୪୯ ଲକ୍ଷ ୪୬ ହଜାର ଟଙ୍କା ରେଳ ବିଭାଗ ନେଇଛି। ଅର୍ଥାତ୍ ଦୈନିକ ପ୍ରାୟ ୨୮ ହଜାର ଟଙ୍କା ସୁପରଫାଷ୍ଟ ସରଚାର୍ଜ ବାବଦକୁ ରେଳ ବିଭାଗ ନେଉଥିଲେ ମଧ୍ୟ ଏହି ଟ୍ରେନ ଆଉ ସୁପରଫାଷ୍ଟ ସେବା ଦେଉ ନ ଥିବା ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି। ଏହି ଟ୍ରେନ ଦରରେ ସୁପରଫାଷ୍ଟ କିନ୍ତୁ ଗତିରେ ମନ୍ଥର ବୋଲି ପଣ୍ଡା କହିଛନ୍ତି। ଇସ୍ପାତ ଏକ୍ସପ୍ରେସରେ ଯାତ୍ରୀଙ୍କଠାରୁ ସୁପରଫାଷ୍ଟ ସରଚାର୍ଜ ନିଆଯାଇ ଯାତ୍ରୀଙ୍କୁ ଶୋଷଣ କରାଯାଉଛି ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି। ବିଳମ୍ବଜନିତ କାରଣକୁ ଦୂର କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ରେଳ ବିଭାଗ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରଦାନ ନ କରି ନିରବ ରହିଛି। ବିଳମ୍ବଜନିତ କାରଣକୁ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ରେଳ ବିଭାଗର ଉଦାସୀନତା ଅତ୍ୟନ୍ତ ଚିନ୍ତାଜନକ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ଦିଗରେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ଦୁର୍ବୃତ୍ତ ଜାଳିଦେଲେ ଧାନଖରି

ଦେଓଗାଁ, ୨୮ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଭୀମଡୁଙ୍ଗୁରୀ ଗାଁରେ ଜଣେ ଚାଷୀଙ୍କ ଧାନଖରିକୁ କେହି ନିଆଁ ଲଗାଇ ଦେଇଛି। ପଦ୍ମନାଭ ବେହେରାଙ୍କ ଧାନଖରି ଜଳି ଯାଇଛି। ଧାର୍ କରଜ କରି ସେ ପ୍ରାୟ ଦେଢ଼ ଏକର ଜମିରେ ଧାନଚାଷ କରିଥିଲେ। କିଛିଦିନ ତଳେ ଧାନ ଅମଳ କରି ଖଳାରେ ଖରି ଆକାରରେ ରଖିଥିଲେ। ଗୁରୁବାର ବିଳମ୍ବିତ ରାତିରେ କେହି ନିଆଁ ଲଗାଇ ଦେବାରୁ ସମସ୍ତ ଧାନ ପୋଡି ପାଉଁଶ ହୋଇଯାଇଛି। ଶୁକ୍ରବାର ସକାଳୁ ଖବର ପାଇ ଘଟଣାସ୍ଥଳକୁ ଯିବା ବେଳକୁ କେବଳ ପାଉଁଶ ଥିଲା। ଏଣୁ ସେ ଭାଙ୍ଗି ପଡ଼ିଛନ୍ତି। କେମିତି ଋଣ ଶୁଝିବେ ସେହି ଚିନ୍ତାରେ ପଡ଼ିଛନ୍ତି। ପତ୍ନୀ ଓ ୫ଟି ପିଲାଛୁଆଙ୍କୁ କେମିତି ଭରଣପୋଷଣ କରିବେ ସେ ନେଇ ଏବେ ସେ ଚିନ୍ତାରେ। ତେବେ ଏନେଇ ବ୍ଲକ କୃଷି ଅଧିକାରୀଙ୍କୁ ପଚାରିବାରୁ କୃଷି ବିଭାଗ ତରଫରୁ କୌଣସି ସହାୟତା ସୁବିଧା ନାହିଁ। ଆରଆଇଙ୍କ ରିପୋର୍ଟ ଅନୁସାରେ ଜିଲ୍ଲା ବିପର୍ଯ୍ୟୟ ଓ ପ୍ରଶମନ ବିଭାଗ ତରଫରୁ ସହାୟତା ମିଳିପାରିବ ବୋଲି କହିଥିଲେ। ସେହିପରି ମହଲାଇ ରାଜସ୍ୱ ନୀରିକ୍ଷକ ସନ୍ଦୀପ ଦଳବେହେରାଙ୍କୁ ପଚାରିବାରୁ ଚାଷୀ ଜଣକ ଅଭିଯୋଗ କରିବାପରେ ସେ ତଦନ୍ତ କରିଛନ୍ତି। ତାଙ୍କର ସମ୍ପୂର୍ଣ୍ଣ ଚାଷ କ୍ଷତି ହୋଇଛି। ଏଣୁ ତଦନ୍ତ ରିପୋର୍ଟ ତହସିଲଦାରଙ୍କ ମାଧ୍ୟମରେ ଜିଲ୍ଲା ପ୍ରଶାସନ ନିକଟକୁ ପଠାଯିବ ବୋଲି କହିଥିଲେ।

## ଜିଲ୍ଲାସ୍ତରୀୟ ଯୁଥ୍ ରେଡକ୍ରସ ଶିବିର

ଦେଓଗାଁ, ୨୮ ।୧୧(ସମିସ): ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଶୁକ୍ରବାର ଜିଲ୍ଲାସ୍ତରୀୟ ତ୍ରି ଦିବସୀୟ ଯୁଥ୍ ରେଡକ୍ରସ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରବିନ୍ଦ ଓଝା ଯୋଗ ଦେଇଥିଲେ। ସମର୍ପଣ ମନୋଭାବ ରଖି ସେବା କରିବା ପାଇଁ ସେ ଯୁବଗୋଷ୍ଠୀକୁ ଆହ୍ୱାନ ଦେଇଥିଲେ। ଏହାସହ ସମାଜର ପରିବର୍ତ୍ତନରେ ଯୁବଗୋଷ୍ଠୀର ଭୂମିକା ଅନେକ ବୋଲି ମତପୋଷଣ କରିଥିଲେ। ସମ୍ମାନୀତ ଅତିଥି ଭାବେ ତହସିଲଦାର ନର୍ମଦା ନାୟକ ଯୋଗ ଦେଇଥଲେ। ଜିଲ୍ଲା ଯୁଥ୍ ରେଡକ୍ରସ ସଂଯୋଜକ ଡ. ଦୈତାରୀ ପୂଝାରୀ ଯୋଗଦେଇ ତ୍ରିଦିବସୀୟ ଶିବିରର ବିବରଣୀ ଉପସ୍ଥାପନ କରିଥିଲେ। ଶିବିରରେ ଜିଲ୍ଲାର ପ୍ରାୟ ୫୦ଟି କଲେଜରୁ ୧୩୫ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥଲେ। ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ, ଯୋଗ ପ୍ରଶିକ୍ଷଣ, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ଜଳବାୟୁ ପରିବର୍ତ୍ତନ, ଟ୍ରାଫିକ ସମସ୍ୟା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଡ. ସୁରେଶ ପ୍ରସାଦ ଷଡଙ୍ଗୀ କାର୍ଯ୍ୟକ୍ରମରେ ପରିଚାଳନା କରିଥିବାବେଳେ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ସଭାପତିତ୍ୱ କରିଥିଲେ। କଲେଜର ରେଡକ୍ରସ ସଂଯୋଜକ ମଳୟରଞ୍ଜନ ରଣା, ଉଦୟନାଥ ରଥ, ସରୋଜ ସାହୁ, ଆଶିଷ ପଣ୍ଡା, ମନିଷ ମେହେର, ଅନ୍ୱେଷା ପାଣିଗ୍ରାହୀ, ରୋଜାଲିନ ସାହୁ, କରିଶ୍ମା ସା ଓ ରୋଜିରାଣୀ ପ୍ରଧାନ ପ୍ରମୁଖ ସହଯୋଗ କରୁଛନ୍ତି।

## ଶିବରାତ୍ରି ଉପଲକ୍ଷେ ଶୁଭସ୍ତମ୍ଭ ସ୍ଥାପନ



ବଲାଙ୍ଗିର, ୨୮ ।୧୧(ସମିସ): କଅଗାଁ ଶ୍ରୀ ଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ବିଶ୍ୱଶାନ୍ତି ପଞ୍ଚକୁଣ୍ଡୀୟ ମହାଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଡ. ଶ୍ରୀକର ମିଶ୍ର ଏବଂ ବୃନ୍ଦାବନଧାମ ଗୁରୁ ମହାରାଜ ମଦନଗୋପାଳଙ୍କ କରକମଳରେ ଏହି ଶୁଭସ୍ତମ୍ଭ ସ୍ଥାପନ ହୋଇଥିଲା। ପଣ୍ଡିତ ସୁଶାନ୍ତ ମିଶ୍ର ଆଚାର୍ଯ୍ୟ ଥିବାବେଳେ ଚକ୍ରଧର ସିଂହ ଏବଂ ତାଙ୍କ ସହଧର୍ମିଣୀ ପ୍ରତିମା ସିଂହ ପ୍ରଥମ କର୍ତ୍ତାକର୍ତ୍ତ୍ରି ଓ ପ୍ରଦୀପ କୁମାର ସିଂହ ଏବଂ ତାଙ୍କ ସହଧର୍ମିଣୀ ରଶ୍ମିତା ସିଂହ ଦ୍ୱିତୀୟ କର୍ତ୍ତାକର୍ତ୍ତ୍ରି ଭାବେ କାର୍ଯ୍ୟ ତୁଲାଇଥିଲେ। ତ୍ରିଲୋଚନ ମିଶ୍ର, ଶଙ୍କର ଅଦାବରିଆ, ଶାନ୍ତନୁ ମିଶ୍ର, ମନରଞ୍ଜନ ସିଂହ ଗଣନାଥ ଜାଲ, ଦିଲ୍ଲୀପ ସିଂହ, ଦେବରାଜ ପୁଟେଲ, ରାମାନନ୍ଦ ଥନାପତି, ରାକେଶ ମିଶ୍ର, କୁମୁଦ ମିଶ୍ର, ଧନମତ ଜାଲ, ସଞ୍ଜୀବ ମିଶ୍ର, ଚକ୍ରଧର ସିଂହ, ବାବୁଲା ମିଶ୍ର, ରମାରଞ୍ଜନ ମିଶ୍ର, ଲୋକନାଥ ସିଂହ, ରମେଶଚନ୍ଦ୍ର ମେହେର, ଶ୍ୟାମସୁନ୍ଦର ମେହେର, ଉଜ୍ୱଳ ପ୍ରସାଦ ସିଂହ ଓ ସଂକୀର୍ତ୍ତନ ମେହେର ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା



ବଙ୍ଗୋମୁଣ୍ଡା, ୨୮ ।୧୧(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବିଇଓଙ୍କ କାର୍ଯ୍ୟାୟରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ସୋମନାଥ ମଙ୍ଗରାଜ, ମୁଖ୍ୟବକ୍ତା ଭାବେ ବଙ୍ଗୋମୁଣ୍ଡା ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହରିରାମ ସତନାମୀ, ସମ୍ମାନିତ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କୋଷରାଜ ବେହେରା, ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ଶିକ୍ଷକ ନଳ ଭୋଇ, ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଜମନ ବିଶ୍ୱାଲ, ବିଶିଷ୍ଟ ଚିତ୍ରଶିଳ୍ପୀ ଘନଶ୍ୟାମ ମନହୀରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

ବିଆରଟି ଲକ୍ଷ୍ମୀକାନ୍ତ ଷଡଙ୍ଗୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ଆଇଇଭି ଜୟନ୍ତୀଲାଲ ହଂସ, ବଳଦେବ ରଣା, ଗଜବନ୍ଧ ଛୁରା, ମଧୁସୂଦନ ସାହୁ, ବିଶ୍ୱମ୍ବର ବାରିକ, କର୍ମଚାରୀ ପ୍ରହଲ୍ଲାଦ ମାଝୀ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ମଣ୍ଡି ଖୋଲିବା ପୂର୍ବରୁ ମିଲ୍‌ରେ ଗଦାହୋଇଛି କପା

ପାଟଣାଗଡ଼, ୨୮ ।୧୧(ସମିସ): ଚାଷୀମାନେ କପା କ୍ୱିଣ୍ଟାଲ ପିଛା ୮୧୦୦ ଟଙ୍କା ସରକାରୀ ମୂଲ୍ୟରେ ବିକ୍ରି କରିବେ। ଯେଭଳି ଶୋଷଣର ଶିକାର ନ ହେବେ ସେଥିପାଇଁ ପାଟଣାଗଡ଼ ବ୍ଲକ ଯୋଗିମୁଣ୍ଡା ଆରଏମସିଠାରେ ସାଂସଦଙ୍କ ଉପସ୍ଥିତିରେ ସିସିଆଇ ଓ ପ୍ରଶାସନ ପକ୍ଷରୁ କପା ମଣ୍ଡିର ଶୁଭାରମ୍ଭ ସହ ସଚେତନତା ରଥର ଶୁଭାରମ୍ଭ କରାଯାଇଛି; କିନ୍ତୁ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳରେ ଥିବା କପା

- ହରିୟାଣା, ରାଜସ୍ଥାନ, ମହାରାଷ୍ଟ୍ର ରାଜ୍ୟକୁ ଚୋରାଚାଲାଣ
- ଚାଷୀ ନାଁରେ ଏଣ୍ଟ୍ରି କରି କୋଟି କୋଟି ଟଙ୍କା ହଡପ ମସୁଧା

ମିଲ୍‌ଗୁଡିକରେ ମଣ୍ଡି ଖୋଲିବା ପୂର୍ବରୁ ଅଞ୍ଚଳର ଚାଷୀମାନଙ୍କୁ ଶୋଷଣ କରାଯାଇ କପା କ୍ୱିଣ୍ଟାଲ ପିଛା ୬୦୦୦ରୁ ୬୫୦୦ ଟଙ୍କା ମୂଲ୍ୟରେ ଦଲାଲ ତଥା ବେପାରୀ ମାଧ୍ୟମରେ ନିର୍ଦ୍ଦିଷ୍ଟ ମିଲ୍‌ଗୁଡିକ ହଜାର ହଜାର କ୍ୱିଣ୍ଟାଲ କପା ଗଚ୍ଛିତ ରଖିଥିବା ଅଭିଯୋଗ ହେଉଛି। ମଣ୍ଡି ଆରମ୍ଭ ପରେ ମିଲ୍‌ଗୁଡିକ ଏହି ଗଚ୍ଛତ କପାକୁ ଚାଷୀ ନାମରେ ଏଣ୍ଟ୍ରି କରାଇ କୋଟି କୋଟି ଟଙ୍କା ହଡପ କରିବାର ମସୁଧା ଚଳାଇଥିବା ଚାଷୀ ମହଲରେ ଅଭିଯୋଗ ଉଠିଛି। ପାଟଣାଗଡ଼ ବ୍ଲକରେ ଥିବା ମୁଦଲସର ରେଙ୍ଗାଲି କପା ମିଲରେ ୩ ହଜାରରୁ ଅଧିକ କୁଇଣ୍ଟାଲ, ଚିଙ୍ଗେରବନ୍ଧଠାରେ ଥିବା ମିଲରେ ୩ ହଜାରରୁ ଅଧିକ କିଣ୍ଟାଲ, ବାଙ୍କିବାହାଲରେ ଥିବା ମିଲ୍‌ରେ ୫ ହଜାର କୁଇଣ୍ଟାଲରୁ ଅଧିକ କପା ଗଚ୍ଛିତ ରଖିଥିବା କୁହାଯାଉଛି। ଏହାଫଳରେ ଏହି ମିଲ୍‌ଗୁଡିକ କପା ମଣ୍ଡି ସମୟରେ ଚାଷୀଙ୍କଠାରୁ କପା କିଣିଥିବା ଦର୍ଶାଇ ପୂର୍ବରୁ ଗଚ୍ଛିତ ରଖିଥିବା ହଜାର ହଜାର କୁଇଣ୍ଟାଲ କପାକୁ ସିସିଆଇଠାରେ ଚାଷୀଙ୍କ ନାମରେ ଏଣ୍ଟ୍ରି କରାଇ କପା ସବୁ ସରକାରୀ ମୂଲ୍ୟ ହିସାବରେ କୋଟି କୋଟି ଟଙ୍କା ହଡପ କରିବାର ମସୁଧା ଚଳାଇଥିବା ଅଭିଯୋଗ ଉଠିଛି। ଅପରପକ୍ଷରେ ମୁଦଲସର ରେଙ୍ଗାଲି ମିଲର ଚାଷୀଙ୍କୁ ଶୋଷଣ କରି କମ୍ ମୂଲ୍ୟରେ କପା କିଣି ହରିୟାଣା ଓ ରାଜସ୍ଥାନ ରାଜ୍ୟକୁ ପ୍ରଶାସନର ବିନା ଅନୁମତିରେ ବେଆଇନ ଭାବେ ବିକ୍ରି କରୁଥିବା ଜଣାପଡ଼ିଛି। ଏହି ମିଲ୍‌ରେ ଅନେକ ସମୟରେ ରାଜସ୍ଥାନ ଓ ହରିୟାଣା ଅଞ୍ଚଳର ଗାଡିଗୁଡିକ ଅଟକି ରହିଥିବା ଦେଖିବାକୁ ମିଳୁଛି। ତେବେ ରାଜ୍ୟ ସରକାର ଚାଷୀ ଅମଳ କରିଥିବା



କପାକୁ କିଭଳି ଉଚିତ ମୂଲ୍ୟରେ ବିକ୍ରି କରିପାରିବେ, ଚାଷୀ ଶୋଷଣ ନ ହେବେ ସେଥିପାଇଁ ସଚେତନତା ସହ ମଣ୍ଡି ମାଧ୍ୟମରେ ଉଚିତ ମୂଲ୍ୟରେ ବିକ୍ରି ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ଏଭଳି ଅସାଧୁ ମିଲ୍‌ରଗୁଡିକ ପାଇଁ ସରକାରଙ୍କ ଯୋଜନା ସବୁ ଚାଷୀଙ୍କ ପାଖରେ ପହଞ୍ଚିପାରୁ ନ ଥିବା ଅଞ୍ଚଳର ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ମଣ୍ଡି ଆରମ୍ଭ ପରେ ଚୁକ୍ତି ହୋଇଥିବା ମିଲରଗୁଡିକ ଚାଷୀଙ୍କଠାରୁ କପା କିଣିବାର ନିୟମ ଥିବାବେଳେ ପ୍ରାୟ ୮୦ ପ୍ରତିଶତ ବେପାରୀ ମାଧ୍ୟମରେ ମିଲର ଗୁଡିକ କପା କିଣୁଥିବା ଅଭିଯୋଗ ଉଠିଛି। ଏହାଫଳରେ ସରକାରଙ୍କ କପା ମଣ୍ଡି ବେପାରୀଙ୍କ ପାଇଁ ଓ ଚାଷୀଙ୍କ ପାଇଁ ଭେଳିକି ବୋଲି ଅଭିଯୋଗ ହେଉଛି। ଏ ବିଷୟରେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ ମେହେରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଣୁ ଏ ଘଟଣାରେ ଏକ ଟିମ୍ କରାଯାଇ ଚଢ଼ଉ କରାଯିବ। ଏହାର ଉଚିତ ତଦନ୍ତ ସହ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ପଟ୍ଟାପାଇଁ ତହସିଲ ଘେରିଲେ ଚାହାଁରଭଟାର ଭୂମିହୀନ

ବଲାଙ୍ଗିର, ୨୮ ।୧୧(ସମିସ): ଗ୍ରାମାଞ୍ଚଳରେ ବସବାସ କରୁଥିବା ଭୂମିହୀନ ପରିବାରକୁ ୨୫/୩୦ ବର୍ଷ ପୂର୍ବେ ସରକାର ୪ ଡିସିମିଲ ଜମି ପ୍ରଦାନ କରିଛନ୍ତି। ଏଥିରେ ଭୂମିହୀନ ପରିବାରର ଲୋକଙ୍କୁ ପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି।; ହେଲେ ଜମି ଚିହ୍ନଟ ହୋଇନି। ଏଣୁ ଏହି ଭୂମିହୀନ ପରିବାର ୪ ଡିସିମିଲ ଜମି ପାଇ ମଧ୍ୟ ବର୍ତ୍ତମାନ ସୁଦ୍ଧା ଭୂମିହୀନ ଜୀବନ ଯାପନ କରୁଛନ୍ତି। ଗୋଟିଏ ପଟେ ଏହି ସମସ୍ୟା ଦୂର କରିବା ପାଇଁ ରାଜସ୍ୱ ମନ୍ତ୍ରୀ ଅନେକ ସମୟରେ ପ୍ରତିକ୍ରିୟା ଦେଉଛନ୍ତି। ବାସ୍ତବରେ କିନ୍ତୁ ସମସ୍ୟାର ସମାଧାନ ହେଉନି।

୨୫/ ୩୦ ବର୍ଷ ପୂର୍ବେ ଟିଟିଲାଗଡ଼ ତହସିଲ ବାନ୍ଧୁପଲା ପଞ୍ଚାୟତର ଚାହାଁରଭଟା ଗାଁର ଅନେକ ଭୂମିହୀନ ପରିବାରକୁ ୪ ଡିସିମିଲ ଜମି ପ୍ରଦାନ କରାଯାଇଛି। ଏହି ଜମିର ପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି; ହେଲେ ଜମି ଚିହ୍ନଟ ହୋଇନି। ଗରିବ ପରିବାର ପାଖରେ କେବଳ ପଟ୍ଟା ରଖିଛନ୍ତି; କିନ୍ତୁ ଭୂମିହୀନ ଜୀବନ ଯାପନ କରୁଥିବା ଅଭିଯୋଗ କରିଛନ୍ତି। ଏହି ଗରିବ ଶ୍ରେଣୀର ଲୋକେ ଅନେକ ସମୟରେ ତହସିଲଦାର ଓ ରାଜସ୍ୱ ନୀରିକ୍ଷକଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନ୍ୟପଟେ ଲୋକଙ୍କ ସମସ୍ୟାକୁ ଦେଖି କିଛି ସରକାରୀ କର୍ମଚାରୀ ଓ ଦଲାଲ ଟଙ୍କା ଦେଲେ



ସମସ୍ୟା ଦୂର ହୋଇପାରିବ ବୋଲି କହୁଥିବା ଏମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଚାହାଁରଭଟା ଗାଁର ଏହି ଭୂମିହୀନ ପରିବାର ଏକତ୍ରିତ ହୋଇ ଟିଟିଲାଗଡ଼ ତହସିଲ କାର୍ଯ୍ୟାଳୟ ଘେରଉ କରଛନ୍ତି। ସେମାନଙ୍କ ଜମି ସମସ୍ୟା ନେଇ ଅଭିଯୋଗ କରିବା ସହ ଏହାର ସମାଧାନ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ଟିଟିଲାଗଡ଼ ତହସିଲଦାର ଶଙ୍କର ବାଗଙ୍କୁ ପଚାରିବାରୁ ୧୦ ଦିନ ମଧ୍ୟରେ ଜମି ଚିହ୍ନଟ କରି ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

## 'ଅଲୋଡ଼ା ଶିଶୁକୁ ନ ଫିଙ୍ଗି ଝୁଲଣା କେନ୍ଦ୍ରରେ ଦିଅନ୍ତୁ'



ବଲାଙ୍ଗିର, ୨୮ ।୧୧(ସମିସ): ବଲାଙ୍ଗିର ପ୍ୟାଲେସ ଲାଇନସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଆୟୋଜନ କ୍ରମେ ଶିଶୁ ଝୁଲଣା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଡକ୍ଟର ଅନୁପମା ପ୍ରଧାନଙ୍କ ତତ୍ତ୍ୱାବଧାନରେ ବଲାଙ୍ଗିର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର ଏହାର ଉଦ୍‌ଘାଟନ କରିଥିଲେ। ତେବେ ବଲାଙ୍ଗିର ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି କେନ୍ଦ୍ର ଖୋଲାଯାଇଛି। ଅଲୋଡ଼ା ଶିଶୁଙ୍କୁ ନ ଫିଙ୍ଗି ତଥା ଅବାଞ୍ଛିତ ଶିଶୁଙ୍କୁ ଅସୁରକ୍ଷିତ ସ୍ଥାନରେ ଫୋପାଡ଼ି ନ ଦେଇ ସେମାନଙ୍କୁ ଏହି ଝୁଲଣ କେନ୍ଦ୍ରରେ ଦେବାକୁ ଅନୁରୋଧ କରାଯାଇଛି। ଏହାଦ୍ୱାରା ସେମାନଙ୍କ ସୁରକ୍ଷିତ ଲାଳନପାଳନ କରାଯିବ। ଗୋଟିଏ ନିଷ୍ପାପ ଶିଶୁର ଜୀବନ ବଞ୍ଚିଯିବ। କୌଣସି ବ୍ୟକ୍ତି ଶିଶୁ ଝୁଲଣା କେନ୍ଦ୍ରକୁ ଗୋପନରେ ଆସି ନିଜ ପରିଚୟ ନ ଦେଇ ସୁରକ୍ଷିତ ଭାବେ ଶିଶୁଙ୍କୁ ଝୁଲଣରେ ଛାଡ଼ି ଦେଇ ପାରିବେ। ଗଲାବେଳେ ଘଣ୍ଟି/ସାଇରନ ବଜାଇ ଦେଇ ଯିବେ। ଏହାପରେ ଏଠାରେ କାର୍ଯ୍ୟରତ କର୍ମଚାରୀ ସମ୍ପୃକ୍ତ ଶିଶୁଙ୍କୁ ଉଦ୍ଧାର କରିବେ। ପରବର୍ତ୍ତୀ ସମୟରେ କୌଣସି ଯୋଗ୍ୟ ଦମ୍ପତ୍ତିଙ୍କ ପୋଷ୍ୟ ସନ୍ତାନ ଭାବେ ଶିଶୁଟି ଗୋଟିଏ ପରିବାର ତଥା ପିତାମାତା ପାଇପାରିବ। ଅଲୋଡ଼ା ଶିଶୁଟି ଭବିଷ୍ୟତରେ ଆଉ କାହା ପାଇଁ ଭାଗ୍ୟବାନ ହୋଇପରିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣି ସୁନା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ସାହୁ, ମାନସୀ ପଣ୍ଡା, ପଞ୍ଚାନନ ସାମଲ, ଭୁବନେଶ୍ୱର ସାମଲ, ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ ମେହେର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋଗ୍ରାମ ଅଫିସର୍ ସୁଧାଂଶୁ ଶେଖର କୁମ୍ଭାର, ଅରୁଣ ଖୁଆସ, ପ୍ରମୋଦ ବର୍ଗତ୍ତି, ହରିବନ୍ଧୁ ରାଉତ୍, ପ୍ରୋଗ୍ରାମ ମ୍ୟାନେଜର ଦେବାଶିଷ ପଟେଲ୍, ପଲ୍ଲୀ ଆଲୋକ ପାଠାଗାରର ହିରାଲାଲ ମିଶ୍ର, ଓ୍ୱାଇସିଡିଏର ଆନନ୍ଦିନୀ ରଥ, ଆଲିଶା ଚକ୍ରବର୍ତ୍ତୀ, ଶିଶୁ ମଙ୍ଗଳ ସମିତିର ଲିନା ବାବୁ, ଏସ୍ ଲତାଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଆଇନ ଅଧିକାରୀ ଦିଗମ୍ବର କର କାର୍ଯ୍ୟକ୍ରମ ସଂଯୋଜନା ସହ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶ୍ରମିକ ପରିବାର ପାଇଁ ସେବା ସଂଯୋଗ ଶିବିର

ଖପ୍ରାଖୋଲ, ୨୮ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ତରଫରୁ ଦାଦନ ଶ୍ରମିକ ସମସ୍ୟା ରୋକିବାକୁ ସେବା ସଂଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଉମାକାନ୍ତ ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଏପିଓ ପ୍ରଶାନ୍ତ କୁମାର ସାହୁ, ସହକାରୀ ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, ଜିପିଡିଓ ପରମେଶ୍ୱର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦାଦନ ଶ୍ରମିକ ପରିବାର ବିଭିନ୍ନ ସରକାରୀ ଯୋଜନାରେ ସାମିଲ ପାଇଁ ଆବେଦନ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଆବାସ ଯୋଜନା, ବିଭିନ୍ନ ଭତ୍ତା ସହିତ ଅନ୍ୟାନ୍ୟ ସରକାରୀ ଯୋଜନାରେ ସାମିଲ ପାଇଁ ଭିଡ଼ ଜମିଥିଲା। ବ୍ଲକ କୃଷି ଅଧିକାରୀ ସନ୍ତୋଷ ମେହେର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜୀନିତା ବରୁଆ, ସହକାରୀ ମତ୍ସ୍ୟ ଅଧିକାରୀ ଶୁଭ୍ରାଂଶୁ ମହାନ୍ତି, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର ନାଏକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା




ଲୋଇସିଂହା, ୨୮ ।୧୧(ସମିସ): ଲୋଇସିଂହା ଷ୍ଟାଡିୟମରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୫ ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବମୋଟ ୩୫ଟି ଖେଳ ଅନୁଷ୍ଠିତ ହୋଇଥିଲା। ସବୁ ବିଭାଗରୁ ସର୍ବମୋଟ ୬୭୫ ଜଣ ପ୍ରତିଭାଗୀ ଭାଗ ନେଇଥିଲେ। ଉଦ୍‌ଘାଟନୀ ସମାରୋହକୁ ପରିଚାଳନା ସମିତି ସଭାପତି ବଂଶୀଧର କାଲସାଏ ଉଦ୍‌ଘାଟନ କରିଥଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ ଯୋଗ ଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ପ୍ରଶାନ୍ତ ବେହେରା କ୍ରୀଡ଼ାବିତଙ୍କୁ ମାର୍ଗଦର୍ଶନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିଚାଳନା ସମିତି ଉପ ସଭାପତି ମୁକୁନ୍ଦ ନାରାୟଣ ସିଂହଦେଓ ଏହାର ସମାପନ ଘୋଷଣା କରିଥିଲେ। ପରିଶେଷରେ ଯୁଗ୍ମ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶିବ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ପେଷା ଅଧ୍ୟାପକ; ନିଶା କଳାକାର

ବଲାଙ୍ଗିର, ୨୮ ।୧୧(ସମିସ)

କଳା ପ୍ରତି କଳାକାରର ସର୍ମପଣ ଭାବ ରହିଥାଏ। କଳାକୁ ବଞ୍ଚାଇବାକୁ ଅନବରତ କଳାକାର ସଂଘର୍ଷ କରିଥାଏ। ଏହି ସଂଘର୍ଷର ଭିଡ ଭିତରେ କେତେକ ହଜିଯାଆନ୍ତି ତ ଆଉକିଛି ସଫଳ ହୁଅନ୍ତି। ଏହି ଭିଡ ଭିତରେ ହଜିଯାଉଥିବା ଅନେକ କଳାକାର ଆଗାମୀ ପିଢି ପାଇଁ ଏକ ମଞ୍ଚ ତିଆରି କରିବାରେ ସଫଳ ହୋଇଥାନ୍ତି। ଏହିଭଳି କଳାକାରଙ୍କ ସଂଘର୍ଷ ଆଉ ସଫଳତାର କାହାଣୀକୁ ନେଇ 'ସକାଳ'ର ଉପସ୍ଥାପନା ମୁଁ କଳାକାର...

ପେଷାରେ ସେ ଜଣେ ଅଧ୍ୟାପକ; କିନ୍ତୁ ଅଧ୍ୟାପନା ପଛରେ ଲୁଚି ରହିଛି ଜଣେ କଳାକାର ଚେହେରା। ନିଜର କର୍ମମୟ ଜୀବନ ଭିତରେ କଳାକୁ କମ୍ ଦେଇଛନ୍ତି ସତ; କିନ୍ତୁ ଯେବେ ବି ସମୟ ମିଳିଲେ ମୁହଁରେ ରଙ୍ଗ ଲଗାଇ ସେ ମଞ୍ଚରେ କଳା ପ୍ରଦର୍ଶନ କରିବାକୁ ପଛଘୁଞ୍ଚା ଦେଇ ନାହାନ୍ତି। ଏହିଭଳି ଜଣେ କଳାକାର ହେଉଛନ୍ତି ଅଧ୍ୟାପକ ଡ. ଲିଙ୍ଗରାଜ ମେହେର। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରୁ ଏମ୍‌ଏ, ଏମ୍‌ଫିଲ୍ ଓ ପିଏଚ୍‌ଡି ଡିଗ୍ରୀ ସହ ପ୍ରଦର୍ଶନ କଳା ନାଟ୍ୟ ନିର୍ଦ୍ଦେଶନା ବିଭାଗରେ ମଧ୍ୟ ସେ ଏମ୍‌ଏ ଡିଗ୍ରୀପ୍ରାପ୍ତ। ବଲାଙ୍ଗିର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩ ବର୍ଷ ଓ ଆଗଲପୁର ଡିଗ୍ରୀ ବିଜ୍ଞାନ ମହାବିଦ୍ୟାଳୟରେ ୧୨ବର୍ଷ ଅଧ୍ୟାପନା କରିବା ସହ ବର୍ତ୍ତମାନ ରୋତସ୍ଥିତ ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ (ବାଣୀନିକେତନ)ରେ ଓଡ଼ିଆ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଛନ୍ତି।



ସୁବର୍ଣ୍ଣପୁର ଜିଲ୍ଲା, ବୀରମହାରାଜପୁର ବ୍ଲକର ସୁବଳୟା ଟିକିରାପଡ଼ାରେ ପିତା ଶୁକଦେବ ମେହେର ଓ ମାତା ଗୋଲାପୀ ମେହେରଙ୍କ ଔରସରୁ ୧୯୮୨ ମସିହାରେ ଜନ୍ମିତ ଡକ୍ଟର ମେହେର ପିଲାଟି ଦିନରୁ ମୁହଁରେ ରଙ୍ଗ ମାଖି ଅନେକ ମଞ୍ଚରେ ଅଭିନୟ କରିଛନ୍ତି। ପରେ ନାଟ୍ୟ ରଚନା ଓ ନିର୍ଦ୍ଦେଶନା ଦେଇ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ପାଇଛନ୍ତି। ସେ ଜଣେ କଣ୍ଠଶିଳ୍ପୀ ଭାବରେ ମଧ୍ୟ ବିଭିନ୍ନ ମଞ୍ଚରେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ କିଣି ପାରିଛନ୍ତି। ୨୦୦୪ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ନାଟ୍ୟ ସଂସଦର ସମ୍ପାଦକ ଥିବାବେଳେ ତତ୍କାଳୀନ ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ମହାରାଜ କଂସ ଗୋପାଳ ସାହୁଙ୍କଠାରୁ ପ୍ରେରଣା ପାଇ ଦିନେ ନା ଦିନେ ସେହି ମଞ୍ଚରେ କଂସ ଭୂମିକାରେ ଅଭିନୟ କରିବାର ଇଚ୍ଛା କରିଥିଲେ। ଚଳିତ ବର୍ଷ ବରଗଡ଼ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ମହାରାଜ କଂସ ଭୂମିକା ପାଇଁ ଅଡିସନ ଦେଇ ଦର୍ଶକ ମହଲରେ ଉଚ୍ଚ ପ୍ରଶଂସିତ ମଧ୍ୟ ହୋଇପାରିଛନ୍ତି। ଜଣେ ଅଧ୍ୟାପକ ଭାବେ ମହାବିଦ୍ୟାଳୟରେ ଦିନକୁ ୭ ଘଣ୍ଟାରୁ ଅଧିକ ସମୟ ରହିବାକୁ ପଡୁଛନ୍ତି। ଏଣୁ ଅନେକ ମଞ୍ଚରେ ଅଭିନୟ ପାଇଁ ନିମନ୍ତ୍ରଣ ଆସୁଥିଲେ ମଧ୍ୟ ସେ ସମୟ ଅଭାବରୁ ତାହା କରି ପାରୁ ନାହାନ୍ତି; କିନ୍ତୁ ମନରେ ଅନେକ ଆଶା ଓ ବିଶ୍ୱାସ ଦିନେ ନା ଦିନେ ସେହି ବିଶ୍ୱ ପ୍ରସିଦ୍ଧ ମଞ୍ଚରେ ମହାରାଜ କଂସ ଭୂମିକାରେ ଅଭିନୟ କରି ନିଜର ନିଖୁଣ ଅଭିନୟ ଦେଖାଇବା ସହ ତାହାର ମାନକୁ ଆହୁରି ଉର୍ଦ୍ଧ୍ୱକୁ ନେଇ ପାରିବେ।

# ରାଣୀବନ୍ଧରେ ଡକାୟତି ଯୋଜନା ପଣ୍ଡ; ୫ ଗିରଫ

ରାଉରକେଲା,୨୮।୧୧(ସମିସ)



**ଟଙ୍କା, ସ୍କୁଟି ସହ ବିପୁଳ ମାରଣାସ୍ତ୍ର ଜବତ**

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ଠାରେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଏହି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ୫ ଜଣ ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ନିକଟ ହକି ଷ୍ଟାଡିୟମ୍ ନିକଟରେ ଗତ ୨୭ ଓ ୨୮ ବିଳମ୍ବିତ ରାତିରେ ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ବଡଧରଣର ଡକାୟତି କରିବା ପାଇଁ ଡକାୟତମାନେ ଯୋଜନା କରୁଥିଲେ। ଏନେଇ ସୂଚନା ପାଇ ସୁନ୍ଦରଗଡ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ସଦଳବଳେ ଚଢ଼ଉ କରି ଘଟଣା ସ୍ଥଳରୁ ୫ ଜଣ ଡକାୟତଙ୍କୁ ଗିରଫ କରିଥିଲେ। ତେବେ ଏହି ଚଢ଼ଉ ବେଳେ ଜଣେ ଡକାୟତ ଜଣେ ପୁଲିସ କର୍ମଚାରୀଙ୍କୁ ଭୁଜାଲିରେ ଆକ୍ରମଣ କରିବାକୁ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡିଛି। ଘଟଣା ସ୍ଥଳରୁ ପୁଲିସ, ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଖଣ୍ଡା, ଗୋଟିଏ ଲୁହା ରଡ୍, ଗୋଟିଏ ଛୁରି, ୫ଟି ମୋବାଇଲ୍ ଫୋନ୍, ୫ଟି ମାସ୍କ, ଗୋଟିଏ ସ୍କୁଟି ସହ ସେମାନଙ୍କ ନିକଟରୁ ମୋଟ ୭୪୬୦ ଟଙ୍କା ନଗଦ ଜବତ କରାଯାଇଛି।

# ୯ କିଲୋ ଗଞ୍ଜେଇ ଜବତ; ୩ ଗିରଫ



ରାଉରକେଲା,୨୮।୧୧(ସମିସ): ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଡେଙ୍ଗିବାଡି ଅଞ୍ଚଳରେ ଚୋରା ଗଞ୍ଜେଇ କାରବାର କରୁଥିବା ୩ ଜଣ ଗଞ୍ଜେଇ ମାଫିଆଙ୍କୁ ଟାଉନ ଥାନା ପୁଲିସ ଗିରଫ କରିଥିବା ଜଣାପଡିଛି। ଡେଙ୍ଗିବାଡି ଅଞ୍ଚଳରେ ଏକ ବୋଲେରୋ ଭ୍ୟାନ୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଟାଉନ ଥାନା ପୁଲିସ ଡେଙ୍ଗିବାଡି ଅଞ୍ଚଳରେ ଚଢ଼ଉ କରି ଚୋରା ଗଞ୍ଜେଇ କାରବାର କରୁଥିବା ୩ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଥିଲେ। ଗିରଫ ୩ ଜଣ ହେଉଛନ୍ତି ବୌଦ୍ଧ କନ୍ଧମାଳ ଅଞ୍ଚଳର ପ୍ରଶାନ୍ତ ବାରିକ (୫୩), ଶୁଭେନ୍ଦୁ ଖଟୁଆ (୩୫) ଏବଂ ସୁନ୍ଦରଗଡ ଡେଙ୍ଗିବାଡି ଅଞ୍ଚଳର ସାଗର ଓରଫ ଜିତୁ ମହାନ୍ତି (୫୩)। ସେମାନଙ୍କ ନିକଟରୁ ୯ କିଲୋଗ୍ରାମ ୩୦୦ ଗ୍ରାମ ଓଜନର ଗଞ୍ଜେଇ ସହ ୩୦ ହଜାର ୯୫୦ ଟଙ୍କା, ୩ଟି ମୋବାଇଲ ଫୋନ ଓ ଗୋଟିଏ ବୋଲେରୋ ଭ୍ୟାନ୍‌କୁ ଜବତ କରାଯାଇଛି। ତେବେ ବୌଦ୍ଧ ଜିଲ୍ଲା କନ୍ଧମାଳ ଅଞ୍ଚଳର ଆଉ କେଉଁମାନେ ଏହି ଗଞ୍ଜେଇ କାରବାରରେ ସମ୍ପୃକ୍ତ ସେ ନେଇ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ଶ୍ରୀ ମହାପାତ୍ର କହିଛନ୍ତି।

# ଜିଲ୍ଲାସ୍ତରୀୟ ଅସ୍ମିତା ପେଞ୍ଚାକ୍ ସିଲାଟ ଲିଗ୍



ରାଉରକେଲା,୨୮।୧୧(ସମିସ): ପେଞ୍ଚାକ୍ ସିଲାଟ ଆସୋସିଏସନ୍ ସୁନ୍ଦରଗଡ଼ ଅନୁକୁଲ୍ୟରେ ରାଉରକେଲା ସ୍ଥିତ ସେକ୍ଟର-୭ ସୁରଭି ସ୍ପୋର୍ଟସ ସୋସାଇଟିଠାରେ ଜିଲ୍ଲାସ୍ତରୀୟ ଏକ ଦିବସୀୟ ଅସ୍ମିତା ପେଞ୍ଚାକ୍ ସିଲାଟ ଓମେନ୍ସ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନ୍‌ସିପ୍‌ରେ ସୁନ୍ଦରଗଡ଼ର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ କ୍ରୀଡା ସଂଗଠନର ୨୦୦ରୁ ଊର୍ଦ୍ଧ୍ୱ ବାଳିକା ଓ ମହିଳା ପ୍ରତିଯୋଗୀ ସିଂଗା, ମାକାନ, ପ୍ରି-ଟିନ୍, ପ୍ରି-ଜୁନିଅର, ଜୁନିଅର ଏବଂ ସିନିୟର ବର୍ଗରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଚାମ୍ପିଅନସିପକୁ ୨୦ ଜଣ ଅଫିସିଆଲ୍ ପରିଚାଳନା କରିଥିଲେ। ଉଦ୍‌ଘାଟନ ଉତ୍ସବରେ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଏବଂ ଗଙ୍ଗପୁର ରାଣୀ ବିଜ୍ଞାନୀ ଶେଖର ଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ବିଭାଗର ସହ ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ରାଉରକେଲାର ପ୍ରତିଷ୍ଠିତ ମହିଳା ଉଦ୍ୟୋଗୀ ଏବଂ କ୍ରୀଡା ପ୍ରୋତ୍ସାହିକା ମାଳିନ୍ଦର କୌର ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ପେଞ୍ଚାକ୍ ସିଲାଟ ଆସୋସିଏସନ୍‌ର ସଭାପତି ତାପସ ରାୟ ଚୌଧୁରୀ ଏବଂ ସାଧାରଣ ସମ୍ପାଦକ ପ୍ରେମ ସିଂହ ଥାପାଙ୍କ ସହିତ ପେଞ୍ଚାକ୍ ସିଲାଟ ଆସୋସିଏସନ୍ ସୁନ୍ଦରଗଡ଼ର ସଭାପତି ହର୍ମନ୍ ଲାକ୍ରା, ଉପସଭାପତି ଶ୍ରୀୟା କୋହଲି, ସଞ୍ଚିତା ଗୁପ୍ତା, ସମ୍ପାଦକ ଶରତ କୁମାର ଦାସ ସମସ୍ତ ଖେଳାଳି, ଅଭିଭାବକ ଏବଂ ଅଫିସିଆଲମାନଙ୍କୁ ଚାମ୍ପିଅନସିପର ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ଭେଣ୍ଡିଂ ଜୋନ୍‌ର ଦୋକାନ ଆବଣ୍ଟନକୁ ନେଇ ବିକ୍ଷୋଭ



ରାଉରକେଲା,୨୮।୧୧(ସମିସ): ପାନପୋଷ ମାର୍କେଟ ଭେଣ୍ଡିଂ ଜୋନ୍ କମିଟିର ସଭାପତି ମାତା ପ୍ରସାଦ ଜୟସ୍ୱାଲଙ୍କ ନେତୃତ୍ୱରେ ୭୩ ଜଣ ଭେଣ୍ଡିଂ ଜୋନ୍ ଦୋକାନୀ ଶୁକ୍ରବାର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଦାବିପତ୍ର ମହାନଗର ନିଗମ ଆୟୁକ୍ତଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୭୩ ଜଣ ବିକ୍ରେତା ୨୫ ବର୍ଷ ଧରି ପାନପୋଷ ପୁରୁଣା ଏନ୍‌ଏସି ମାର୍କେଟ ପରିସରରେ ଛୋଟ ଛୋଟ ବ୍ୟବସାୟ ଚଳାଇ ପରିବାର ପ୍ରତିପୋଷଣ କରିଆସୁଥିଲେ। ପୁରୁଣା ଏନ୍‌ଏସି ମାର୍କେଟକୁ ଭାଙ୍ଗି ଦିଆଯିବା ସମୟରେ ସେହି ଛୋଟ ଛୋଟ ଦୋକାନୀମାନଙ୍କୁ ଅସ୍ଥାୟୀ ଭାବରେ ଏନ୍‌ଏସି ମାର୍କେଟକୁ ଲାଗି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଖାଲି ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ତତ୍କାଳୀନ ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ସେହି ଦୋକାନୀମାନଙ୍କୁ ନୂତନ ମାର୍କେଟ ବିଲଡିଂକୁ ସ୍ଥାନାନ୍ତରିତ କରାଇଥିଲେ। ସେଠାରେ ନୂତନ ମାର୍କେଟ୍ ବିଲଡିଂ ତିଆରି ନହେବା ପର୍ଯ୍ୟନ୍ତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରସ୍ଥ ଭେଣ୍ଡିଂ ଜୋନ୍ ସ୍ଥାନରେ ଦୋକାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନୂତନ ମାର୍କେଟ ବିଲଡିଂ ତିଆରି ସରିବା ପରେ ୧୧୪ଟି ଦୋକାନୀଙ୍କୁ ସେଠାରେ ଆବଣ୍ଟନ କରାଯାଇ ସ୍ଥାନାନ୍ତର କରାଯାଇଛି। ଏଥିସହିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଭେଣ୍ଡିଂ ଜୋନ୍‌ରୁ ସେମାନଙ୍କ ଦୋକାନ ଘରକୁ ଖାଲି କରିଦିଆଯାଇଛି। ଭେଣ୍ଡିଂ ଜୋନରେ ଥିବା ୧୧୪ଟି ଦୋକାନ ବର୍ତ୍ତମାନ ଖାଲି ପଡିଥିବା ଦୃଷ୍ଟିରୁ ଏହି ଦୋକାନଗୁଡିକୁ ୭୪ ଜଣ ଭେଣ୍ଡିଂ ଜୋନର ଦୋକାନୀମାନଙ୍କୁ ଦେବା ପାଇଁ ଆଜି ରାଉରକେଲା ମହାନଗର ନିଗମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପରିସ୍ଥିତି ଦୃଷ୍ଟିରୁ, ସେହି ଭେଣ୍ଡିଂ ଜୋନରେ ଥିବା ଦୋକାନ ଘରକୁ ରାଉରକେଲା ମହାନଗର ନିଗମ ପକ୍ଷରୁ ୩ ଲକ୍ଷ ଟଙ୍କା ରଖାଯାଇଛି। ଭେଣ୍ଡିଂ ଜୋନରେ ଥିବା ଦୋକାନ ଘରକୁ ୩ ଲକ୍ଷ ଟଙ୍କା ପରିବର୍ତ୍ତେ ମୂଳ ମୂଲ୍ୟ ୧ ଲକ୍ଷ ଟଙ୍କାରେ ସେମାନଙ୍କୁ ପ୍ରଦାନ କରାଯିବାକୁ ଦୋକାନୀମାନେ ଦାବି କରିଛନ୍ତି। ଆଜିର ଏହି ବିକ୍ଷୋଭରେ ମାତା ପ୍ରସାଦ ଜୈସୱାଲ, ପ୍ରକାଶ ସାହୁ, ଶିବମ୍ ଚୌରାସିଆ, ପ୍ରଦୀପ୍ତ ମିଶ୍ର, ଇଶିକ୍ ହୁସେନ୍, ସୌରଭ ଜୈସୱାଲ, ସାଇଫୁ, ମୁକେଶ ସାହୁ, ଦେବ ନାରାୟଣ, ରାଜେଶ ନାଗ, ଅରବିନ୍ଦ ସାହୁ, ମହେଶ ସାହୁ, ନିରଂଜନ ସାହୁ, ପିଣ୍ଟୁ ବାରିକ୍, ବାବୁଲି ବାରିକ, ଉମା ସାହୁ, ଅଜୟ ଅଗ୍ରୱାଲ, ଶଙ୍କର ରଜକ, ଗଙ୍ଗା ସାଗର ସାହୁ, ଗୁଡ୍ଡୁ ଚୌରାସିଆ, ଏମ୍‌ଡି ଲାଲା, ବିଦ୍ୟା ପୃଷ୍ଟି, ଏମ୍‌ଡି ରଫି, ବିଦ୍ୟା ପୃଷ୍ଟି, ତାପସ ସୁନା, କୈଳାଶ ଚନ୍ଦ୍ର ସାହୁ, ସାହନେୱାଲ ଆଲାମ, ଲଲାନ ଶର୍ମା, ଚିତ୍ତରଞ୍ଜନ ଜେନା, ବିଦ୍ୟା ପ୍ରସାଦ, କରୁ ସାହୁ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଦୋକାନୀ ଉପସ୍ଥିତ ଥିଲେ।

# ଆସନ୍ତା ୨ ରୁ ସୁନ୍ଦରଗଡ଼ ସାଂସଦ ଖେଳ ମହୋତ୍ସବ

ରାଉରକେଲା,୨୮।୧୧(ସମିସ): ସମଗ୍ର ଦେଶରେ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଗ୍ରହ କ୍ରମେ ଏହି ଯୋଜନା 'ସାଂସଦ ଖେଳ ମହୋତ୍ସବ' ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ରୂପାନ୍ତର କରିବା ପାଇଁ ଆଜି ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରାଉରକେଲା ସାଂଗଠନିକ ଜିଲ୍ଲାର ପ୍ରସ୍ତୁତି ବୈଠକ ସଂସଦୀୟ କ୍ଷେତ୍ର ଖେଳ ମହୋତ୍ସବର ସଂଯୋଜକ ଅଭୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ରାଉରକେଲା ସଂଯୋଜକ ପ୍ରକାଶ ପାଶୱାନ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦୀୟ କ୍ଷେତ୍ର ସଂଯୋଜକ ଅଭୟ କୁମାର ପଟ୍ଟନାୟକ ପ୍ରକାଶ କଲେ ଯେ ଏହି ଖେଳ, ପଞ୍ଚାୟତ, ବ୍ଲକ ଓ ବିଧାନସଭା କ୍ଷେତ୍ରରେ ଡିସେମ୍ବର ୨ ତାରିଖରୁ ୭ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର ସୁନ୍ଦରଗଡ ଠାରେ ଡିସେମ୍ବର ୧୩ ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ଖେଳରେ ୧୫ ଟି ମଧ୍ୟରେ ଆଥେଲେଟିକ, ବ୍ୟାଡମିଣ୍ଟନ, ଫୁଟବଲ, ବକ୍ସିଂ, କବାଡି, ଖୋଖୋ, ଭଲିବଲ, ହକି, ହେଣ୍ଡ ବଲ, ଆର୍ଚେରୀ , ସାଇକ୍ଲିଙ୍ଗ, ରଙ୍ଗୋଲି, ପୁଚି, ଦଉଡ଼ି ଡିଆ, ଯୋଗ ଆଦି ଖେଳ ରହିଛି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଏକ ମଶାଲ ଶୋଭାଯାତ୍ରା ବଣାଇଁ ରୁ ଡିସେମ୍ବର ୫ ତାରିଖରୁ ବାହାରି ରାଉରକେଲା ଦେଇ ୧୩ ତାରିଖରେ ସୁନ୍ଦରଗଡରେ ପହଞ୍ଚିବ ବୋଲି ସୂଚନା ଦେଇଥିଲେ। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ଭିଡିଓ କନଫରେନସିଂ ମାଧ୍ୟମରେ ବୈଠକକୁ ଉଦବୋଧନ ଦେଇଥିଲେ।

**• ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସରଗିଫୁଲ'**

# ଭଲିବଲ୍‌ରେ ବିର୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ୍



**ଲଳିତା ତିର୍କୀଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍**

ରାଉରକେଲା,୨୮।୧୧(ସମିସ): ସୁନ୍ଦରଗଡ ଜିଲ୍ଲାର ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ବିଭାଗ ତରଫରୁ ବଡ଼ଗାଁ ଦେଓକରଣ ହାଇସ୍କୁଲଠାରେ ଗତ ୨୪ ରୁ ୨୬ ନଭେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ-୨୦୨୫ ଏଥିରେ ବିର୍ସା ବାଳିକା ଉଚ୍ଚ ବିଦ୍ୟାଳୟ ବିଜାଡିହି ଚାମ୍ପିଅନ୍ ହୋଇଥିବା ଜଣାପଡିଛି। ଏହି ଉତ୍ସବରେ ଲଳିତା ତିର୍କୀ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ବିଶ୍ରା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବିଜ୍ଞାନ ପ୍ରଦର୍ଶନୀ ଏବଂ ଭଲିବଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ଭଲିବଲ ଖେଳରେ ପାଖାପାଖି ଜିଲ୍ଲାର ୨୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ୍ ବିର୍ସା ବାଳିକା ଉଚ୍ଚ ବିଦ୍ୟାଳୟ ବିଜାଡିହି ଓ ତୁଲାଲଗା ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମ୍ୟାନ ଅଫ୍ ଦି ସିରିଜ ଭାବେ ଦଶମ ଶ୍ରେଣୀ ଛାତ୍ରୀ ଲଳିତା ତିର୍କୀଙ୍କୁ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଓ ଲଳିତାର ସଫଳତାରେ ବିଶ୍ରା ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ, ବିଜାଡିହି ହାଇସ୍କୁଲର ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ଗରଡିଆ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ ସୌମ୍ୟରଞ୍ଜନ ଘଡାଇ, କୋଚ୍ ଦେବଦତ୍ତ ଜେନା ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

ରାଉରକେଲା,୨୮।୧୧(ସମିସ): ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ୨୫ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଛି। ଏହାର ରାଉରକେଲା ସରକାରୀ ଆଇଟିଆଇର ପଡିଆ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ହିନ୍ଦୀ ମାଧ୍ୟମ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଲ୍ୟାଣୀ ଦେବୀ ଓ ପାନପୋଷ ସ୍ଥିତ ଲାୟନ୍ସ କ୍ଲବର ପୂର୍ବତନ ଅଧ୍ୟକ୍ଷ ଉମାଶଙ୍କର ତିୱାରୀ, ବିଦ୍ୟାଳୟର ସଭାପତି ଭବାନୀଶଙ୍କର ଚାନ୍ଦେଲ, ସଂପାଦକ ଚନ୍ଦ୍ରଧ୍ୱଜ ମାଝୀ, କୋଷାଧ୍ୟକ୍ଷ ବସନ୍ତ କୁମାର ତନ୍ତୀ ଉପସ୍ଥିତ ରହି ଆଗାମୀ ଭବିଷ୍ୟତର କ୍ରୀଡାବିତ୍‌ମାନଙ୍କୁ ନିଜ ନିଜର ପ୍ରତିଭାର ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡଲି ସାହୁ ମଞ୍ଚ ପରିଚାଳନା କରିଥିଲେ। ଶାରୀରିକ ପ୍ରମୁଖ ମିଲି ବିଶ୍ୱାଳଙ୍କର ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବାଲବର୍ଗ ଶିଶୁମାନଙ୍କର ୧୦୦ ମିଟର ଦୌଡର ଶୁଭାରମ୍ଭ ହୋଇଥିଲା। ଏହାପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଦୌଡ, ଗୋଲାଫିଙ୍ଗା, ଲମ୍ବଡିଆଁ, ଜୋତାମୋଜା ଦୌଡ, ଗୋଲିଚାମଚ ଖେଳ ଅନୁଷ୍ଠିତ ହୋଇଥିଲା।



# ବିପିଏନ୍‌ଏସ୍‌ଆଇର ବୃତ୍ତିଗତ ଜ୍ଞାନ ଆଦାନପ୍ରଦାନ କର୍ମଶାଳା



ରାଜଗାଙ୍ଗପୁର,୨୮।୧୧(ସମିସ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ(ବିପିଏନ୍‌ଏସ୍‌ଆଇ)ର ବୃତ୍ତିଗତ ଏକ ଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ରାଜଗାଙ୍ଗପୁର ସ୍ଥିତ ସ୍କାନ୍ ଷ୍ଟିଲ୍ସ ଲିମିଟେଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ବିପିଏନ୍‌ଏସ୍‌ଆଇର ୟୁନିଟ୍ -୨ ପ୍ଲାଣ୍ଟ ମୁଖ୍ୟ ଅଙ୍କୁର ମଦନ, ୟୁନିଟ୍-୧ ପ୍ଲାଣ୍ଟ ମୁଖ୍ୟ ବିନୀତ ଗାଗୋଡିଆ, ଜିଏମ୍ (ଏଚ୍‌ଆର୍) ହରିଓମ ମିଶ୍ର ଯୋଗଦେଇ ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ଶୁଭାରମ୍ଭ କରିଥିଲେ। ବିପିଏନ୍‌ଏସ୍‌ଆଇ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ରାଜଗାଙ୍ଗପୁର ଏସ୍‌ଏସ୍‌ଏଲ୍‌ର କାର୍ଯ୍ୟରତ ବୃତ୍ତିଗତମାନଙ୍କୁ ସେ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ଜ୍ଞାନରଞ୍ଜନ ପୋଥାଲ "ଡିଆର୍‌ଆଇ ଉତ୍ପାଦନ ପ୍ରକ୍ରିୟା, ବୃଦ୍ଧି ଗଠନ ଏବଂ ନିୟନ୍ତ୍ରଣ, ଇଣ୍ଡକ୍ସନ୍ ଫର୍ଣ୍ଣେସ୍ ଏବଂ ରୋଲିଂର ସଂକ୍ଷିପ୍ତ ବିବରଣୀ' ଉପରେ ତାଙ୍କର ବକ୍ତୃତା ଶ୍ରେଣୀ ଉପସ୍ଥାପନ କରିଥିଲେ। ପ୍ରଫେସର ସତ୍ୟପ୍ରିୟ ଶତପଥୀ "ଡିଆର୍‌ଆଇ ୟୁନିଟ୍‌ଗୁଡ଼ିକରେ ଶକ୍ତି ଦକ୍ଷ ପ୍ରଯୁକ୍ତିବିଦ୍ୟା' ଉପରେ ଉପସ୍ଥାପନ କରିଥିଲେ। ଜିଏମ୍(ଏଚ୍‌ଆର୍) ହରିଓମ ମିଶ୍ର ଓ ସିନିୟର୍ ଏଚଆର୍‌ଏମ ପ୍ରଭୁରାମ ଦେ କାର୍ଯ୍ୟକ୍ରମ ସମାପନ କରିଥିଲେ। ସ୍କାନ ଷ୍ଟିଲ୍ସ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରବୀଣ କୁମାର ପାତ୍ର ସମଗ୍ର ଜ୍ଞାନ ଆଦାନପ୍ରଦାନ କର୍ମଶାଳାକୁ ମାର୍ଗଦର୍ଶନ କରିଥିଲେ।


**• ଶ୍ରମ କୋର୍ଡ ପ୍ରତ୍ୟାହାର ଦାବି**

# ରାଷ୍ଟ୍ରପତିଙ୍କୁ ଟ୍ରେଡ୍ ୟୁନିଅନ୍ ମିଳିତ ମଞ୍ଚର ଦାବିପତ୍ର



ରାଉରକେଲା,୨୮।୧୧(ସମିସ) : କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଶ୍ରମିକ ବିରୋଧୀ ଚାରୋଟି ଶ୍ରମ କୋର୍ଡକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବିରେ ଆଜି ମିଳିତ ଟ୍ରେଡ ୟୁନିଅନ୍ ମଞ୍ଚ ତରଫରୁ ଆରଏଲସିଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ସିଆଟିୟୁର ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ରାଉରକେଲା ମଜଦୂର ସଭାର ସଭାପତି ଶଶଧର ନାୟକ, ଏଆଇଟିୟୁସିର ପ୍ରଦୋଷ କୁମାର ମହାନ୍ତି, ଗାଙ୍ଗପୁର ମଜଦୂର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ, ଆଇଏନ୍‌ଟିୟୁସିର ନିହାର ଦାସ, ଅକ୍ଷୟ ଜେନା, ଦିଲୀପ କୁମାର ମହାପାତ୍ର, ସିଟୁର ବସନ୍ତ ନାୟକ, ବିମାନ ମାଇତି, ଏଚଏମଏସର ସତ୍ୟାନନ୍ଦ ବେହେରା, କଳାକାର ସାହୁ, ଦିଗାମ୍ବର ମହାନ୍ତି, ଏଆଇଟିୟୁସିର ବିଷ୍ଣୁ ପଣ୍ଡା, ସଦାନନ୍ଦ ସାହୁ, ଏଆଇସିସିଟିୟୁର ସତ୍ୟପ୍ରିୟ ମହାନ୍ତି, ଏନ୍‌କେ ମହାନ୍ତି, ସିୟରର ହେମନ୍ତ କୁମାର ବେହୁରା ପ୍ରମୁଖ ଆରଏଲସି ଅଫିସରେ ପହଞ୍ଚି ଭୁବନେଶ୍ୱରରୁ ପହଞ୍ଚିଥିବା ଡିସିଏଲସି ଚିରଞ୍ଜିବୀ ସାଇକିଆଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଯଦି ଏହା ପ୍ରତ୍ୟାହୃତ ନ ହୁଏ ତେବେ ଆଗାମୀ ଦିନରେ ସାରା ଭାରତବର୍ଷରେ ଶ୍ରମିକ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ନେତୃମଣ୍ଡଳୀ ଦୃଢ଼ୋକ୍ତି ପ୍ରକାଶ କରି ଆରଏଲସିଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଟ୍ରାକ୍ଟର ଓଲଟି ୪ ଆହତ



ବଣାଇଁ,୨୮।୧୧(ସମିସ): ବଣାଇଁ ଥାନା ଅନ୍ତର୍ଗତ ଜକେଇକଳା ତଳିତା ରାସ୍ତାରେ ଶୁକ୍ରବାର ପୂର୍ବାହ୍ନରେ ଏକ ଟ୍ରାକ୍ଟର ଜମିରୁ ଧାନ ଆଣିବାକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ୧୦ ଫୁଟ୍ ତଳକୁ ଖସି ପଡିଥିଲା। ଫଳରେ ଡ୍ରାଇଭର ସମେତ ଟ୍ରାକ୍ଟରରେ ବସିଥିବା ୪ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇଁ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

**ଜୋନ୍‌ସ୍ତରୀୟ ଲୋକସାଂସ୍କୃତିକ ମହୋତ୍ସବ**

# ସାରୁବାହାଲର ଲକ୍ଷ୍ମୀ ନୃତ୍ୟ ଦଳ ଚାମ୍ପିଅନ୍


ରାଉରକେଲା,୨୮।୧୧(ସମିସ)




ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ବିଭାଗ ଦ୍ୱାରା ବିଶ୍ରା ବ୍ଲକ୍ ଅନ୍ତର୍ଗତ ଜାମସେରା ପଞ୍ଚାୟତ ଅଧୀନସ୍ଥ ଗ୍ରାମରେ ନଭେମ୍ବର ୨୫ ତାରିଖରେ ଆୟୋଜିତ ଜୋନ୍‌ସ୍ତରୀୟ ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ ରେ ବିଭିନ୍ନ ଗାଁର ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ୍ ଇନ୍ ଚାର୍ଜ ମୁନମୁନ ମିତ୍ର, ଡିଜିଏମ ଆର ଏସ୍ ବାରା, ଡିଜିଏମ ଟିବି ଟପ୍ପୋ, ଏଜିଏମ୍ ବି ଜେନା, ଡେପୁଟି ମ୍ୟାନେଜର ଏସ୍‌କେ ସୁକୁଲା, ଜାମସେରା ସରପଞ୍ଚ ବେଦନା ଓରାମ, ବିଜଡିହି ୱାର୍ଡ ମେମ୍ବର ଜର୍ମଣୀ ମିଞ୍ଜ ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ। ଶ୍ରୀ ଗିରି ଋଦ୍ଧିମନ୍ତ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସଆର ବିଭାଗର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଶ୍ରୀ ଗିରି ପ୍ରତିଯୋଗିତାର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡିକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ କାନେକର ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନେ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରିଥିଲେ। ସାରୁବାହାଲର ଲକ୍ଷ୍ମୀ ନୃତ୍ୟ ଦଳ ପ୍ରଥମ ପୁରସ୍କାର ଆକାରରେ ୧୦୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଚାମ୍ପିଅନ୍ ଟ୍ରଫି ଲାଭ କରିଥିବାବେଳେ ଉଡୁସୁ, କେନ୍ଦୁଟୋଲା ଗ୍ରାମର ସଞ୍ଜିତା ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ରୂପେ ୮୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। କଦମଟୋଲା ଗ୍ରାମର ମଙ୍ଗଲ ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୬୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଏହି ଅବସରରେ ବିଚାରକ ମଣ୍ଡଳୀ ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅଂଶଗ୍ରହଣକାରୀ ଅବଶିଷ୍ଟ ୨୭ଟି ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୨୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ନୃତ୍ୟ ଉତ୍ସବ ବିଜାଡିହିର ସନ୍ତୋଷି ମା, ରାଧିକା ଓ ଆଇଏମକେ ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆରଏସପି ସିଏସଆର ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଟି ବି ଟପ୍ପୋ ଧନ୍ୟବାଦ ଦେଇଥିଲେ। ସିଏସ୍‌ଆର୍ ବିଭାଗର ସେକ୍ସନ ଅଫିସର ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିଏସଆର ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ନିର୍ବୋଧତା ପାଇଁ କୋଣସି ପ୍ରତିଷେଧକ ଟିକା ନାହିଁ!
-ଆଲବର୍ଟ ଆଇନଷ୍ଟାଇନ

## ଟାରିଫ ଦ୍ୱନ୍ଦ୍ୱ ଦୂର ହେଉ

ରାଜ୍ୟର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀ ଅନୁମୋଦିତ ଦର ଠାରୁ ୟୁନିଟ୍ ପିଛା ଅତିରିକ୍ତ ୩୬ ପଇସା ଲେଖାଏଁ ଆଦାୟ କରିଥିବା ଅଭିଯୋଗ ହୋଇଛି । ଓଇଆରସି ୟୁନିଟ ପିଛା ବିଦ୍ୟୁତ୍ ଶୁଳ୍କ ୫ ଟଙ୍କା ୬୭ ପଇସା ଧାର୍ଯ୍ୟ କରି ଥିବା ବେଳେ ଟାଟା ପାୱାରର ୪ଟି ବିତରଣ କଂପାନୀ ଉପଭୋକ୍ତାଙ୍କ ଠାରୁ ୟୁନିଟ ପିଛା ୬ ଟଙ୍କା ୩ ପଇସା ଆଦାୟ କରୁଥିଲେ । ଏଥିସହିତ ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ନିରବତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସ୍ମାର୍ଟ ମିଟର ମାଧ୍ୟମରେ ଅତିରିକ୍ତ ଶକ୍ତି ବ୍ୟବହୃତ ହେଉଥିବା ଦର୍ଶାଇ ଟାଟା ପାୱାର ଶୁଳ୍କ ଆଦାୟ କରୁଥିବା ଅଭିଯୋଗର ବୈଷୟିକ ଦିଗ ସଂପର୍କରେ ଆମର ଧାରଣା କମ । ତେବେ ଅଭିଯୋଗର କିଛିଟା ଆଧାର ଯେ ରହିଛି ଏହା ସତ । ଦୁଇ ପ୍ରକାର ମିଟରରେ ରହୁଥିବା ପାର୍ଥକ୍ୟକୁ ଅଣଦେଖା କରାଯାଇପାରିବ ନାହିଁ ।

ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କମ୍ପାନୀ ସ୍ୱଷ୍ଟୀକରଣରେ କହିଛି ଯେ ବିତରକ କମ୍ପାନୀମାନେ ଓଇଆର୍‌ସି ଦ୍ୱାରା ଅନୁମୋଦିତ ଓ ବିଜ୍ଞାପିତ ବିଦ୍ୟୁତ ଟାରିଫ୍ ଅନୁଯାୟୀ ହିଁ ୟୁନିଟ୍ ପିଛା ଶୁଳ୍କ ଆଦାୟ କରେ । ପ୍ରତିବର୍ଷର ଟାରିଫ୍ ନିର୍ଦ୍ଦେଶନାମା ଓଇଆରସି ୱେବସାଇଟରେ ସାର୍ବଜନୀନ ଭାବେ ଉପଲବ୍ଧ ଅଛି, ଯାହାକୁ କୌଣସି ଉପଭୋକ୍ତା ନିଜ ବିଲ୍ ସହ ସହଜରେ ମେଳ କରିପାରିବେ । ତେବେ କମ୍ପାନୀ ଆହୁରି କହିଛି ଯେ ଖବରରେ ଉଲ୍ଲେଖ ହୋଇଥିବା ଅତିରିକ୍ତ ୩୬ ପଇସା ନିୟନ୍ତ୍ରକ ଅନୁମୋଦିତ ସର୍ବମାଧ୍ୟମିକ ହାର ଓ ବିତରକ କମ୍ପାନୀମାନଙ୍କର ବାସ୍ତବ ବିଲିଂ ମଧ୍ୟରେ ଥିବା ତଫାତ୍ । ବାସ୍ତବ ସପ୍ଲାଏ ମୂଲ୍ୟ ଅନୁଯାୟୀ ଏମିତି ତଫାତ୍ ପ୍ରାୟତଃ ହୋଇଥାଏ ଏବଂ ପରବର୍ତ୍ତୀ ଟ୍ରୁ–ଅପ୍ ଭିତରେ ସମନ୍ୱୟ ହୋଇଯାଏ ଆମର କହିବା କଥା ହେଲା ତେବେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଭ୍ରମାତ୍ମକ ହେଲା କିପରି? ବୈଷୟିକ ହିସାବ ପରିଚାଳନାରେ ଥିବା ଜଟିଳତା ଜଣେ ଉପଭୋକ୍ତା ପକ୍ଷରେ ବୁଝିବା କଷ୍ଟକର । ଧାର୍ଯ୍ୟ ଅନୁମୋଦିତ ଓ ବିଦ୍ୟୁତ୍ ବିଲ୍‌ରେ ଥିବା ଟାରିଫ୍ ଦୃଷ୍ଟିରେ ପଡ଼ିବା ପରେ ସେ ଅଭିଯୋଗ କରିବା ସ୍ୱାଭାବିକ ।

ଏଠାରେ ଆଉ ଗୋଟିଏ ଦିଗ ସଂପର୍କରେ ଉଲ୍ଲେଖ କରିବାକୁ ଆମେ ଉଚିତ ମନେ କରୁଛୁ । ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ଶକ୍ତି ଯୋଗାଣ ପ୍ରତିଶ୍ରୁତି ପୂରଣ କରିବାରେ ଟାଟା ପାୱାର ବିଫଳ ହୋଇଛି । ନାନା କାରଣ ଦର୍ଶାଇ ଲାଇନ କାଟିବା ଏକ ନିୟମିତ ଧାରାରେ ପରିଣତ ହୋଇଛି । ଏସବୁ ବାଦ ଆମକୁ ସ୍ୱୀକାର କରିବାକୁ ହେବ ଯେ ବିଦ୍ୟୁତ୍ ପରିବହନ ଓ ଯୋଗାଣ ଭିତ୍ତିଭୂମି କ୍ରମେ ସୁଦୃଢ଼ ହୋଇଛି । ସେହିଭଳି ସରବରାହ କ୍ଷତି ମଧ୍ୟ ଅନେକଟା ହ୍ରାସ ପାଇଛି । ସର୍ବୋପରି ଉପଭୋକ୍ତାଙ୍କଠାରୁ ଆଦାୟ କରାଯାଇଥିବା ଅଧିକ ଶୁଳ୍କ କିଭଳି ଓ କେଉଁ ଧାରାରେ ଭରଣା କରାଯିବ ତାହା ସ୍ଥିରୀକୃତ ହେବା ଆବଶ୍ୟକ । ଆସନ୍ତା ଟାରିଫ ନିର୍ଣ୍ଣୟ ବେଳେ ଏହି ପ୍ରସଙ୍ଗର ନିଶ୍ଚୟ ସ୍ୱତନ୍ତ୍ର ଗୁରୁତ୍ୱ ରହିବ । ଗଣମାଧ୍ୟମରେ ପ୍ରକାଶିତ ଖବର ଓ ଟାଟା ପାୱାରର ସ୍ୱଷ୍ଟୀକରଣରେ ମଧ୍ୟ କିଛିଟା ଦ୍ୱନ୍ଦ୍ୱ ରହୁଛି । ଏହି ଦ୍ୱନ୍ଦ୍ୱ ଦୂର ହେବା ନିହାତି ଆବଶ୍ୟକ । ଏ ଦିଗରେ ସରକାରୀ ହସ୍ତକ୍ଷେପ ନିହାତି ଆବଶ୍ୟକ ।

## ଦୁର୍ଲ୍ଲଭ ହେବ ସୁଲଭ

ବିଶ୍ୱର ୬୦ ପ୍ରତିଶତ ବିରଳ ମୃତ୍ତିକା ଚୀନ ନିୟନ୍ତ୍ରଣରେ ରହିଛି । ଏପରିକି ତାହାର ୯୦ ପ୍ରତିଶତ ଶୋଧନ କ୍ଷମତାବଳରେ ବ୍ୟବହାର ଉପଯୋଗୀ ସ୍ଥାୟୀ ଚୁମ୍ବକ ମଧ୍ୟ ପ୍ରସ୍ତୁତ କରୁଛି । ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ସାମଗ୍ରୀ, ସୌର ଶକ୍ତି, ବିଦ୍ୟୁତ ଚାଳିତ ଗାଡ଼ି, ମହାକାଶ ଯାନ, ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ଯନ୍ତ୍ରାଂଶ ନିର୍ମାଣରେ ଏହାର ପ୍ରୟୋଗ ପାଇଁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଙ୍କୁ ଚୀନ ଉପରେ ନିର୍ଭର କରିବାକୁ ପଡୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧର ପ୍ରଥମ ଶିକାର ଚୀନ ହୋଇଥିଲେ ମଧ୍ୟ ବିରଳ ମୃତ୍ତିକା ପ୍ରସଙ୍ଗକୁ ନେଇ ସେ ନରମି ଯିବାକୁ ବାଧ୍ୟ ହୋଇଥିଲେ । ଗତ ଏପ୍ରିଲରେ ଭାରତକୁ ଏହା ଯୋଗାଇବାରେ ଚୀନ କଟକଣା ଲଗାଇବା ପରେ ଅଟୋମୋବାଇଲ ଓ ଇଲେକ୍ଟ୍ରୋନିକ୍ କ୍ଷେତ୍ରରେ ଶୀଥିଳତା ପରିଲକ୍ଷିତ ହୋଇଛି । ଏକ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ ପ୍ରୟାସ ଆରମ୍ଭ କରିଛି ସେହି ପ୍ରକଳ୍ପକୁ କେନ୍ଦ୍ର ସରକାର ୭.୩୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

ଏଦିଗରେ କାନାଡ଼ାର ସହଯୋଗିତାକୁ ପ୍ରାଧାନ୍ୟ ଦିଆଯାଇଛି । ଜି-୨୦ ଶିଖର ସମ୍ମିଳନୀ ପ୍ରେକ୍ଷାପଟ୍ଟରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ସକାରାତ୍ମକ ଆଲୋଚନା ବେଶ ଫଳପ୍ରଦ ହୋଇଛି । ୭୦ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି । କାନାଡ଼ାକୁ ୫୧ ତମ ରାଜ୍ୟରେ ପରିଣତ କରି ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ସେଠିକାର ରାଜ୍ୟପାଳ ଦାୟିତ୍ୱ ଦିଆଯିବ ବୋଲି ଟ୍ରମ୍ପ କରିଥିବା ଖୋଲାଖୋଲି ଘୋଷଣା ପରେ ପରେ ଦୁଇ ରାଷ୍ଟ୍ରମଧ୍ୟରେ ସଂପର୍କ ଏକପ୍ରକାର ତୁଟି ଯାଇଛି । ଶିଖ ଉଗ୍ରପନ୍ଥୀ ଖାଲିସ୍ଥାନୀଙ୍କୁ ନେଇ ଭାରତ ଓ କାନାଡ଼ା ମଧ୍ୟରେ ଯେଉଁ ବିବାଦର ସୂତ୍ରପାତ ହୋଇଥିଲା ତାହାକୁ ପଛରେ ପକାଇ ଏବେ ଦୁଇପକ୍ଷ ସଂପର୍କର ନୂଆ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି । ବିଶେଷ କରି ଟ୍ରୁଡୋଙ୍କ ପରେ କାର୍ଣ୍ଣେ ରାଷ୍ଟ୍ର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ଅଧିକ ଗୁରୁତ୍ୱ ଦେଇ ଜଣେ ପ୍ରଗତିଶୀଳ ନେତା ରୂପେ ଆବଶ୍ୟକସ୍ଥଳେ କୋହଳ ନୀତି ଅବଲମ୍ବନ କରିବାକୁ ଆଗେଇ ଆସିଛନ୍ତି । ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ କାନାଡ଼ାରେ ମହଜୁଦ୍ ଥିବା ଦୁର୍ଲଭ ଖଣିଜକୁ ଏକ୍ଷେତ୍ରରେ ବ୍ୟବହାର କରିବାର ସୁଯୋଗ ରହିଛି ବୋଲି ଅବଗତ କରାଇବା ପରେ ମଞ୍ଜୁରୀ ଲାଭ କରିଥିବା ନୂତନ ପ୍ରକଳ୍ପର ସମ୍ଭାବନା ଉଜ୍ଜ୍ୱଳ ହୋଇଛି । ଏହି ସମନ୍ୱିତ ବିରଳ ମୃତ୍ତିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହେବା ସହ ବିଶ୍ୱରେ ଅନ୍ୟତମ ପ୍ରମୁଖ ପ୍ରତିଯୋଗୀ ଭାବେ ଉଭା ହେବ ।

ସମସ୍ୟା ବା ସଂକଟ ସୃଷ୍ଟି ନହେଲେ ସ୍ଥିତି ସମ୍ଭାଳିବାକୁ ବିକଳ୍ପ ଖୋଜିବାର ଆବଶ୍ୟକତା ପଡ଼େନି । ଚୀନ ଉପରେ ନିର୍ଭର କରି ଶିଳ୍ପାୟନର ପ୍ରଗତି ଓ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନ ଦେଖାଯାଇପାରିବ ନାହିଁ । ସମୟ ବଦଳିଛି । ଟ୍ରମ୍ପଙ୍କ ସହ ମନ ଅମେଳ ହେବାରୁ ବାଣିଜ୍ୟର ନୂଆକ୍ଷେତ୍ର ପାଇଁ ଉଦ୍ୟମ ଆରମ୍ଭ ହେଲା ଏବଂ ତାହା କ୍ରମେ ସଫଳତାର ନିକଟବର୍ତ୍ତୀ ହେଉଛି । ଏହି ପ୍ରକଳ୍ପର ଭବିଷ୍ୟତ ନେଇ ଏବେଠାରୁ କିଛି କହିହେବନି । ତେବେ ଏହା ଯେ ଏକ ଭଲ ପ୍ରୟାସ ଏଥିରେ କେହି ଦ୍ୱିମତ ହେବେ ନାହିଁ ।

# ସାଂପ୍ରତିକ ସମାଜରେ ନିର୍ଯାତନାର ପରିଭାଷା

ଡକ୍ଟର ଅଭିମନ୍ୟୁ ବରାଳ

ଆମ ସମାଜରେ ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ନିର୍ଯାତନା ଶିକାର ହେଉଛନ୍ତି । ନିର୍ଯାତିତ ଉଭୟ ମହିଳା ଓ ପୁରୁଷ ନ୍ୟାୟ ପାଇବା ପାଇଁ ହକ୍‌ଦାର । ତେଣୁ ନିର୍ଯାତନାର ଶିକାର ହେଉଥିବା ପୁରୁଷମାନଙ୍କ ପାଇଁ ମଧ୍ୟ ଏକ ପୁରୁଷ ଆୟୋଗ ଗଠନ ହେବାର ଏବଂ ଏଥିପାଇଁ ପୁରୁଷମାନେ ଏକଜୁଟ୍ ହୋଇ ଦାବି କରିବାର ବେଳ ଆସିଛି ବୋଲି ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି କହିଛନ୍ତି । ସାମ୍ପ୍ରତିକ ସମୟର ଆହ୍ୱାନ ଦୃଷ୍ଟିରୁ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ମତ ଓ ମନ୍ତବ୍ୟ ନିତାନ୍ତ ସ୍ୱାଗତଯୋଗ୍ୟ ଓ ଅପରିହାର୍ଯ୍ୟ । ଏହି ପୃଷ୍ଠଭୂମିରେ ଆମ ପୁରୁଷକେନ୍ଦ୍ରିକ ସମାଜରେ ହିଁ ପୁରୁଷମାନେ କିଭଳି ନିର୍ଯାତିତ ସେ ବିଷୟରେ ଏକ ଆଲୋଚନାର ଅପେକ୍ଷା ରଖେ ।

ଭାରତୀୟ ପରମ୍ପରାରେ ବୈଦିକ ଯୁଗରୁ ନାରୀ ଏକ ସମ୍ମାନାସ୍ପଦ ଆସନର ଅଧିକାରିଣୀ । ମନୁ, ପରାଶର ପ୍ରଭୃତି ଋଷିମୁନିମାନେ ନାରୀଙ୍କୁ ବହୁତ ସମ୍ମାନ ଦେଇଛନ୍ତି । ମନୁ କହିଛନ୍ତି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା ।' ଅର୍ଥାତ୍ ଯେଉଁଠାରେ ନାରୀମାନେ ପୂଜା ପାଆନ୍ତି ସେଠାରେ ଦେବତାମାନେ ସନ୍ତୁଷ୍ଟ ହୋଇଥା'ନ୍ତି । କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ନାରୀ ସର୍ବତ୍ର ଅବହେଳିତା, ଲାଞ୍ଛିତା, ନିଷ୍ପେସିତା ଓ ପଦଦଳିତା ହେବାର ବିକଳ ଚିତ୍ର ଦେଖିବାକୁ ମିଳିଛି । ଲିଙ୍ଗଗତ ବୈଷମ୍ୟର ଶିକାର ନାରୀ ଆବାହମାନ କାଳରୁ ହୋଇ ଆସିଛି । ଏହି ଅସମାନତା ବିରୁଦ୍ଧରେ ସମାଜ ସଂସ୍କାରକଗଣ ବର୍ଷ ବର୍ଷ ଧରି ସଂଘର୍ଷ କରିବା ଦ୍ୱାରା ନାରୀ ସମାଜରେ ଏକ ସମ୍ମାନିତ ଆସନ ପାଇବାକୁ ହକଦାର ହୋଇପାରିଛି ।

ପୁରୁଷ ପ୍ରଧାନ ସମାଜରେ କିନ୍ତୁ କେବଳ ନାରୀ ଯେ ନିର୍ଯାତନାର ଶିକାର ହୋଇଛି, ତା ନୁହେଁ । ପୁରୁଷ ମଧ୍ୟ ନାରୀ ଦ୍ୱାରା ବହୁଳ ଭାବରେ ନିର୍ଯାତିତ ହୋଉଛି । ସଂପ୍ରତି ସମାଜରେ ପୁରୁଷ ନିର୍ଯାତନା ଏକ ଧାରାରେ ପରିଣତ ହୋଇଯାଇଛି । ଏଥିପାଇଁ ନାରୀର ସ୍ୱାର୍ଥପରତା, ସ୍ୱେଚ୍ଛାଚାରିତା, ଅର୍ଥଲୋଭ ନାରୀ ସ୍ୱାଧୀନତା ନାମରେ ଉଚ୍ଛୃଙ୍ଖଳିତା ଦାୟୀ । ବିବାହ ପରେ ପୁରୁଷ ନିର୍ଯାତନା ଏକ ବଡ଼ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ପୁରୁଷ ପ୍ରତି ଏତେ ନିର୍ଯାତନା କରାଯାଉଥିଲେ ମଧ୍ୟ ଲୋକଲଜ୍ଜାକୁ ଡରି ସେ ସାମାଜିକ ସମ୍ମାନ କ୍ଷୁଣ୍ଣ ହେବା ଭୟରେ ନିରବ ରୁହେ । ଯଦି ପାଟି ଖୋଲି ଦେବ ତେବେ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି ହେବ । ତେଣୁ ନିଜକୁ ତିଳ ତିଳ କରି ଦହନ କରି ମଧ୍ୟପୁରୁଷ ନିରବତା ଅବଲମ୍ବନ କରୁଛି । ବେଳେ ବେଳେ ଏସବୁକୁ ସହ୍ୟ କରି ନ ପାରି ପୁରୁଷ ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଜଘନ୍ୟ ପଥକୁ ଆବୋରି ନେଉଛି । କାରଣ ନାରୀର ଅଭିଯୋଗକୁ ସମାଜରେ ସମସ୍ତେ ଗ୍ରହଣ କରିବେ । କିନ୍ତୁ ପୁରୁଷର ଅଭିଯୋଗ ସତ୍ୟ ହୋଇଥିଲେ ମଧ୍ୟ କେହି ବିଶ୍ୱାସ କରିବେ ନାହିଁ । ବେଙ୍ଗାଲୁରୁର କମ୍ପ୍ୟୁଟର ଇଞ୍ଜିନିୟର ଅତୁଲ ସୁବାସଙ୍କ ଆତ୍ମହତ୍ୟା, ଇନ୍ଦୋରର ନବ ବିବାହିତ ରାଜାରଘୁବଂଶୀଙ୍କ ହତ୍ୟା, କର୍ଣ୍ଣାଟକର ଜଣେ ଡି.ଜି.ପିଙ୍କ ହତ୍ୟା ଆଦି କେତୋଟି ଉଦାହରଣମାତ୍ର ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟାନୁଯାୟୀ ପୁରୁଷ ଆତ୍ମହତ୍ୟା ଖୁବ୍ ଅଧିକ । ବିବାହ ପରର ସଂପର୍କ, ଯୌତୁକ ଜନିତ ଅଭିଯୋଗ, ଅର୍ଥଲୋଭ, ସନ୍ତାନହୀନତା ଏହାର ମୂଳ କାରଣ । ୨୦୨୦ ମସିହାରେ ଘଟିଥିବା ଆତ୍ମହତ୍ୟା ଘଟଣାର ୭୧% ଭାଗ ପୁରୁଷ ଆତ୍ମହତ୍ୟା ଘଟଣା । ହିସାବରୁ ଜଣାପଡ଼େ ଯେ, ପାଞ୍ଚ ବର୍ଷ ମଧ୍ୟରେ ପାଞ୍ଚଟି ଉତ୍ତର-ଭାରତୀୟ ରାଜ୍ୟରେ ୭୮୫ ଜଣ ପତି, ପତ୍ନୀ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି । ଜାତୀୟ ଚିକିତ୍ସା ଅନୁସନ୍ଧାନ ସର୍ବେକ୍ଷଣରୁ ଜଣାପଡ଼େ ୧୦୦୦ ଉତ୍ପୀଡ଼ନ ଘଟଣାରେ ୫୧୫ ଜଣ ପୁରୁଷ ପତ୍ନୀ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି । ଭାରତରେ ପତ୍ନୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ପୁରୁଷଙ୍କ ସଂଖ୍ୟା ୩କୋଟି । ଏହା ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ହିସାବରୁ ଜଣାପଡ଼ିଛି । ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା, କେବଳ ଭାରତର ନୁହେଁ । ଇଂଲଣ୍ଡରେ ପ୍ରତି ତିନି ଜଣରେ ଜଣେ ପୁରୁଷ ପାରିବାରିକ ହିଂସାର ଶିକାର ହେଉଛନ୍ତି । ସମୁଦାୟ ଉତ୍ପୀଡ଼ନ ଅଭିଯୋଗରୁ ୨୦% ଭାଗ ପୁରୁଷ ଉତ୍ପୀଡ଼ନ । ସେହିପରି ଭୁଟାନ୍, ଆମେରିକା ଓ ଫିନ୍‌ଲ୍ୟାଣ୍ଡ ପ୍ରଭୃତି ରାଜ୍ୟରେ ପୁରୁଷ ଉତ୍ପୀଡ଼ନ ମଧ୍ୟ ଉଗ୍ରରୂପ ଧାରଣ କରିଛି ।

ପୁରୁଷ ନିର୍ଯାତନାର ମୁଖ୍ୟ କାରଣ ହେଲା ଘରୋଇ ହିଂସା । ସଂପ୍ରତି ମହିଳାମାନେ ଯୌତୁକ ନିର୍ଯାତନା, ଯୌନ ଉତ୍ପୀଡ଼ନ, ଅବହେଳା ଆଦିର ଅଭିଯୋଗ ଆଣି ସ୍ୱାମୀ, ଶ୍ୱଶୁର, ଶାଶୂ, ନଣନ୍ଦ ପ୍ରଭୃତିଙ୍କୁ ମିଛ ମାମଲାରେ ଲହୁଲୁହାଣ କରୁଛନ୍ତି । ମହିଳାମାନଙ୍କର ସେହି ଭୟଙ୍କର ନାଗଫାଶରୁ ବର୍ତ୍ତିବା ସହଜ ନୁହେଁ । ଛାଡ଼ପତ୍ର ମାମଲାରେ ଭରଣପୋଷଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଏବଂ ସ୍ୱାମୀଙ୍କ ସମ୍ପତ୍ତିରୁ ଓ ଦରମାରୁ ଅଧେ ଭାଗ ଦାବି କରିବା ସହିତ ଝିଅମାନଙ୍କର ଅର୍ଥ ଉପାର୍ଜନର ଏହା ଏକ ସହଜ ପନ୍ଥା ହୋଇଛି । ଆମର ଆଇନ ବ୍ୟବସ୍ଥା ଏପରି ହୋଇଛି ଯେ, ତାହା ମହିଳାମାନଙ୍କ ସପକ୍ଷରେ ଯିବ । ଏପରିକି ସ୍ୱାମୀ ମଧ୍ୟ ଜେଲ ଯାଇପାରେ । ଅନେକ ମିଥ୍ୟା ମାମଲାରେ ବିଚାରପତିମାନେ ସତ୍ୟାସତ୍ୟ ଜାଣିବା ପରେ ଅଭିଯୋଗକାରିଣୀଙ୍କୁ ଭର୍ତ୍ସନା କରିଥା'ନ୍ତି । କିନ୍ତୁ ଏପରି ବିଚାରପତି ବା କେତେଜଣ ଅଛନ୍ତି? ସମ୍ପ୍ରତି ସ୍ୱାମୀର ରୋଜଗାରକୁ ଦେଖି ଭରଣପୋଷଣ ଅର୍ଥରାଶି ଧାର୍ଯ୍ୟ ହେବା ନିତାନ୍ତ ଆବଶ୍ୟକ । ସ୍ୱାମୀ-ସ୍ତ୍ରୀ ମଧ୍ୟରୁ ଛାଡ଼ପତ୍ର କିଏ ଚାହୁଁଛି ଅନୁସନ୍ଧାନ କରି ଅର୍ଥରାଶି ବିଚାର କରିବା ଦରକାର । ରୋଜଗାରିଆ ପୁଅଟି ପିତା, ମାତା, ଭାଇ, ଭଉଣୀ, ବନ୍ଧୁବାନ୍ଧବ ସବୁଠିକ୍ ଭାବରେ ବ୍ୟବସ୍ଥା କରି ନ ପାରିଲେ ସ୍ତ୍ରୀ ଓ ନିଜ ପିତାମାତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରି ନ ପାରିଲେ, ଘରେ ଅଶାନ୍ତି ସୃଷ୍ଟି ହେବ । ଶେଷରେ ପୁରୁଷଟି ଏସବୁ ସହ୍ୟ କରି ନ ପାରି ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ବାଛି ନେଇଥାଏ ।

ପତିପତ୍ନୀଙ୍କ କଳହ ଉଗ୍ରରୂପ ଧାରଣ କରି ନ୍ୟାୟାଳୟରେ ପହଞ୍ଚିବା ପରେ ପୁରୁଷଟି ବିଚରା ଧାଇଁଧାଇଁ ନୟାନ୍ତ ହୋଇଯାଏ । ଧନହାନି ସହିତ ମନସ୍ତାପ ଓ ପ୍ରାଣପୀଡ଼ା ଭଳି ଘୋର ଅସୁବିଧାର ସମ୍ମୁଖୀନ ହୁଏ । ଯଦି କାରାବାସ ହୁଏ, ତେବେ ତ ଆହୁରି ଦୁଃଖ ବଢ଼ିଯାଏ । ଚାକିରି ହରାଇବା ସହିତ ଅର୍ଥାଭାବ ସାଙ୍ଗକୁ ସାମାଜିକ ଦୁର୍ଦ୍ଦଶା ଭୋଗ କରିବାକୁ ହୁଏ । ଲୋକନିନ୍ଦା ଓ ଅପବାଦକୁ ସହ୍ୟ କରି ନ ପାରି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୁଏ । ବିଚାରପତି ସନ୍ତାନମାନଙ୍କୁ ପତ୍ନୀଙ୍କ ସହିତ ରହିବାକୁ ଆଦେଶ ଦିଅନ୍ତି । ସନ୍ତାନମାନଙ୍କୁ ପତ୍ନୀ ନିଜ ସ୍ୱାମୀଙ୍କ ସହିତ ମିଶିବାକୁ ଦିଏ ନାହିଁ । ଫଳରେ ପୁରୁଷଟି ଘୋର ଅବସାଦର ଶିକାର ହୋଇ ଆତ୍ମହତ୍ୟା ଭଳି ଦୁଃଖଦ ପଥ ବାଛି ନିଏ ।

ସମାଜରେ ନାରୀର ସ୍ୱାଧୀନତା, ସୁରକ୍ଷା, ସମ୍ମାନ ଓ ସ୍ୱାଭିମାନ ପାଇଁ ବହୁତ ଯୋଜନା କରାଯାଇଛି । ନାରୀ ସଶକ୍ତୀକରଣ ଓ ନିର୍ଯାତନା ନିବାରଣ ପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି । ନାରୀକୁ ପୁରୁଷ ସହିତ ସମକକ୍ଷ କରାଯାଇଛି । କିନ୍ତୁ ଦେଖାଯାଇଛି ନାରୀମାନେ ଏହି ନିୟମର ଦୁରୁପଯୋଗ କରୁଛନ୍ତି । ନିୟମଗୁଡ଼ିକର ଅପବ୍ୟବହାର କରୁଛନ୍ତି । ନାରୀମାନଙ୍କର ମିଥ୍ୟା ଅଭିଯୋଗରେ ନିର୍ଦ୍ଦୋଷ ଯୁବକଟି କାରାଦଣ୍ଡଭୋଗ କରୁଛି । ଫୁଟୁ ନ ଫୁଟୁଣୁ କଢ଼ିଟି ନଷ୍ଟ ହୋଇଯାଉଛି । ତେଣୁ ନ୍ୟାୟିକ ପ୍ରକ୍ରିୟାରେ ଏକ ଭାରସାମ୍ୟ ବ୍ୟବସ୍ଥା କରିବା ଉଚିତ୍ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯୌତୁକ ଜନିତ ମାମଲା ୧୦% ଭାଗ ଓ ଦୁଷ୍କର୍ମ ଅଭିଯୋଗ ୫୦% ଭାଗ ମିଛ । ବାସ୍ତବରେ ଯେଉଁଠାରେ ନାରୀପ୍ରତି ଅନ୍ୟାୟ କରାଯାଉଛି ସେଠାରେ ଦୋଷୀ କଠୋର ଦଣ୍ଡ ପାଉ । କିନ୍ତୁ ଆଇନକୁ ଅସ୍ତ୍ର କରି ଜଣେ ନିର୍ଦ୍ଦୋଷ ଦଣ୍ଡ ପାଇବା ଉଚିତ୍ ନୁହେଁ । ଏହା ଅଧର୍ମ । ଏକ୍ଷେତ୍ରରେ ପୁରୁଷଟିକୁ ନିର୍ଦ୍ଦୋଷ କରି ସେହି ଅଭିଯୋଗକାରିଣୀ ପ୍ରତି ଦଣ୍ଡ ବିଧାନ ହେବା ଉଚିତ୍ ।

ପୁରୁଷପ୍ରଧାନ ଦେଶରେ ନାରୀକୁ ଅବଳା ଦୁର୍ବଳା କହି ସବୁ ଆଇନ୍ ତା' ସପକ୍ଷରେ ଯିବ ଏବଂ ନିରୀହ ପୁରୁଷଟି ଦଣ୍ଡ ଭୋଗ କରୁଥିବ, ଏହା କେଉଁ ବିଚାର? ସମ୍ବିଧାନର ଧାରା ୧୪ ଓ ୧୫ ଲିଙ୍ଗଭେଦରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ବେଳେ ଧାରା ୨୧ ଅନୁସାରେ ମର୍ଯ୍ୟାଦାର ସହିତ ବଞ୍ଚିବା ପ୍ରତ୍ୟେକ ନାଗରିକଙ୍କର ମୌଳିକ ଅଧିକାର । ପୁରୁଷ ନିର୍ଯାତନା ପାଇଁ ସ୍ୱତନ୍ତ୍ର ଭାବେ ଏକ ପୁରୁଷ ଆୟୋଗ ଗଠନ ହେବାର ସମୟ ଆସିଛି । ବଢ଼ି ଚାଲିଥିବା ପୁରୁଷ ନିର୍ଯାତନାକୁ ସରକାର ଗୁରୁତର ଭାବେ ବିଚାର କରି ଆଇନ ପ୍ରଣୟନ କରିବା ବିଧେୟ । ତେଣୁ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ମତ ସର୍ବୋଦୌ ଗ୍ରହଣୀୟ ଓ କରଣୀୟ ।

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୭୩୦

# ଦିଲ୍ଲୀରେ 'କୃତ୍ରିମବର୍ଷା'ର ଅସଫଳ ପ୍ରୟାସ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମର ପରମ୍ପରା ଅନୁସାରେ ଅନାବୃଷ୍ଟିରୁ ରକ୍ଷା ପାଇବା ପାଇଁ କରାଯାଏ ବର୍ଷାର ଦେବତା ଇନ୍ଦ୍ରଦେବଙ୍କର ପୂଜା ଏବଂ ନାନାଦି ଯାଗଯଜ୍ଞ । ସେହିପରି ସଂଗୀତଜ୍ଞ ତାନସେନଙ୍କ ସୁମଧୁର ଗାନ ମଧ୍ୟ ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରୁଥିଲା ଏବଂ ସେ ବୃଷ୍ଟିପାତ କରାଉଥିଲେ ବୋଲି କିମ୍ବଦନ୍ତୀ ରହିଛି । ତେବେ ବର୍ତ୍ତମାନ ତାହା କରାଯାଉଛି 'କ୍ଲାଉଡ୍ ସିଡିଂ' ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ । ଏହି ପ୍ରକ୍ରିୟାରେ ଜଳୀୟ ବାଷ୍ପଭରା ବାଦଲ ଉପରେ ସିଲଭର ଆଇୟୋଡାଇଡ, ପଟାସିୟମ ଆଇୟୋଡାଇଡ୍, ସୋଡିୟମ୍ କ୍ଲୋରାଇଡ୍, ଶୁଷ୍କ ବରଫ (କଠିନ ଅଙ୍ଗାର କାମ୍ଳ) ଆଦିର ସୂକ୍ଷ୍ମକଣିକାକୁ ବିଚ୍ଛୁରଣ କରାଯାଏ । ତାହା ଘନୀକରଣ ନାଭିକ ରୂପେ କାର୍ଯ୍ୟ କରନ୍ତି । ଏହାର ଚତୁଃପାର୍ଶ୍ୱରେ ଜଳୀୟବାଷ୍ପ ଘନୀଭୂତ ହୋଇ ବଡ଼ ବଡ଼ ଜଳକଣା କିମ୍ବା ବରଫସ୍ଫଟିକରେ ପରିଣତ ହୁଏ । ତହିଁରୁ ତାହା ଭୂପତିତ ହେବାକୁ ଲାଗେ । ବିଶେଷକରି, ବର୍ଷା ହେଉନଥିବା ଅଞ୍ଚଳରେ ବୃଷ୍ଟିପାତ କରାଇବା ଲାଗି କିମ୍ବା ବାୟୁପ୍ରଦୂଷଣ ହ୍ରାସ କରିବା ପାଇଁ ଏ ପଦ୍ଧତିର ଅବଲମ୍ବନ କରାଯାଏ ।

ଏହି ପ୍ରକ୍ରିୟାକୁ ସଫଳ ରୂପେ ବ୍ୟବହାର କରାଯାଇପାରେ ଯେତେବେଳେ ବାଦଲରେ ଯଥେଷ୍ଟମାତ୍ରାରେ ଜଳୀୟ ବାଷ୍ପ ଥାଏ । ବିଶେଷକରି, ହିମାଙ୍କ ତାପମାତ୍ରାଠାରୁ କମ ହୋଇଥିବା ଅତି ଶୀତଳ ବାଦଲରେ ଏହା ଅଧିକ ଫଳପ୍ରଦ ହୁଏ । ଅତିଶୀତଳ ବାଦଲ ଉପରେ ଉଡ଼ାଜାହାଜ, ତୋପ କମ୍ବା ଡ୍ରୋନ ସାହାଯ୍ୟରେ ବିଚ୍ଛୁରିତ ଉପରୋକ୍ତ ରାସାୟନିକ କଣିକାମାନେ ତାହାକୁ ବରଫ କଣାରେ ପରିଣତ କରନ୍ତି । ଅନ୍ୟପକ୍ଷରେ ଅପେକ୍ଷାକୃତ ଉଷ୍ଣବାଦଲରେ ଜଳକଣାଗୁଡ଼ିକ ଏକାଠି ହୋଇ ବୃହଦାକାର ହେବାରେ ଏହା ସାହାଯ୍ୟ କରେ । ବରଫ ସ୍ଫଟିକ ଏବଂ ବଡ଼ ବଡ଼ ଜଳକଣାଗୁଡ଼ିକର ଓଜନ ବେଶ୍ ବଢ଼ିଯାଏ ଏବଂ ସେଗୁଡ଼ିକ ବାୟୁମଣ୍ଡଳ ଦେଇ ତଳକୁ ଖସି ବର୍ଷା ଆକାରରେ ପତିତ ହୁଅନ୍ତି ।

ଏ ପଦ୍ଧତିରେ କୃତ୍ରିମ ବର୍ଷା କରାଇବାର ଇତିହାସ ପ୍ରାୟବର୍ଷ ପୁରାତନ । ବର୍ତ୍ତମାନ ପୃଥିବୀର ନାନାସ୍ଥାନରେ, ବିଶେଷକରି, ଚୀନ, ଆମେରିକା, ଉପସାଗରୀୟ ଦେଶ ସମୂହରେ ଏହା ବିଭିନ୍ନ ମାତ୍ରାରେ ବ୍ୟବହୃତ ହେଉଛି । ଫଳରେ ୨୦ ରୁ ୫୦ ଶତାଂଶ ପର୍ଯ୍ୟନ୍ତ ବୃଷ୍ଟିପାତ ବୃଦ୍ଧି କରାଯାଇ ପାରୁଛି । ଆମ ଦେଶରେ ପୁଣେ ସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରାପିକାଲ୍ ମେଟେରୋଲୋଜି' ୧୯୭୦ ଦଶକରେ 'କ୍ଲାଉଡ୍ ସିଡିଂ' ପ୍ରଯୁକ୍ତିବିଦ୍ୟାର ପରୀକ୍ଷା ଆରମ୍ଭ କରିଥିଲେ ହେଁ ଏହାର ସଫଳ ପ୍ରୟୋଗ କରି ୨୦୦୩ ମସିହାରେ ହିଁ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର କେତେକ ସ୍ଥାନରେ ବୃଷ୍ଟିପାତ ବୃଦ୍ଧି କରିବାକୁ ସକ୍ଷମ ହୋଇଥିଲା । ତତ୍ପରେ ଆବଶ୍ୟକତାକୁ ଚାହିଁ ଏହାର ଉପଯୋଗ କରାଯାଉଛି । ଉଦାହରଣସ୍ୱରୂପ ୨୦୧୫ ରୁ ୨୦୧୯ ମସିହା ମଧ୍ୟରେ ଆମ ଦେଶର ବିଭିନ୍ନ ସ୍ଥାନରେ ଏହା ବହୁବାର ପରୀକ୍ଷିତ ତଥା ବ୍ୟବହୃତ ହୋଇଛି ।

ତେବେ ଗତ ଅକ୍ଟୋବର ମାସ (୨୦୨୫) ୨୮ ଓ ୩୦ ତାରିଖରେ ଏହାର ପ୍ରଥମ ପ୍ରୟୋଗ କରାଯାଇଛି ଦିଲ୍ଲୀଠାରେ ବାୟୁ ପ୍ରଦୂଷଣ ନିବାରଣ ଲାଗି, ଯାହାକି ସଫଳ ହୋଇପାରିନାହିଁ । ଏହାର କାରଣ ସ୍ୱରୂପ ଏ କ୍ଷେତ୍ରରେ ଦୀର୍ଘଦିନ ଧରି ଗବେଷଣା କରୁଥିବା ବେଙ୍ଗାଲୁରୁ ସ୍ଥିତ 'ଏଗ୍ରିଏରୋ ସ୍ପୋର୍ଟସ ଆଡ୍‌ଭେନ୍‌ଚର ଏକାଡେମୀ'ର ମୁଖ୍ୟ ଅରବିନ୍ଦ ଶର୍ମା ଦର୍ଶାଇଛନ୍ତି ଯେ କେବଳ 'କ୍ଲାଉଡ ସିଡିଂ' କୃତ୍ରିମ ବର୍ଷା କରାଇବା ପାଇଁ ଯଥେଷ୍ଟ ନୁହେଁ । ଏଥିଲାଗି ଲୋଡ଼ା ସ୍ଥାନୀୟ ଜଳବାୟୁର କେତେକ ଅନୁକୂଳ ଅବସ୍ଥା । ତନ୍ମଧ୍ୟରେ ରହିଛି ବାୟୁମଣ୍ଡଳରେ ଜଳୀୟବାଷ୍ପ ଓ ତାପମାତ୍ରା ବାଦଲ ସୃଷ୍ଟି ପ୍ରକ୍ରିୟା ଇତ୍ୟାଦି । ସେ ସମୟରେ ଦିଲ୍ଲୀରେ ଏସବୁ ସଠିକ୍ ରୂପେ ନଥିଲା । କାରଣ, କୃତ୍ରିମ ବର୍ଷା ପାଇଁ ବାୟୁର ଜଳୀୟବାଷ୍ପ ୨୦ ରୁ ୫୦ ଶତାଂଶ ଥିବା ଦରକାର । ସେତବେଳେ ସେଠାରେ ତାହା ଥିଲା ମାତ୍ର ୧୦ ରୁ ୧୫ ଶତାଂଶ ।

ସାଧାରଣତଃ ଶୀତଋତୁର ପ୍ରାରମ୍ଭରେ ଦିଲ୍ଲୀର ବାୟୁମଣ୍ଡଳରେ ଜଳୀୟବାଷ୍ପ ଯଥେଷ୍ଟ ନଥାଏ । ଅତଏବ ଏ ପ୍ରକ୍ରିୟା ବିଫଳ ହେବା ସ୍ୱାଭାବିକ । ତେବେ ଏହି ଖର୍ଚ୍ଚବହୁଳ କାର୍ଯ୍ୟକ୍ରମରୁ ଅନ୍ୟ କେତେକ କଥା ଶିକ୍ଷା କରିବାକୁ ମିଳିଥିଲା । ଉଦାହରଣସ୍ୱରୂପ ଏହା ଚାଲିଥିଲା ବେଳେ ବାୟୁରେ ଭାସମାନ ସୂକ୍ଷ୍ମ କଣିକା ବା ପାର୍ଟିକ୍ୟୁଲେଟ ମ୍ୟାଟର୍ (ପିଏମ୍ ୨.୫ ଏବଂ ପିଏମ୍ ୧୦) ମାତ୍ରା ସାମୟିକ ଭାବେ ହ୍ରାସ ପାଇଥିଲା । ଅତଏବ ମନେହୁଏ, ଏହା ବୃଷ୍ଟିପାତ କରାଇ ନ ପାରିଲେ ବି ବାୟୁର ମାନ ବୃଦ୍ଧିରେ ସହାୟକ ହୋଇପାରିଥିଲା । ଏଣୁ ଏ ପରୀକ୍ଷା କରିଥିବା 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି - କାନପୁର'ର ଗବେଷକମାନଙ୍କ ମତରେ ଏଥିରୁ ସଂଗୃହୀତ ବିବିଧ ତଥ୍ୟ ଭବିଷ୍ୟତରେ ଏ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ଲାଗି ଉପଯୁକ୍ତ ଅବସ୍ଥା ଚିହ୍ନଟ କରିବା ଏବଂ ଏହାକୁ ଅଧିକ ବିକଶିତ କରିବାରେ ମାର୍ଗଦର୍ଶନ କରାଇଛି ।

'କ୍ଲାଉଡ ସିଡିଂ' ଏବେ ମଧ୍ୟ ଏକ ଜନପ୍ରିୟ ତଥା ନିଶ୍ଚିତ ପ୍ରକ୍ରିୟା ହୋଇପାରିନାହିଁ । ଏହାର ବିଭିନ୍ନ ଦିଗ ଉପରେ ତଥାପି ପରୀକ୍ଷା ନିରୀକ୍ଷା ଚାଲିଛି । ଅତଏବ ବହୁଳଭାବେ ବ୍ୟବହାର ଉପଯୋଗୀ ହେବା ଲାଗି ସମୟ ଲାଗିବ । ବିଶ୍ୱର ବହୁ ଦେଶରେ ଦୀର୍ଘ ଦିନ ହେଲା ଏଥିପାଇଁ ଉଦ୍ୟମ ଅବ୍ୟାହତ ରହିଛି । ପ୍ରଥମେ ଏ ପ୍ରଯୁକ୍ତିବିଦ୍ୟା ବ୍ୟବହାରରେ ଲଗାଇଥିଲେ ଆମେରିକାର ରସାୟନବିତ୍ ତଥା ଜଳବାୟୁ ବିଜ୍ଞାନୀ ଭିନ୍‌ସେଣ୍ଟ ସ୍କାଇଫେର । ସେ ୧୯୪୬ ମସିହାରେ ଶୁଷ୍କ ବରଫ ଗୁଣ୍ଡ ବ୍ୟବହାର କରି ତୁଷାରପାତ କରାଇ ପାରିଥିଲେ । ଏହାପରେ ଏହାର ପ୍ରମୁଖ ବିନିଯୋଗଗୁଡ଼ିକ ମଧ୍ୟରେ ରହିଛି ଭିଏତ୍‌ନାମ ଯୁଦ୍ଧରେ ଅମେରିକା ଦ୍ୱାରା କୃତ୍ରିମ ବୃଷ୍ଟିପାତ କରାଇବା । ସେଠାରେ ବର୍ଷା ଋତୁକୁ ପ୍ରଲମ୍ବିତ କରି ଶତ୍ରୁ ସୈନ୍ୟମାନଙ୍କୁ ଗମନାଗମନରେ ବାଧା ପହଞ୍ଚାଇବା ଥିଲା ଏହାର ଲକ୍ଷ୍ୟ । ଏହାବ୍ୟତୀତ ୧୯୮୦ ମସିହାରେ ମସ୍କୋ ଏବଂ ୨୦୦୮ ମସିହାରେ ବେଜିଂଠାରେ ଅନୁଷ୍ଠିତ ଅଲମ୍ପିକ କ୍ରୀଡ଼ା ପୂର୍ବରୁ ଏହାକୁ ବ୍ୟବହାର କରାଯାଇଥିଲା ସେ ସମୟରେ ବୃଷ୍ଟିପାତକୁ ପ୍ରତିହତ କରିବାକୁ । ଏସବୁରେ ଆଂଶିକ ସଫଳତା ମିଳିଥିଲା । ସେଥିପାଇଁ ଏହାକୁ ସଂପୂର୍ଣ୍ଣ ନିର୍ଭରଯୋଗ୍ୟ ବୋଲି ପରିବେଶବିତମାନେ ମନେ କରନ୍ତି ନାହିଁ, ବିଶେଷକରି ବାୟୁପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉପଯୋଗ ପାଇଁ ।

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଶାଳ-କୁଶ/ହାଜୋ: ଆସାମର ଗୌହାଟୀ ସହରର ପ୍ରାୟ ବିପରୀତ ଦିଗରେ ବ୍ରହ୍ମପୁତ୍ର ନଦୀର ଉତ୍ତର ତଟ ନିକଟରେ ଶାଳ-କୁଶ ନାମରେ ଗୋଟିଏ ଛୋଟ ଗ୍ରାମ ରହିଛି । ଏହା ଗୌହାଟୀରୁ ଦେବାନଗିରି ରାସ୍ତା କଡ଼ରେ ଅବସ୍ଥିତ । ଏ ଅଞ୍ଚଳ ପ୍ରାଚୀନ କାମରୂପ ଅନ୍ତର୍ଗତ । ଏହି ଶାଳ-କୁଶ ଅଞ୍ଚଳଟି ହେଉଛି ଭୁଟାନ ତଥା ତିବ୍ବତ ଯିବା ନିମନ୍ତେ ବହୁଳଭାବେ ବ୍ୟବହୃତ ଗୋଟିଏ ଗିରି ପଥ ମଧ୍ୟ । ଯେଉଁ ତିବ୍ବତୀୟ ଲାମାମାନେ ଆସାମକୁ ବୁଦ୍ଧଙ୍କର ମହାପ୍ରୟାଣ ସ୍ଥଳ କୁହନ୍ତି, ସେମାନେ ସ୍ୱଷ୍ଟ ଭାବେ ଏହି ଶାଳ-କୁଶ ଗ୍ରାମ ବା ଛୋଟ ସହରଟିକୁ ହିଁ କୁଶନଗର ବୋଲି ଦର୍ଶାଇଛନ୍ତି, ଯେଉଁଠି ଦୁଇଟି ଶାଳ ଗଛ ମଧ୍ୟରେ ବୁଦ୍ଧ ନିର୍ବାଣ ପ୍ରାପ୍ତି କରିଥିଲେ । ଏହି ସ୍ଥାନର ନିକଟରେ ହିଁ ପବିତ୍ର ହାଜୋ ପାହାଡ଼ ଅବସ୍ଥିତ । ଏଠାରେ ସମ୍ଭବତଃ ବୁଦ୍ଧଙ୍କର କିଛି ଅବଶେଷ ରହିଛି ।

ହାଜୋ ପାହାଡ଼ (ଗୋଟିଏ ପାହାଡ଼ ନୁହେଁ ଏକାଧିକ ପାହାଡ଼ ଶ୍ରେଣୀ) ବ୍ରହ୍ମପୁତ୍ର ନଦୀର ଉତ୍ତର ତଟରେ ଗୌହାଟୀଠାରୁ ଉତ୍ତର ପଶ୍ଚିମକୁ ନଅ ମାଇଲ ଏବଂ ଶାଳ କୁଶଠାରୁ ଉତ୍ତରକୁ ଚାରି/ପାଞ୍ଚ ମାଇଲ ଦୂରରେ ଅବସ୍ଥିତ । ଅର୍ଦ୍ଧ-ଜନଜାତି ଶ୍ରେଣୀୟ ମେଚ ଓ କୋଚ ବର୍ଗର ଲୋକମାନେ ଏହି ପାହାଡ଼କୁ ସେମାନଙ୍କର ଦେବୀ ଭାବେ ପୂଜା କରିଥା'ନ୍ତି । ସେମାନଙ୍କ ପାଇଁ 'ହାଜୋ'ର ଅର୍ଥ ପାହାଡ଼ । ଏହି ପାହାଡ଼ରୁ ଗୋଟିଏ ପୂର୍ବକାଳରେ ବୌଦ୍ଧମାନେ କବ୍‌ଜା କରିଥିଲେ । ମାତ୍ର ପରେ ବ୍ରାହ୍ମଣମାନେ ସେମାନଙ୍କୁ ବେଦଖଲ କରି ମନ୍ଦିରର ପୁନରୁଦ୍ଧାର ଓ ପୁନଃନିର୍ମାଣ କରିଥିଲେ । ଏହି 'ହାଜୋ ମନ୍ଦିର' ଏବେ ଆସାମରେ ଏକ ପ୍ରସିଦ୍ଧ ମନ୍ଦିର । ବହୁ ଭକ୍ତ ଓ ଦର୍ଶନାର୍ଥୀ ଏଠାକୁ ଆସିଥା'ନ୍ତି । ମୁସଲମାନେ ମଧ୍ୟ ଏହି ପାହାଡ଼ରୁ ସବୁଠାରୁ ଉଚ୍ଚ ପାହାଡ଼ ଉପରେ ଏକ ମସ୍‌ଜିଦ୍ ନିର୍ମାଣ କରିଛନ୍ତି । ଏହି ପାହାଡ଼ ଶ୍ରେଣୀ ମଧ୍ୟ ଦୂରରୁ ଅତ୍ୟନ୍ତ ସୌଷ୍ଠବମୟ ତଥା ଏକ ତ୍ରିଶୂଳ ଆକାରର ଦେଖାଯାଇଥାଏ । ମଝି ଭାଗରେ ଥିବା ପର୍ବତଶୃଙ୍ଗଟିକୁ ବୁଦ୍ଧଙ୍କ ନିଦର୍ଶନ ସ୍ୱରୂପ ବୌଦ୍ଧମାନେ



ଦ୍ୱିତୀୟ-ବୁଦ୍ଧ କଥା

ମନେ କରୁଥିବା ବେଳେ ଏହାର ଦୁଇ ପାଖରେ ରହିଥିବା ଉଚ୍ଚ ପାହାଡ଼କୁ ବୁଦ୍ଧଙ୍କର ଦୁଇ ପ୍ରମୁଖ ଶିଷ୍ୟ ସାରୀପୁତ୍ତ ଓ ମୌଦ୍‌ଗଲ୍ୟାୟନ ରୂପରେ ମନେ କରିଥା'ନ୍ତି ।

ଏହି ତିନୋଟି ଯାକ ଅଧିକ ଉଚ୍ଚତାବିଶିଷ୍ଟ ପର୍ବତ ଅନେକ ଦୂରରୁ ଦେଖାଯାଏ । ନିକଟକୁ ଆସିଲେ ଏହାର ଶ୍ରେଣୀଭୁକ୍ତ ଥିବା ଅନ୍ୟ ଷୋହଳଟି ଦେଖାଯାଇଥା'ନ୍ତି । ଏହି ଷୋହଳଟି ପାହାଡ଼କୁ 'ନିତେନ୍-ଚୁ- ଡୁ' ଅଥବା ବୁଦ୍ଧଙ୍କ ଷୋହଳ ଶିଷ୍ୟ ବୋଲି କୁହାଯାଇଥାଏ । ଏହି ପର୍ବତମାଳା ମଧ୍ୟରେ ସବୁଠାରୁ ଅଧିକ ପବିତ୍ର ପୀଠଟି ହେଉଛି ପ୍ରାୟ ଆଠ ଗଜ ବ୍ୟାସ ପରିମିତ ଖଣ୍ଡିଏ ସମତଳ ପଥର ଏବଂ ଏଇଟି ପାହାଡ଼ର ଉତ୍ତର-ପଶ୍ଚିମ ପାଦଦେଶରେ ରହିଛି । ଏହି ପଥର ଉପରେ ତିବ୍ବତୀୟ ଲିପିରେ ବିଭିନ୍ନ ମନ୍ତ୍ରମାନ 'ଓଁ ମଣି ପଦ୍ମେ ହୁଁ', 'ଓଁ ଆହ୍ ହୁଁ', 'ଓଁ' ଇତ୍ୟାଦି ଖୋଦିତ ହୋଇଛି । ଏହିଠାରେ ବିଭିନ୍ନ ରଙ୍ଗର କନାଖଣ୍ଡ ସବୁ ବନ୍ଧା ଯାଇଥାଏ ପଥର ଚାରିପାଖ ଅଞ୍ଚଳରେ ରହିଥିବା ଗଛ ଓ ବୁଦାମାନଙ୍କରେ ।

ଏହା ଉଲ୍ଲେଖନୀୟ ଯେ ଲାମାମାନେ ତିବ୍ବତର ସାଧାରଣ ଲୋକଙ୍କ ହିତ କାମନା କରି ଏହି ସ୍ଥଳର ପ୍ରତିରୂପ ତିବ୍ବତର ଚାରିଗୋଟି ସ୍ଥାନରେ ସ୍ଥାପନ କରିଛନ୍ତି ରା-ରଗ୍ୟାବ (ଲାସା ସହରର ଦକ୍ଷିଣ-ପଶ୍ଚିମ ବାହାର ଅଂଶ), ପା-ପୋନ୍-କର(ଲାସାର ଉତ୍ତରପାଖ ସହରତଳି ଅଞ୍ଚଳ), ପୁର୍-ମେ-ଚେ (ତାସୀ ଲୁନ୍ ପୋର ବାର ମାଇଲ ଉତ୍ତର ପୂର୍ବ) ଏବଂ ସେଲ୍‌ଫ ବ୍ରେ । ଏହି ସ୍ଥଳଗୁଡ଼ିକୁ ଔପଚାରିକ ଭାବେ ପ୍ରତିଷ୍ଠା କରାଯାଇଛି ଏବଂ ତାହା ଉପରେ ହାଜୋ ମୂଳ ସ୍ଥାନରୁ ଆସିଥିବା ପଥର ଖଣ୍ଡିଏ ଲେଖାଏଁ ମଧ୍ୟ ରଖାଯାଇଛି । ଏହି ପାହାଡ଼ର ଉତ୍ତର-ପୂର୍ବରେ ପ୍ରାୟ ଅଧାମାଇଲ ଦୂରରେ ପ୍ରାୟ ତିନିଶହ ଫୁଟ ଉଚ୍ଚର ଏକ ଶଙ୍ଖାକୃତି ବିଶିଷ୍ଟ ପାହାଡ଼ ଉପରେ ହିନ୍ଦୁ ମନ୍ଦିର ନିର୍ମାଣ କରାଯାଇଛି ଏବଂ ଏହା ମାଧବ ମନ୍ଦିର ବୋଲି କୁହାଯାଉଛି । ମାତ୍ର ଏହାକୁ ବୌଦ୍ଧମାନେ ମହାଚୈତ୍ୟ ଆଖ୍ୟା ଦେଇଛନ୍ତି, ଯାହାକି ତଥାଗତଙ୍କର ଦେହାବଶେଷ ଉପରେ ହିଁ ନିର୍ମିତ ବୋଲି କୁହାଯାଉଛି । (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ବଢ଼ିବ ତାପମାତ୍ରା, କମିବ ଶୀତ

# ତାମିଲନାଡୁ-ଆନ୍ଧ୍ର ମୁହାଁ ବାତ୍ୟା 'ଡିଟୱା'

**ଭୁବନେଶ୍ୱର,୨୭ ।୧୧(ସମିସ):** ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ତାପମାତ୍ରା ସାଧାରଣ ରହିଛି । କିନ୍ତୁ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ତାପମାତ୍ରା ଅପେକ୍ଷାକୃତ କମ୍ ରହିଛି । ରାଉରକେଲାରେ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ୭.୭ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଥିବା ବେଳେ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି । ଏଥିସହ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆସନ୍ତା ୪ ଦିନ ମଧ୍ୟରେ ଥଣ୍ଡା କମିବ । ଏହି ସମୟ ମଧ୍ୟରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ । ଫଳରେ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି । ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଡିଟୱା' ଗତ ଛଅ ଘଣ୍ଟା ମଧ୍ୟରେ ଉତ୍ତର ତାମିଲନାଡୁ ଏବଂ ପୁଡୁଚେରୀ ସଂଲଗ୍ନ ଦକ୍ଷିଣ ଉପକୂଳ ଅଞ୍ଚଳ ଆଡକୁ ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଗତି କରୁଛି । ରବିବାର ଅର୍ଥାତ ନଭେମ୍ବର ୩୦ ସକାଳ ସୁଦ୍ଧା ଏହା ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ପହଞ୍ଚିବ । ଏହା ପ୍ରଭାବରେ ଦକ୍ଷୀଣ ଭାରତର ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି । ଅନ୍ୟପଟେ ବାତ୍ୟାଟି ବିଶେଷ ଶକ୍ତିଶାଳୀ ହୋଇ ନ ଥିବା ବେଳେ ଏହା ଅଧିକ ଘନୀଭୂତ ମଧ୍ୟ ହୋଇପାରୁ ନାହିଁ । ତେଣୁ ୩୦-୧ ସୁଦ୍ଧା ଏହା ଆନ୍ଧ୍ର ନିକଟବର୍ତ୍ତୀ ହେଲେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ କାଁ ଭାଁ ବର୍ଷା ଆଶଙ୍କା କରାଯାଉଛି । ଅନ୍ୟପଟେ ଏହି ବାତ୍ୟା ଯୋଗୁଁ ରାଜ୍ୟକୁ ବର୍ତ୍ତମାନ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ବଢ଼ିଛି । ଏଥିପାଇଁ ରାଜ୍ୟରେ ଶୀତ କମିବା ସହ କୁହୁଡ଼ି ପାଇଁ ପାଗ ଅନୁକୂଳ ହେଉଛି । ଏହି କ୍ରମରେ ଶନିବାର ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ ଓ କଳାହାଣ୍ଡିରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି ।

## ବାଲି ଚାଲାଣକୁ ବିରୋଧ ମହଙ୍ଗା ପଡ଼ିଲା

# ଯୁବକଙ୍କୁ ଗୋଡ଼ାଇ ହାଣିଲେ ମାଫିଆ

**ବସ୍ତା ବ୍ଲକ/ ରାଜଘାଟ, ୨୮।୧୧(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍‌ରେ ବାଲିମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଯିଏ ବାଲି ଚାଲାଣକୁ ବିରୋଧ କଲା, ତାକୁ ମରଣାନ୍ତକ ଆକ୍ରମଣ ହେଉଛି । ଏଭଳି ଏକ ଘଟଣା ସିଂଲା ଥାନା ଗିଲା ଯୋଡ଼ି ଗ୍ରାମରେ ଘଟିଛି । ବାଲିଚାଲାଣକୁ ବିରୋଧ କରିବାରୁ ବାଲିମାଫିଆମାନେ ଦିନ ଦି'ପହରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି । ସେ ଗୁରୁତର ଆହତ ହୋଇଥିବା ବେଳେ ୪ଜଣ ଆହତ ହୋଇଛନ୍ତି । ଏ ଘଟଣା ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି ।

ସୂଚନା ମୁତାବକ, ଗିଲାଯୋଡ଼ି ଗ୍ରାମ ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଗାଡ଼ି ବାଲି ପରିବହନ ଯୋଗୁଁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି । ଏହାକୁ ନେଇ ଅଞ୍ଚଳବାସୀ ବାରମ୍ବାର ବିରୋଧ କରି ଆସୁଥିବା ବେଳେ ଦୁଇଦିନ ତଳେ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇ ପାଞ୍ଚଜଣ ଆହତ ହୋଇଥିଲେ । ଏ ଘଟଣାକୁ ନେଇ ଉଭୟପକ୍ଷ ସିଂଲା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶୁକ୍ରବାର ଦିନ ୧ଟା ସମୟରେ ଗ୍ରାମର ତାପସ ଜେନା (୨୮) ବଜାରରୁ ଔଷଧ କିଣି ଘରକୁ ଫେରୁଥିବାବେଳେ ଗ୍ରାମର ପ୍ରଦୀପ ଜେନା, ଜୀବନ ଜେନା, ଦିଲ୍ଲୀପ ଜେନା, କେଶବ ଜେନା, ସଂଜୀବ ଜେନା, ଅଜୟ ଜେନାଙ୍କ ସମେତ ଗ୍ରାମ ବାହାରୁ ଆସିଥିବା କିଛି ଭଡ଼ାଟିଆ ଗୁଣ୍ଡା ତାପସଙ୍କୁ ଏକ ଧାରୁଆ ଅସ୍ତ୍ରରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ । ଖବର ପାଇ ତାପସଙ୍କ ପକ୍ଷରୁ କିଛି ଲୋକ ସେମାନଙ୍କୁ ଅଟକାଇବାକୁ ଯାଇ ସୁବାସ ଜେନା (୨୬), ସନ୍ତୋଷ ଜେନା(୫୨) ଚୈତନ୍ୟ ଜେନା(୫୦) ଓ ଲିଲି ଜେନା(୩୫) ଆହତ ହୋଇଥିଲେ । ଘଟଣା ଘଟିବା ପରେ ଘଟଣାସ୍ଥଳକୁ ଗ୍ରାମବାସୀଙ୍କ ସୁଅ ଛୁଟିବା ଦେଖି ଆକ୍ରମଣକାରୀ



## ଯୁବକ ଗୁରୁତର, ୪ ଆହତ; ଘଟଣାସ୍ଥଳରେ ଉତ୍ତେଜନା

## ପୁଲିସ ଫୋର୍ସ ମୁତୟନ

ସେଠାରୁ ଚମ୍ପଟ୍ ମାରିଥିଲେ । ଏହି ଘଟଣାକୁ ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ସ୍ଥାନୀୟ ଲୋକେ ତାପସଙ୍କୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ଖବର ପାଇ ଘଟଣାସ୍ଥଳରେ ବସ୍ତା ଆଇଆଇସି ରଞ୍ଜିତ କୁମାର ସାହୁ, ସିଂଲା ଆଇଆଇସି ସୁଚନ୍ଦ୍ର ମହାଲିକ, ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ, ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ଓ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଖବର ଲେଖା ହେବା ସୁଦ୍ଧା ଗ୍ରାମରେ ଉତ୍ତେଜନା ଲାଗି ରହିଛି । ଗ୍ରାମରେ ଶାନ୍ତି ଫେରାଇ ଆଣିବା ପାଇଁ ପୁଲିସ ମୁତୟନ ଅଛନ୍ତି । ତେବେ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନର ନିଷ୍କ୍ରିୟତା ପାଇଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି । ଦୋଷୀଙ୍କ ଉପରେ କୋଠାର ଦଣ୍ଡ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତର ୩ଟି...

ବୋଲି କୁହାଯାଇଛି । ଉଲ୍ଲେଖଥାଉ କି, ୫ ବର୍ଷ ପୂର୍ବେ କେପି ଶର୍ମା ଓଲିଙ୍କ ସରକାର ମଧ୍ୟ ଏହି ବିବାଦିତ ମାନଚିତ୍ର ଜାରି କରି ଚର୍ଚ୍ଚା ସୃଷ୍ଟି କରିଥିଲେ । ଏହାକୁ ପରେ ନେପାଳ ସଂସଦ ମଞ୍ଜୁରୀ ପ୍ରଦାନ କରିଥିଲା । ନେପାଳ ଏହି ପଦକ୍ଷେପକୁ ଭାରତ ସେତେବେଳେ ବିରୋଧ କରିଥିଲା ଓ ଏହାକୁ ଏକତରଫା ବୋଲି କହିଥିଲା । ଉଲ୍ଲେଖଥାଉ କି, ଭାରତ ଓ ନେପାଳ ମଧ୍ୟରେ ୧୮୫୦ କିମିର ସୀମା ରହିଛି । ଏହା ଭାରତର ୫ଟି ରାଜ୍ୟ ସକ୍କିମ, ପଶ୍ଚିବବଙ୍ଗ, ବିହାର, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ଦେଇ ଯାଉଛି ।

### ୧୭,୪୪୦ କୋଟିର...

ନିରାପତ୍ତା କ୍ଷେତ୍ରରେ ଧାନ କ୍ରୟ ପାଇଁ ରିଭଲଭିଂ ପାଣ୍ଠି ବାବଦକୁ ୩ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି । ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିଆ । ତି ପାଇଁ ୧୩୨୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ଅତିରିକ୍ତ ୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏଥିସହ ରାସ୍ତା ଏବଂ ସେତୁର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଏହା ବ୍ୟତୀତ ଚଳିତ ଅତିରିକ୍ତ ବଜେଟ୍‌ରେ ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ବ୍ୟୟବରାଦ ଦ୍ୱାରା ବର୍ତ୍ତମାନ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଖାଲି ପଡ଼ିଥିବା ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ପଦବୀର ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଅନ୍ୟପଟେ ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ମାତ୍ର ୫୭ କୋଟି ବ୍ୟୟ ବରାଦ କରିଛନ୍ତି ।

### ଡିସେମ୍ବର ୪ରେ...

୨୨ରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ୨୦୨୩ରେ ଭାରତ ଆୟୋଜନ କରିଥିବା ୧୮ତମ ଜି-୨୦ ସମ୍ମିଳନୀରେ ପୁଟିନ ଯୋଗ ଦେଇ ନଥିଲେ । ପୁଟିନଙ୍କ ଏହି ଗସ୍ତରେ ପ୍ରତିରକ୍ଷା ଚୁକ୍ତିକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଉଛି । ରୁଷିଆଠାରୁ ଭାରତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମର ଆହୁରି ୫ଟି ସେଟ୍ କ୍ରୟ କରିବା ନେଇ ଚୁକ୍ତି ହୋଇପାରେ । ରୁଷିଆର ସବୁଠାରୁ ଆଧୁନିକ ଫାଇଟର ଜେଟ୍ ଏସ୍‌ୟୁ-୫୭ର ୨-୩ ସ୍କ୍ୱାଡ୍ରନ ଭାରତ କ୍ରୟ କରିପାରେ । ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇପାରେ । ୩ ମାସ ତଳେ ପୁଟିନ ଭାରତ ଆସିବେ ବୋଲି କହିଥିଲେ । ପୁଟିନ ଶେଷଥର ପାଇଁ ୨୦୨୧ ଡିସେମ୍ବର ୬ରେ ଭାରତ ଆସିଥିଲେ । ସେତେବେଳେ ସେ ମାତ୍ର ୪ ଘଣ୍ଟା ପାଇଁ ଭାରତ ଆସିଥିଲେ । ଏହି ଅବସରରେ ଭାରତ ଓ ରୁଷିଆ ମଧ୍ୟରେ ୨୮ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସେହପରି ୨୦୨୪ରେ ପ୍ରଧାନମନ୍ତ୍ରୀ ଦୁଇଥର ରୁଷିଆ ଗସ୍ତ କରିଥିଲେ । ଅକ୍ଟୋବର ୨୨ରେ ବ୍ରିକ୍ସ ସମ୍ମିଳନୀ ଓ ଏହା ପୂର୍ବରୁ ଜୁଲାଇରେ ଦୁଇଦିନିଆ ଗସ୍ତରେ ରୁଷିଆ ଗସ୍ତ କରିଥିଲେ ମୋଦୀ । ସେତେବେଳେ ସେ ପୁଟିନଙ୍କୁ ଭାରତ ଗସ୍ତରେ ଆସିବାକୁ ନିମନ୍ତ୍ରଣ କରିଥିଲେ ।

### ଅନ୍ଧାରରେ 'ଅନ୍ୱେଷା'...

ନାମଲେଖା ନହେବ, ତାହେଲେ ଆସନ୍ତା ଶିକ୍ଷାବର୍ଷରେ ଏଥିରେ ଏକ ଗ୍ୟାପ୍ ରହିଯିବ । ଆଦିବାସୀ ପିଲାମାନଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିବା ପାଇଁ ପୂର୍ବ ସରକାର ଅନ୍ୱେଷା ଯୋଜନା ଆରମ୍ଭ କରିଥିଲେ । ଯୋଜନା କୁ ନେଇ ସାଧାରଣରେ ଥିବା ଦ୍ୱନ୍ଦ୍ୱକୁ ସରକାର ଦୂର କରନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ । ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଯେ ରାଜ୍ୟରେ ଏବେବି ଅନ୍ୱେଷା ଯୋଜନା ଚାଲୁ ରହିଛି । ତେବେ ଚଳିତବର୍ଷ ଏଥିରେ ପ୍ରଥମ ଶ୍ରେଣୀରେ ନାମଲେଖା ହୋଇନାହିଁ । ଯେଉଁମାନେ ବର୍ତ୍ତମାନ ଏଥିରେ ପାଠ ପଢ଼ୁଛନ୍ତି, ସେମାନଙ୍କ ପାଇଁ ଯୋଜନା ବଳବତ୍ତର ରହିଛି । ପରବର୍ତ୍ତୀ ସମୟରେ ନାମଲେଖା ନେଇ ସରକାର ବିଚାର କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ ।

### ଧାନକିଣା: ଆରମ୍ଭରୁ...

ନାହାନ୍ତି । ଏପରିକି ମିଲରଙ୍କୁ ମାର୍କେଟୟାର୍ଡ ଆଲର୍ଟ ହୋଇନାହିଁ । ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଗତ ଖରିଫ୍ ଏବଂ ରବି ଧାନ ଏଯାବତ୍ ରାଜ୍ୟରୁ ଉଠାଇ ନାହିଁ । ତେଣୁ ସରକାରଙ୍କ ପାଖରେ ଧାନ ରଖିବା ପାଇଁ ସ୍ଥାନର ଅଭାବ ରହିଛି । ସେଥିପାଇଁ ଧାନ କ୍ରୟ ପ୍ରକ୍ରିୟାରେ ବିଳମ୍ବ ହେଉଛି । ସରକାର ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ନିକଟରେ ବରଗଡ଼ରେ ମିଲର ଧାନ କିଣିବେ ନାହିଁ ବୋଲି ଖୋଲାଖୋଲି ସରକାରଙ୍କୁ ଚ୍ୟାଲେଞ୍ଜ କଲେ । ମାତ୍ର ସରକାର କୌଣସି ପ୍ରତିକ୍ରିୟା ରଖିଲେ ନାହିଁ । ଚାଷୀଟିଏ ଋଣ କରି ଚାଷରେ ପୁଞ୍ଜି ଲଗାଇଥିଲା; ଏବେ ଅଭାବୀ ବିକ୍ରି କରିବାକୁ ବାଧ ହେଲାଣି । ମାତ୍ର ସରକାର ଏଯାବତ୍ କୌଣସି ମିଲ ର ଷ୍ଟକ ଯାଞ୍ଚ କରିନାହାନ୍ତି । ଆପଣ ଚାଷୀଙ୍କୁ ରାଜ୍ୟର ମେରୁଦଣ୍ଡ ବୋଲି କହୁଛନ୍ତି । ମାତ୍ର ସେହି ମେରୁଦଣ୍ଡକୁ ଆଘାତ ଦେଉଛନ୍ତି । ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ଧାନ ବିକିବା ପାଇଁ ଟୋକନ ଦିଆଗଲା ନାହିଁ । ଚାଷୀଙ୍କୁ ଟୋକନ ନ ମିଳିଲେ ସେ ଧାନ କେମିତି ବିକ୍ରି କରିବ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ । ତୁରନ୍ତ ସରକାର ଏଥିରେ କାର୍ଯ୍ୟାନୁଷ୍ଠାନ ନେଇ ଧାନକିଣା ଆରମ୍ଭ କରିବାକୁ ସେ ଦାବି କରିଥିଲେ ।

### ଖେଞ୍ଚ ମାରିଲେ...

ସେହିପରି ଚାଷୀଙ୍କୁ ୮୦୦୦ କୋଟି ଟଙ୍କରା ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଇଛି । ଯାହା ସରକାରଙ୍କ ପାଇଁ ଏକ ଚମକପ୍ରଦ ସଫଳତା । ଏବର୍ଷ ପ୍ରାୟ ୧୯ ଲକ୍ଷରୁ ୨୦ ଲକ୍ଷ ଚାଷୀ ପଞ୍ଜୀକୃତ କରିବାର ସମ୍ଭାବନା ଥିବାବେଳେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇପାରେ । ଏହା ନିଶ୍ଚିତ ଭାବେ ସରକାରଙ୍କ ପାଇଁ ଏକ ଆହ୍ୱାନ ଅଟେ । ରାଜ୍ୟରେ ବିଗତ ୧୦ ବର୍ଷରେ ମିଲ୍ ସଂଖ୍ୟା ଓ ଗୋଦାମ ସଂଖ୍ୟାରେ ବୃଦ୍ଧି ହୋଇନାହିଁ । ତେଣୁ ଧାନ ଯେପରି ସଠିକ୍ ଭାବେ ସଂଗ୍ରହ ହେବ ଏବଂ ସଂରକ୍ଷଣ ହେବ, ସେନେଇ ସରକାର ସୁବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ଖଟୁଆ ଦାବି କରିଥିଲେ ।

### କଂଗ୍ରେସରେ ନରସିଂହ...

ଥିଲା ଓ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିଲା ବୋଲି ସେ କହିଛନ୍ତି । ଏମିତି କି ଗତ ୨୬ ତାରିଖରେ ଦଳ ପକ୍ଷରୁ ସମ୍ବିଧାନ ଦିବସ ଆୟୋଜନ କରାଯିବା ସତ୍ତ୍ୱେ ତାଙ୍କୁ ଫୋନ୍‌ଟିଏ ମଧ୍ୟ କରାଯାଇ ନାହିଁ ବୋଲି କହି ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି । ତାଙ୍କୁ କେହି ପଚାରୁ କି ନ ପଚାରୁ ସେ କଂଗ୍ରେସ ଦଳରେ ରହିଥିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଗତବର୍ଷ ସାଧାରଣ ନିର୍ବାଚନ ସମୟରେ ନରସିଂହ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ । ମାତ୍ର ସେ ରାଜନୀତିରେ ରହିବେ ଓ ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ ମଧ୍ୟ ତାଙ୍କପରି କଂଗ୍ରେସର ଜଣେ ତୁଙ୍ଗ ନେତା ନୂଆପଡ଼ା ନିର୍ବାଚନରେ ଅଲୋଡ଼ା ରହିବା ଅନେକ ଦିଗକୁ ଇଙ୍ଗିତ କରୁଛି । ଏମିତି ତ ନୂଆପଡ଼ା ନିର୍ବାଚନ ପରଠାରୁ କଂଗ୍ରେସରେ ସବୁ କିଛି ଠିକ୍ ଚାଲି ନ ଥିବା ଚର୍ଚ୍ଚା ହେଉଛି । ଏହି ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଦଳ ଆଶା କରୁଥିବା ତୁଳନାରେ କମ୍ ରହିଥିବା ବେଳେ ଭକ୍ତ ପରୋକ୍ଷରେ ନିଜ ଦଳର କିଛି ନେତାଙ୍କୁ ବିଭୀଷଣ ବୋଲି ଅଭିହିତ କରିବା ଦଳରେ ବିଭ୍ରାଟ ସୃଷ୍ଟି କରିଛି । ଦଳର ବରିଷ୍ଠ ନେତା ମହମ୍ମଦ ମୋକୀମ ଭକ୍ତଙ୍କ ମନ୍ତବ୍ୟକୁ ବିରୋଧୀ କରି ଦଳର ଶୃଙ୍ଖଳା କମିଟିକୁ ପତ୍ର ଲେଖି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି ଦଳର ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ପ୍ରାୟ ନିଜକୁ ବର୍ତ୍ତମାନ ଭକ୍ତଙ୍କଠାରୁ ଦୂରେଇ ରଖୁଥିବା ଦେଖାଯାଉଛି । ଏହି ସମୟ ଭିତରେ ନରସିଂହ ମିଶ୍ରଙ୍କ ଭଳି ବରିଷ୍ଠ ନେତା ନିଜର ଅସନ୍ତୋଷ ଜାହିର କରିବା ପରେ କଂଗ୍ରେସ ଉପରେ ନକରାତ୍ମକ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି । ସାଂଗଠନିକ ସ୍ତରରେ ଏହାର ଏକ କୁପ୍ରଭାବ ପଡ଼ିବାର ଆଶଙ୍କା କରାଯାଉଛି ।

### ୧୯ ରାଜ୍ୟରେ...

ବ୍ୟବହାର କରିଛନ୍ତି । ୧୯ଟି ରାଜ୍ୟର କ୍ରମାଗତ ରାଜସ୍ୱ ଖର୍ଚ୍ଚ ୪୩.୮ ଲକ୍ଷ କୋଟି ଟଙ୍କାର ବଜେଟ ଆକଳନ ତୁଳନାରେ ୨୦.୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ହିମାଚଳ ପ୍ରଦେଶ (୫୬.୫ ପ୍ରତିଶତ), ଆନ୍ଧ୍ର ପ୍ରଦେଶ (୫୫.୫ ପ୍ରତିଶତ) ଏବଂ ପଞ୍ଜାବ (୪୫.୭ ପ୍ରତିଶତ) ରେ ରାଜସ୍ୱ ବ୍ୟୟ ଉପଯୋଗ ହାର ତୁଳନାତ୍ମକ ଭାବରେ ଅଧିକ ଥିଲା । ତଥାପି, ମହାରାଷ୍ଟ୍ର (୪୩ ପ୍ରତିଶତ) ଏବଂ ତ୍ରିପୁରା (୪୦.୩ ପ୍ରତିଶତ) ଏହି କ୍ଷେତ୍ରରେ ସବୁଠୁ ତଳେ ରହିଛନ୍ତି ।


Phone No. (06854) 241159/232717
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.**
HEAD OFFICE : N.K.T. ROAD, JEYPORE-764003,D IST.: KORAPUT (ODISHA)
Letter No. 5065/P&S/2025-26 Date 25.11.2025

**QUOTATION CALL NOTICE**

Sealed quotations are invited from the Authorised dealer with supported valid GST & PAN are requested to submit their sealed quotations before the undersigned on or before **Dt. 03.12.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **Air Conditioner** on envelop.

The tender will be opened on **Dtd. 04.12.2025 at 4.30 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | No. of Items required approximately | Proposed Installation Sight/Place |
|---|---|---|---|
| 1. | Air Conditioners Cost (Make: **Voltas/ Haier/ Carrier**, 1.5 Ton Capacity, 5 Star rated, Inverter Split AC (Copper Condenser, White in colour) | 12 | Installation sight under all or any Branch bank of the Koraput C. C Bank Ltd., Jeypore within undivided Koraput Districts (Place will be mentioned at the time of P.O supplied). |
| 2. | Stabilizer Cost (Make: Luminous/ Leotronix – Automatic) | | |
| 3. | Transportation & Installation Charges | | |
| 4. | A.C Stand for outdoor per unit, if required | | |
| 5. | Extra Copper pipe per feet, if required | | |
| 6. | Warranty / Guarantee | | |

The above items should be quoted including GST, Transportation, Installation charges and supply at any branch bank of the Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
K.C.C. Bank Ltd. Jeypore

भा.क.नि.
CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**SAMBALPUR DISTRICT CO-OPERATIVE CENTRAL BANK**
QUOTATION CALL NOTICE NO.
4216/CB/CT/2025-26, dt.27.11.2025

Sambalpur District Co-Operative Central Bank (SDCCB) invites Quotation call notice for Purchase of New Water Purifier and Water Freezer for branches under Sambalpur District Cooperative Central Bank Ltd., Bargarh. For details please visit websites: www.sambalpurdccb.bank.in.The last date for receipt of proposal is 06.12.2025 at 3.00 PM. SDCCB reserves the right to accept/ reject any/ all Quotation without assigning any reason thereof.

Sd/-
Chief Executive Officer

SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH-768028
Email:headoffice@sambalpurdccb.com

**AFFIDAVIT**
By virtue of an affidavit before the Notary Public, Titilagarh, on dated-27/11/2025. I, **Phakira Harpal** (applicant name), S/o- Raju Harpal, permanent resident of AT-Sargiguda, Titilagarh, PO/PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Tanmayee Harpal** (old name) to **Priyatama Harpal** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Priyatama Harpal** (new name) for all future purposes. **Phakira Harpal**

**AFFIDAVIT**
By Virtue of an affidavit sworn before Executive Magistrate and Tahasildar Basta, Sl No- 4494 Dt-25/11/2025.Bhupati Kamila,S/o Jhadeswar Kamila permanent resident of At-Kainda,Po-Irda,Ps-Singla/Dist-Balasore,Pin-756080. Declared that I Have Changed the name & address of my Minor Son MANIK DAS to SAISUMAN KAMILA & the same address. Hence this affidavit He shall be known as SAISUMAN KAMILA. MANIK DAS and SAISUMAN KAMILA same and one person for all future purposes.
Bhupati Kamila

**AFFIDAVIT**
By the virtue of an affidavit sworn before Executive Magistrate, Bhubaneswar, dated 26.11.2025, I, **DRAUPADI SWAIN**, At-Benapur, Po- Kantigadia, PS-Badachana, District- Jajpur, Pin-755049 declare that I have changed my name from **DOUPADI SWAIN** to **DRAUPADI SWAIN**. Henceforth, I shall be known as **DRAUPADI SWAIN** for all purposes.
**Sd- (DRAUPADI SWAIN)**

**AFFIDAVIT**
By virtue of an affidavit before Executive Magistrate, Bhubaneswar, on dated 28.11.2025, I Sarbeswar Nayak resident of Vill/Po- Lunga, Ps-Basudevpur, Dist- Bhadrak, Odisha, PIN- 756124 , declare that I have changed my daughter's name from Priyadarsini Nayak to Harapriya Nayak . Henceforth, she shall be known as **HARAPRIYA NAYAK** for all purposes.

**AFFIDAVIT**
By virtue of an affidavit before Executive Magistrate, Bhubaneswar, on dated 28.11.2025, I Soumyaranjan Barik, resident of At/Po- Jhajia, VTC- Jhajia, Sub- Dist- Badamba, Ps- Badamba, Dist- Cuttack, Odisha, PIN- 754031, declare that I have changed my name from Soumyaranjan Bariki to Soumyaranjan Barik . Henceforth, I shall be known as **SOUMYARANJAN BARIK** for all purposes.

**AFFIDAVIT**
I, Tabassum Jahan wife of Gulam Moinuddin Khan, resident of Ward No.- 25, Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11, dated 04.11.2025 that now onwards I shall be known as TABASUM JAHAN for all future purposes.
**Sd/- Tabasum Jahan**

**AFFIDAVIT**
By virtue of an affidavit before Notary Public, Bhubaneswar, on dated, 27.11.2025, I Yasmini Pradhan, resident of Madhusudan Nagar, Chhanaghar, Po/Ps- Jatni, Dist- Khordha, Odisha, PIN-752050, declare that I have changed my name from Yasmini Begum to Yasmini Pradhan . Henceforth, I shall be known as **YASMINI PRADHAN** for all purposes.

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, dated. 27.11.2025 I, CHAITANYA DHAKAD, S/o- Late. Ghenua Dhakad, Vill.- Maliguda, Po.- Sindhigaon, Ps.-Nabarangpur, Dist.- Nabarangpur, Odisha, Pin - 764059, declare that I have changed my name from **HARICHANDRA DHAKAD** to **CHAITANYA DHAKAD**. Henceforth, I shall be known as **CHAITANYA DHAKAD** for all purposes.
Sd/- CHAITANYA DHAKAD

**NOTICE**
By virtue of an affidavit sworn before Executive Magistrate, Baripada, Mayurbhanj, dated 24/11/2025, I SUNITA AGARWAL , W/o Sunil Kumar Agarwal At- M.P.C College Front, Baripada, Po/Ps – Baripada Town , Dist – Mayurbhanj, Pin – 757001 declare that I have changed my name from SUNITA MURARKA to SUNITA AGARWAL. Henceforth, I shall be known as SUNITA AGARWAL for all purposes.
**Sd/- SUNITA AGARWAL**

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-SIG-ZONAL-JJKR-519, ତା.24.11.2025ରିଖ
**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ଯାଜପୁର କେନ୍ଦୁଝର ରୋଡ୍ (JJKR) ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ ।
**ଟେଣ୍ଡର ମୂଲ୍ୟ (₹):** 87,39,806.64, EMD (₹) : 1,74,800.00 ।
ବିଡ୍ ଆରମ୍ଭ ହେବା ତାରିଖ : ତା.02.12.2025 ରିଖ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.12.2025 ରିଖ 1100 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-847/Q/25-26

**AFFIDAVIT (For Minor)**
By virtue of an affidavit sworn before Executive Magistrate, Banpur, vide no.- 4311, dated-28/11/2025 I, Mohan Sahoo, aged about- 42yrs., Address S/o- Panu Sahoo, At- Sunakera, Po.- Banpur, Ps.- Banpur, Dist.- Khordha, Odisha, Pin-752031, declare that, I have changed the name of my minor son from **Ankit Pradhan** to **Ankit Sahoo**. Henceforth, he shall be known as **Ankit Sahoo** for all purposes.
Sd/- Ankit Sahoo

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, dated. 25.11.2025 I, BANITA MUDULI , W/o- Dinesh Muduli, At Village- Bejuguda, Po.- Bejuguda, Ps.- Tentulikhunti, Dist.- Nabarangpur, Odisha, Pin - 764070, declare that I have changed my name from **BANITA JHADIA** to **BANITA MUDULI**. Henceforth, I shall be known as **BANITA MUDULI** for all purposes.
Sd/- BANITA MUDULI

**AFFIDAVIT**
By virtue of an affidavit sworn before Executive Magistrate, Bissam Cuttack, vide no.- 2743, dated- 24/11/2025 I, Hari Saraka, S/o- Late Padan Saraka for resident of Vill.- Munda, Po.- Jhigidi, Ps.- Bissam Cuttack, Dist.- Rayagada, Odisha, PIN-765019 declare that, I have changed the name of my minor daughter from **Progati Saraka** to **Pooja Saraka**. Henceforth, she shall be known as **Pooja Saraka** for all purposes.

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, dated 26.11.2025 I, DHANURJAYA BHATARA, S/o - Narahari Bhatara , Village- Danaguda, Po.- Sanamasigam, Ps.- Nabarangpur, Dist.- Nabarangpur, Odisha, Pin - 764063, declare that I have changed the name of my Son from **HARDING BHATRA** to **NARASINGH BHATARA**. Henceforth, he shall be known as **NARASINGH BHATARA** for all purposes.
Sd/- Dhanurjaya Bhatara

**AFFIDAVIT**
By virtue of an affidavit (CF No. 103, date 25/11/2025) sworn before the Executive Magistrate, Bhubaneswar, I, **Sanjeet Kumar Mohanty,** S/o Late Trilochan Mohanty, resident of At Plot No. 1036/A, Lane-4, Santinagar, Korndakana, PO- Budheswari, PS- Laxmisagar, Bhubaneswar, Dist- Khordha, PIN- 751006, Odisha declare that I have corrected my minor son's name from **Subhanjeet Mohanty** to **Sivan Mohanty** and date of birth from **24/08/2013** to **14/02/2014.** Henceforth, he shall be known as **Sivan Mohanty** (**DOB: 14/02/2014**) for all future purposes.

**AFFIDAVIT**
I, Swaroop Ramdas Taksande, S/o- Late Ramdas Sonuji Taksande, resident of D-170, Nalco Nagar, Phase 1, Nalco Square, Bhubaneswar, Dist.- Khordha, Odisha-751012, do hereby declare by this affidavit No-313, dtd 27.11.2025 that I have changed the name of my minor daughter from **Tushita Taksande** to **Tushita Swaroop Taksande**. That now onwards my daughter shall be known as **Tushita Swaroop Taksande** for all future purposes.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** *Rs. 58,000/- P.A.* Eligibility: +2 Sc. (PCB/M & OJEE Appeared)
• **D. Pharm** *Rs. 48,000/- P.A.* Eligibility: +2 Sc. (PCB/M)
• **B.M.L.T.** *Rs. 58,000/- P.A.* Eligibility: +2 Sc. (PCB/M with 50 % Mark)
• **D.M.L.T.** *Rs. 48,000/- P.A.* Eligibility: +2 Sc. Pass (PCB/M)
• **M.P.H.** *Rs. 42,000/- P.A.* Eligibility: Any Graguate
ALL COURSE FEES ARE EXCLUDING HOSTEL

**ନାବାଳକ ସମେତ ୬ କୋର୍ଟ ଚାଲାଣ ମାମଲା**

# ପରିବାର ଲୋକଙ୍କ ରାସ୍ତାରୋକ, ୮ ଘଣ୍ଟା ଯାତାୟାତ ବନ୍ଦ

ଇବଥର୍ମାଲ,୨୮।୧୧(ସମିସ)

ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅଧୀନ ତୁନତୁନ ଛକ ରେଙ୍ଗାଲି ରାସ୍ତା ତାଲବେର୍ଣ୍ଣା ନିକଟରେ ଏକ ହାଇୱା ଡ୍ରାଇଭରକୁ ବୁଧବାର ମରଣାନ୍ତକ ଆକ୍ରମଣ କରାଯିବା ଓ ହାଇୱା କାଚ ଭାଙ୍ଗିବା ଅଭିଯୋଗ ହୋଇଥିଲା। ଏଥିରେ ବନହରପାଲି ପୁଲିସ ଜଣେ ନାବାଳକ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଆଜି ସକାଳେ ଏହାର ପ୍ରତିବାଦରେ ତାଲବେର୍ଣ୍ଣା ଗାଁର ୬ ଜଣ ଅଭିଯୁକ୍ତଙ୍କ ପରିବାର ଲୋକ ଏକତ୍ର ହୋଇ ଓ ଅନ୍ୟମାନଙ୍କୁ ଧରି ସକାଳ ୭ଟାରୁ ସମସ୍ତ ପାଉଁଶ ପରିବହନ ଓ କୋଇଲା ପରିବହନ ଭାରୀଯାନ ଅଟକ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ ସାଧାରଣ ଯାନବାହନ ଚଳାଚଳ କରୁଥିବା ବେଳେ ଭାରୀଯାନ ଗୁଡିକ



ଦୀର୍ଘ ୮ ଘଣ୍ଟା ଅଟକି ରହିଥିଲା। ପୁଲିସ ବିନା କାରଣରେ ଯୁବକ ମାନଙ୍କୁ ଉଠେଇ ନେଇ ଗିରଫ କରିଛି ବୋଲି କହି ପରିବାର ବର୍ଗ ଆପତ୍ତି ବ୍ୟକ୍ତ କରିବା ସହ ସମସ୍ତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଛାଡ଼ିବାକୁ ଦାବି କରିଥିଲେ। ଖବରପାଇ ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ ଘଟଣା ସ୍ଥଳରେ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ମାନି ନଥିଲେ। ପରେ ଘଟଣା ସମ୍ପର୍କରେ ଟ୍ରାନ୍ସପୋର୍ଟ କମ୍ପାନୀର ମୁଖ୍ୟ, ପରିବାର ସଦସ୍ୟ ଓ ପୁଲିସ ମଧ୍ୟରେ ଏ ସଙ୍କ୍ରାନ୍ତରେ ଥାନାରେ ଆଲୋଚନା କରାଯିବା ପ୍ରସ୍ତାବକୁ ପରିବାର ଲୋକ ଗ୍ରହଣ କରିଥିଲେ। ଏହାପରେ ଅପରାହ୍ନ ୩ରେ ଗାଡିଗୁଡିକ ଛଡାଯାଇଥିଲା। ହେଲେ ଥାନାରେ ତ୍ରିପାକ୍ଷିକ ଆଲୋଚନା ବହୁ ସମୟ ଧରି ଚାଲିଥିଲା। ରାତି ପ୍ରାୟ ୮ଟା ବେଳେ ଆପୋଷ ବୁଝାମଣା ହେଇ ପରିସ୍ଥିତି ସାମାନ୍ୟ ହୋଇଥିବା ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକଙ୍କ ଠାରୁ ପ୍ରକାଶ। ସୂଚନାଯୋଗ୍ୟ, ଭଙ୍ଗାରୁଜା ଓ ମରଣାନ୍ତକ ଆକ୍ରମଣ ଘଟଣାରେ ତାଳବେର୍ଣ୍ଣା ଗାଁର ନାବାଳକ ସମେତ ପୁଲିସ ୬ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନହେବାରୁ ୫ ଜଣ ବିଚାର ବିଭାଗୀୟ ହାଜତରେ ଓ ନାବାଳକ ଜଣକ ରାଉରକେଲା ସ୍ଥିତ ବାଳ ସୁଧାର ଗୃହରେ ଥିବା ଜଣାପଡିଛି।

● ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ

## ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ



**ଝାରସୁଗୁଡ଼ା,୨୮।୧୧(ସମିସ):** ବ୍ରଜରାଜନଗର ପୌର ପରିଷଦ ଅଧୀନ ଓରିଏଣ୍ଟ କୋଲିୟାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ ଅଭିଯୋଗ କରିବା ସହିତ ଛାତ୍ରଛାତ୍ରୀ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ଦୁର୍ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ଛାତ୍ରଛାତ୍ରୀଙ୍କୁ ବିନା କାରଣରେ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ଆଜି ସକାଳେ ସ୍କୁଲର ଛାତ୍ରଛାତ୍ରୀ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏଥିରେ ସେମାନେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ଦାବି କରିଥିଲେ। ଏନେଇ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ସୂଚନା ପାଇ ବ୍ଲକ୍ ଶିକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବା ସହିତ ଆଲୋଚନା କରିଥିଲେ।

ତେବେ ଓରିଏଣ୍ଟ କୋଲିୟାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ କହିବା ଅନୁଯାୟୀ କିଛି ଛାତ୍ର ବିଦ୍ୟାଳୟର ଶିକ୍ଷକଙ୍କୁ ଦୁର୍ବ୍ୟବହାର କରିଥିଲେ ଏବଂ ଏହାକୁ ନେଇ ସେ ତାଗିଦ କରିଥିଲେ। ତେଣୁ ଆଜି ଶୁକ୍ରବାର ବିଦ୍ୟାଳୟର ଛାତ୍ରଛାତ୍ରୀ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ କରି ଆନ୍ଦୋଳନ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ପହଞ୍ଚି ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଓଡ଼ିଶା ଅଣ୍ଡର ୧୬ କ୍ରିକେଟ ଟିମ୍‌ରେ ବ୍ରଜରାଜନଗରର ତପନ ଗୁପ୍ତା



**ଝାରସୁଗୁଡ଼ା,୨୮।୧୧(ସମିସ):** ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଥିଲେ ପରିବାରର ପ୍ରତିକୂଳ ପରିସ୍ଥିତି କେବେ ବାଧା ସୃଷ୍ଟି କରିପାରେ ନାହିଁ। ଦିନ ମଜୁରିଆ ପରିବାର ହୋଇ ମଧ୍ୟ ଓଡ଼ିଶା ଅଣ୍ଡର ୧୬ କ୍ରିକେଟ ଟିମରେ ସାମିଲ ହୋଇ ବ୍ରଜରାଜନଗର ପାଇଁ ଗୌରବ ଆଣିଛନ୍ତି ତପନ ଗୁପ୍ତା। ପରିବାର ସଦସ୍ୟ ଦିନ ମଜୁରିଆ, ମା' ମଇନା ଗୁପ୍ତା ମଜୁରି କରି ପରିବାର ଚଳାନ୍ତି। ହେଲେ ମଜୁରିଆ ପରିବାରରୁ ହୋଇ ମଧ୍ୟ ତପନ ଆଜି ଓଡ଼ିଶା ଅଣ୍ଡର ୧୬ କ୍ରିକେଟ ଟିମରେ ସାମିଲ ହୋଇ ବ୍ରଜରାଜନଗର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଫଳରେ ସେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଖେଳିବେ। ତପନ ଗୁପ୍ତା ବ୍ରଜରାଜନଗର ଆମ୍ବିସନ କ୍ଲବ୍ ପକ୍ଷରୁ କ୍ରିକେଟ ଖେଳି ଆସୁଛନ୍ତି। ଉତ୍ତମ ପ୍ରଦର୍ଶନ କାରଣରୁ ସେ ଓଡ଼ିଶାରାଜ୍ୟ ଅଣ୍ଡର ୧୬ ଟିମରେ ସାମିଲ ହୋଇଛନ୍ତି। ତାଙ୍କର ଏହି ସଫଳତା ପରେ ପରିବାର ବର୍ଗ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏ ନେଇ ସ୍ଥାନୀୟ କ୍ରୀଡାପ୍ରେମୀଙ୍କ ସହିତ ଅଞ୍ଚଳରେ ଖୁସିର ଲହରୀ ଦେଖିବାକୁ ମିଳିଛି।

# ଗାଁ ଖେଳପଡ଼ିଆକୁ ଷ୍ଟାଡିୟମ କରିବାକୁ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର

**ଝାରସୁଗୁଡ଼ା,୨୮।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଚାନ୍ଦନୀମାଲ ପଞ୍ଚାୟତ ଅଧୀନ ବରପାଲି ଗାଁରେ ଏକ ବଡ଼ ଖେଳପଡିଆ ରହିଛି। ଏଠାରେ ପ୍ରାୟତଃ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ମାନ ଆୟୋଜିତ ହୋଇଥାଏ। ବରପାଲି ଜଗନ୍ନାଥ ଯୁବକ ସଙ୍ଘ ପକ୍ଷରୁ ଏହି ଖେଳପଡିଆର ଉନ୍ନତିକରଣ କରାଯାଇ ଏକ ଷ୍ଟାଡିୟମ ନିର୍ମାଣ ପାଇଁ ଦାବି କରାଯାଇଛି। ଏନେଇ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅଞ୍ଚଳର ଅଳ୍ପ ଦୂରରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଯଥା ଏନଟିପିସି ଦରଲିପାଲି, ଏମ୍‌ସିଏଲ କୋଇଲା ଖଣି, ଏମଏସପି କାରଖାନା, ଆକ୍ସନ ଇସ୍ପାତ



କାରଖାନା ପ୍ରମୁଖ ରହିଛି। ବରପାଲି ଗାଁର ଏହି ପଡିଆରେ ପ୍ରତିବର୍ଷ ଜିଲ୍ଲାସ୍ତରୀୟ, ବ୍ଲକ୍ ସ୍ତରୀୟ ଓ ପଞ୍ଚାୟତ ସ୍ତରୀୟ ଫୁଟବଲ, କ୍ରିକେଟ ଓ ଅନ୍ୟାନ୍ୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ପ୍ରତିବର୍ଷ ଗାଁରେ ଫୁଟବଲ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଖେଳପଡିଆଟିକୁ ଷ୍ଟାଡିୟମରେ ପରିଣତ କରିବା ପାଇଁ ଜଗନ୍ନାଥ ଯୁଥ କ୍ଲବ୍ ବରପାଲି ଏବଂ ଗାଁର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଠାରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ଯଥା ବରପାଲି ଫୁଟବଲ୍ ପଡିଆ ଠାରୁ ନୂଆମୁଣ୍ଡା ଦେଇ ବାଲିପିଟା ଦେଇ ପିଚୁରାସ୍ତା ନିର୍ମାଣ, ଶକ୍ତିଶ୍ୱର ମହାଦେବ ମନ୍ଦିରର ଉନ୍ନତି କରଣ, ବରପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତି କରଣ, ଗୋବିନ୍ଦପୁର ପଡାକୁ କଂକ୍ରିଟରାସ୍ତା ନିର୍ମାଣ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ହେମନ୍ତ ଧୁରୁଆ, ଜୟରାମ ବଗାର, ଠାକୁର ପ୍ରଧାନ, ଉମେଶ ବଡ଼ାଇ, ଈଶ୍ୱରି ମାଝୀ, ରବୀନ୍ଦ୍ର ବୁଦ୍ଧିଆ, ଯୁବରାଜ ବିଶି, ଦିଲୀପ ବଡ଼ାଇ, ବିକାଶ ପୋଢ଼, ଆକାଶ ଦୋରା, ପପୁ ପ୍ରଧାନ, ଅଜିତ ବଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଗଡ଼ ଗସ୍ତରେ ମହିଳା କମିଶନର ସଭ୍ୟା

**ଦେବଗଡ଼,୨୮।୧୧(ସମିସ):** ମହିଳା କମିଶନର ସଭ୍ୟା ପ୍ରତିଭା ଶତପଥୀ ଶୁକ୍ରବାର ଦେବଗଡ଼ ଗସ୍ତରେ ଆସି ପ୍ରଥମେ ଜିଲ୍ଲା ସ୍ୱତନ୍ତ୍ର କାରାଗାର ପରିଦର୍ଶନ କରି ଅନ୍ତେବାସୀମାନଙ୍କ ବିଭିନ୍ନ ସମସ୍ୟା ପଚାରିବା ସହିତ ପରିଷ୍କାର ପରିଚ୍ଛନ୍ନତା ଦେଖିଛନ୍ତି। ପରବର୍ତ୍ତୀ ସମୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପରିଚାଳିତ ହୋଇଥିବା ଶକ୍ତି ସଦନ ଏବଂ ୱାନଷ୍ଟପ ସେଣ୍ଟର ସଖୀ ପରିଦର୍ଶନ କରିବା ସହ ଭୋକେସନାଲ ଟ୍ରେନିଂ ବିଷୟରେ ବାର୍ତ୍ତାଳାପ କରିଥିଲେ। ପରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ସହିତ ସାକ୍ଷାତ କରି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ବିଜେପି ମହିଳା ସଭାପତି ବିଳାସିନୀ ଥାପ୍ପା, ମହିଳା ସମ୍ପାଦିକା ପ୍ରୀତି ପରିମିତା ବେହେରା, ୱାର୍ଡ ନଂ ୧୦ର ପାରିଷଦ ଇତିଶ୍ରୀ ମିଶ୍ର, ବିଜେପି ଯୁବ ନେତା ସୁଧିର ବ୍ରହ୍ମା ଏବଂ ଦୟା ଶଙ୍କର ଦ୍ୱିବେଦୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣି ସୁରତି ପ୍ରଧାନ, ପ୍ରୋଗ୍ରାମ ଅଫିସର ଜୋସ୍ନା ତନ୍ତୀ, ହବ୍ ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବେହେରା, ସମ୍ବଲପୁରର ଶର୍ମିଷ୍ଠା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିସେମ୍ବର ୩ରୁ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

● ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

**ଦେବଗଡ଼,୨୮।୧୧(ସମିସ):** ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା କ୍ରୀଡା ବିଭାଗ ଓ ମାଇଁ ଭାରତ ପକ୍ଷରୁ ଯୁବ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆସନ୍ତା ଡିସେମ୍ବର ୩ରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଓ ଦେବଗଡ଼ ମହାବିଦ୍ୟାଳୟ ଠାରେ ସକାଳ ୯ ଘଟିକାରେ ଆୟୋଜନ କରାଯିବ। ୧୫ରୁ ୨୯ ବୟସର ଯୁବକ ଯୁବତୀ ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଭାଗ ନେବା ପାଇଁ ପ୍ରତିଯୋଗୀ ମାନେ ଆଧାରକାର୍ଡ ଓ ପାସପୋର୍ଟ ସାଇଜ ଫଟୋ ଧରି ଆସିବା ପାଇଁ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗୀ ବର୍ଗ ଦଳଗତ ଲୋକନୃତ୍ୟ, ଦଳଗତ ଲୋକ ସଙ୍ଗୀତ, ଏକକ ଲୋକ ନୃତ୍ୟ, ଏକକ ଲୋକ ସଙ୍ଗୀତ, ହିନ୍ଦୀ ଓ ଇଂରାଜୀ ପଦ୍ୟ, ହିନ୍ଦୀ ଓ ଇଂରାଜୀ ଗଳ୍ପ ଲିଖନ, ଚିତ୍ରକଳା, ହିନ୍ଦୀ ଓ ଇଂରାଜୀ ଔପଚାରିକ ବକ୍ତୃତା, ଫଟୋଗ୍ରାଫି, ଦଳଗତ ଓ ଏକକ ବିଜ୍ଞାନ ମେଳା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପାରିବେ। ଏଥିରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ଉତ୍ସବ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ମାଇଁ ଭାରତ ପ୍ରଦୀପ ବିଶ୍ୱାଳ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେଡ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସୌରାଷ୍ଟ୍ର ଫ୍ରେଟ୍ ପକ୍ଷରୁ 'ଛୋଟି ସି ଆଶା' କାର୍ଯ୍ୟକ୍ରମ

● ଛାତ୍ରଛାତ୍ରୀଙ୍କୁ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଉପହାର ବଣ୍ଟନ



**ଦେବଗଡ଼,୨୮।୧୧(ସମିସ):** ପ୍ରତିଟି ଶିଶୁଙ୍କ ସ୍ୱପ୍ନର ଇଚ୍ଛା ପୂରଣ କରିବା ସହ ମୁହଁରେ ହସ ଫୁଟାଇବା ଲକ୍ଷ୍ୟରେ ସୁଦୂର ମୁମ୍ବାଇର ଲଜିଷ୍ଟିକ କମ୍ପାନୀ ସୌରାଷ୍ଟ୍ର ଫ୍ରେଟ୍ ପକ୍ଷରୁ 'ଛୋଟି ସି ଆଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ନିର୍ଦ୍ଦେଶକ ରାଘବ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ମିମି ଅଗ୍ରୱାଲ 'ଛୋଟି ସି ଆଶା' କାର୍ଯ୍ୟକ୍ରମରେ ସାରା ଦେଶରେ ଥିବା ଚିହ୍ନଟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ସେମାନଙ୍କ ଇଚ୍ଛା ମୁତାବକ ଉପହାର ପ୍ରଦାନ କରିଛନ୍ତି। ବିଦ୍ୟାଳୟର ସମ୍ପାଦକ ପ୍ରଭୁଦତ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ ଯୋଗ ଦେଇଥିଲେ। ସୌରାଷ୍ଟ୍ର ଫ୍ରେଟ୍‌ର ଉପନିର୍ଦ୍ଦେଶକ ପ୍ରେରକ ବଂଶଲ କମ୍ପାନୀ ପକ୍ଷରୁ ପ୍ରଦତ୍ତ ଉପହାର ଗୁଡିକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିତରଣ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିସହ ବିଦ୍ୟାଳୟର ପ୍ରାୟ ସାଢ଼େ ଚାରି ଶହ ଛାତ୍ରଛାତ୍ରୀଙ୍କୁ ପ୍ରାୟ ୨୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସାଇକଲ, କ୍ରିକେଟ କିଟ, ସାଇନ୍ସ କିଟ, କ୍ରୀଡା ଓ ପାଠ୍ୟ ଉପକରଣ ଆଦି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଭୟ ସାହୁ, ସ୍ୱାମୀନୀ ତନିଷ୍ଠାନନ୍ଦ ସରସ୍ୱତୀ, ପରିଚାଳନା କମିଟି ସଦସ୍ୟ ଗୋପବନ୍ଧୁ ପ୍ରଧାନ, ଜଗଦୀଶ ନନ୍ଦ, ଜଗବନ୍ଧୁ ଶତପଥୀ, ଜୟନ୍ତ ସାହୁ, ଶିକ୍ଷକ ପ୍ରମିତ ସାହୁ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ଦେବୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଏନ୍‌ଏଲ୍‌ସି ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

**ଝାରସୁଗୁଡ଼ା,୨୮।୧୧(ସମିସ):** ଝାରସୁଗୁଡ଼ା ହିର୍ମା ସ୍ଥିତ ଏନ୍‌ଏଲସି କମ୍ପାନୀ ପକ୍ଷରୁ କ୍ଷତିପୂରଣ ଏବଂ ନିଯୁକ୍ତି ଦାବି କରି ଶୁକ୍ରବାର ତରେଇଖେଳାର ମହିଳାମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ମହିଳାମାନେ ଦାବିପତ୍ର ଦେଇ କହିଛନ୍ତି



ଯେ, ସରକାର ଯେତେବେଳେ ପୁଅ ଝିଅ ସମାନ କହୁଛନ୍ତି ଏନଏଲସି କମ୍ପାନୀ ପାତରଅନ୍ତର କରୁଛି। ହିର୍ମା ପଞ୍ଚାୟତର ତରେଇଖେଳା ଗାଁକୁ ବିସ୍ଥାପିତ କରୁଥିଲେ ହେଁ ଗାଁର କିଛି ଯୁବକ ଏବଂ କିଛି ବିବାହିତା ଝିଅଙ୍କୁ ନିଯୁକ୍ତି, କ୍ଷତିପୂରଣ ଦେଇ ଅନ୍ୟ ବିବାହିତ ଝିଅ ମାନଙ୍କୁ ଏଥିରୁ ବଞ୍ଚିତ କରୁଛି। ବାପଘରେ ସେମାନଙ୍କ ପୈତୃକ ସମ୍ପତ୍ତି ଜମିବାଡି ସବୁ ଏନଏଲସି କମ୍ପାନୀ ଦ୍ୱାରା ଅଧିଗ୍ରହଣ ହେଉଛି। ସେପଟେ ବିବାହିତା ଝିଅ ମାନଙ୍କୁ ନିଯୁକ୍ତି ଏବଂ କ୍ଷତିପୂରଣରୁ କମ୍ପାନୀ ବଞ୍ଚିତ ରଖୁଛି। ତେଣୁ ଯେଉଁ ମାନେ ଏଥିରୁ ବଞ୍ଚିତ ହେଉଛନ୍ତି, ସେମାନଙ୍କୁ ନିଯୁକ୍ତି ଆଉ କ୍ଷତିପୂରଣ ଦିଆଯାଉ ନଚେତ ହିର୍ମା ପଞ୍ଚାୟତ ତରେଇଖେଳାର ବିବାହିତା ମହିଳାମାନେ ଅନଶନ ଆରମ୍ଭ କରିବେ ବୋଲି ଆଜି ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଛନ୍ତି।

## ୨ ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ

**ଦେବଗଡ଼,୨୮।୧୧(ସମିସ):** ବାରକୋଟ ଥାନା ଅଧୀନ ବମ୍ପରଡା ଗାଁରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨ଗୋଟି ଦେଶୀ ବନ୍ଧୁକ, ଛର୍‌ରା ଓ ଗନ୍ ପାଉଡର ଜବତ କରାଯାଇଛି। ଏହାସହ ବିଜୟ ଶବର ନାମକ ଜଣେ ଶିକାରୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ବିଜୟକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବମ୍ପରଡା ଗାଁର ବିଜୟ ଜଣେ ବନ୍ୟଜନ୍ତୁ ଶିକାରୀ। ଶିକାର ପାଇଁ ସେ ଘରେ ବେଆଇନ ବନ୍ଧୁକ ରଖିଥିବା ବାରକୋଟ ଥାନା ପୁଲିସକୁ ସୂଚନା ମିଳିଥିଲା। ଖବର ପାଇ ପୁଲିସ ଆଜି ସଦଳବଳେ ବମ୍ପରଡା ସ୍ଥିତ ବିଜୟର ଘରେ ଚଢ଼ଉ କରିଥିଲା। ଯାଞ୍ଚ ସମୟରେ ଘରୁ ୨ଟି ଦେଶୀ ବନ୍ଧୁକ, ଛର୍‌ରା ଓ ଗନ୍ ପାଉଡର ମିଳିଥିଲା। ପୁଲିସ ଏଗୁଡିକୁ ଜବତ କରିବା ସହ ବିଜୟକୁ ଥାନାକୁ ଅଣି ପଚରାଉଚରା କରିଥିଲା। ବିଜୟ ଜନ୍ତୁ ଶିକାର ପାଇଁ ଏଗୁଡ଼ିକ ରଖିଥିବା ପୁଲିସ ସମ୍ମୁଖରେ ସ୍ୱୀକାର କରିଥିଲା। ପୁଲିସ ଅସ୍ତ୍ରଶସ୍ତ୍ର ଆଇନର ଧାରା ଅନୁଯାୟୀ ବିଜୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଶବରପାଲିରେ ସମ୍ବିଧାନ ଦିବସ

**ରିଆମାଳ,୨୮।୧୧(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଦୁଧିଆନାଳୀ ପଞ୍ଚାୟତ ଅଧୀନ ଶବରପାଲି ଖେଳ ପଡିଆରେ ୭୬ ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସୁଧାର ସଂଘ ସମ୍ପାଦକ ଏଜ୍ରା କୁଜୁରଙ୍କ ପରିଚାଳନାରେ ସଭାପତି ସୁଦାମ ପ୍ରଧାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଦେବଗଡ଼ ଆମ୍ବେଦକର ୟୁଥ୍ କ୍ଲବ୍ ସଭାପତି ଖଗ ସାଣିନୀ, ଜିଲ୍ଲା ଆମ୍ବେଦକର ସାମାଜିକ ପରିବର୍ତ୍ତନ ମଞ୍ଚ ସଭାପତି ତଥା ଆଇନଜୀବୀ ଚୌଧୁରୀ ବେହେରା, ମଞ୍ଚ ସଂଯୋଜକ ବୁଲୁ ପାତ୍ର, ଦୁଧିଆନାଳୀ ସରପଞ୍ଚ ଉଦିତ ନାୟକ, ତାଳକୁଣ୍ଡି ସରପଞ୍ଚ ଆମାରସେନ ହେମରନ, ଜିଲ୍ଲା ଆଦିବାସୀ ସଭାପତି ନିରାକର ପ୍ରଧାନ, ଶବରପାଲି ଗାଁ ମୁଖ୍ୟ ପରମାନନ୍ଦ ନାୟକ, ସମାଜସେବୀ ହୃଷିକେଶ ଜୟପୁରିଆ ଯୋଗ ଦେଇଥିଲେ। ଏହି ଅବସରରେ ଏକ ହକି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।

## ବିଲିଭର୍ସ ଚର୍ଚ୍ଚ ଆବାସିକ ସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଝାରସୁଗୁଡ଼ା,୨୮।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ବିଲିଭର୍ସ ଚର୍ଚ୍ଚ ଆବାସିକ ସ୍କୁଲର ୨ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମଶାଲକୁ ସ୍ଥାପିତ କରି ଉଦ୍‌ଘାଟନ କରିଥିଲେ। ଏହି ଆବାସିକ ସ୍କୁଲରେ ୩୦ଟି ବିଭିନ୍ନ କ୍ରୀଡ଼ା ବିଭାଗରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଉଦ୍‌ଯାପନୀ ଦିବସରେ ଝାରସୁଗୁଡ଼ା କ୍ରୀଡ଼ା ସଂଘ ଆଥଲେଟିକ୍ସର ବିଭାଗର ସମ୍ପାଦକ କମ୍ପାଉଣ୍ଡର ବେହେରା ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ବିଲିଭର୍ସ ଚର୍ଚ୍ଚ ତରଫରୁ ଅଧ୍ୟକ୍ଷା ନିମି ଆବ୍ରାହମ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବାଳିକା ବିଭାଗରେ ପାୟଲ ସାହୁ, ବାଳକ ବିଭାଗରେ ଅଙ୍କୁଶ ଭଇଶାଳ ଓ ଅଭିଷେକ ପରମାଣିକ ଚାମ୍ପିଅନ ହୋଇଥିଲେ। ସ୍କୁଲର ଗ୍ରୀନ ହାଉସ ଚାମ୍ପିଅନ ଟ୍ରଫି ଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ। ସଞ୍ଜୟ ରାୟ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ କ୍ରୀଡ଼ା ପରିଚାଳନା କରିଥିଲେ।



## ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସରେ ସ୍ୱର୍ଣ୍ଣ ବିଜେତା ଗୋବିନ୍ଦଙ୍କୁ ସମ୍ବର୍ଦ୍ଧନା



**ଝାରସୁଗୁଡ଼ା,୨୮।୧୧(ସମିସ):** ଥାଇଲାଣ୍ଡରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଗୋବିନ୍ଦ ଦୁବେଙ୍କୁ ବେଲପାହାଡରେ ଭବ୍ୟ ସ୍ୱାଗତ କରାଯାଇଛି। ନଭେମ୍ବର ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ପୁରୁଷ ଲଙ୍ଗ ଜମ୍ପ ଏବଂ ୨୦୦ ମିଟର ଟି୪୭ ବିଭାଗରେ ବେଲପାହାଡ ମାଟିର ପୁଅ ଗୋବିନ୍ଦ ଦୁବେ ସ୍ୱର୍ଣ୍ଣ ପଦକ ଜିତି ବେଲପାହାଡ, ଝାରସୁଗୁଡ଼ା ଏବଂ ଓଡ଼ିଶା ତଥା ଭାରତ ପାଇଁ ଗୌରବ ଆଣିଛନ୍ତି। ଗୋବିନ୍ଦ ସ୍ୱର୍ଣ୍ଣ ପଦକ ଜିତିବା ପରେ ବେଲପାହାଡ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଥିଲା। ଆଜି ଅପରାହ୍ନରେ ଗୋବିନ୍ଦ ବେଲପାହାଡ ପହଞ୍ଚିବା ପରେ ତାଙ୍କୁ ବେଲପାହାଡରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି।

**ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତା**

# ବିହାର ବକ୍ସରକୁ ହରାଇ ସମ୍ବଲପୁର ସେମିରେ

ଦେବଗଡ଼,୨୮।୧୧(ସମିସ)

ପ୍ରଧାନପାଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ୭ମ ସର୍ବଭାରତୀୟ 'ପ୍ରଧାନପାଟ କପ୍' ଫୁଟବଲ ପ୍ରତିଯୋଗିତାର ପଞ୍ଚମ ଦିବସ ମ୍ୟାଚ ଶନିବାର ହୋଇଯାଇଛି। ଆଜି ବିହାରର ବକ୍ସର ଫୁଟବଲ କ୍ଲବ୍‌କୁ ୩-୦ ଗୋଲରେ ପରାସ୍ତ କରି ସମ୍ବଲପୁର ଫୁଟବଲ କ୍ଲବ୍ ଦ୍ୱିତୀୟ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌କୁ ରେଫରୀ ଭାବେ ରାଜ ମଣ୍ଡଲ, ସାଗର ନାଏକ, ସୌରଭ ନାୟକ ଓ ଜିତୁ ପାତ୍ର ପରିଚାଳନା କରିଥିଲେ।

ହେମନ୍ତ ମହାପାତ୍ର ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡନାୟକ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ।



ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ସମ୍ବଲପୁର ଫୁଟବଲ କ୍ଲବ୍‌ର ଖେଳାଳି ସୁମିତ ଓରାମ ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଧାନପାଟ କ୍ଲବ୍‌ର ସଭାପତି ବିକାଶ ପ୍ରଧାନଙ୍କ ସଭାପତିତ୍ୱରେ ପଞ୍ଚମ ଦିବସର ଖେଳ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସଦର ଉପ ସଭାପତି ସତ୍ୟ ନାରାୟଣ ମିଶ୍ର, ରେଢ଼ାଖୋଲ କ୍ରୀଡା ସଂଘର ସମ୍ପାଦକ ବିଶ୍ୱଜିତ ପଣ୍ଡା, ରେଢ଼ାଖୋଲର ପ୍ରାକ୍ତନ ଫୁଟବଲ ଖେଳାଳି ଘାସିନାଥ ସାହୁ ଓ ପ୍ରଶାନ୍ତ ରାଉତ ଏହାର ଶୁଭାରମ୍ଭ କରିଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ସଞ୍ଜୀବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା କାଲି ସମ୍ବଲପୁର ଫୁଟବଲ କ୍ଲବ୍ ଓ ରାଉରକେଲା ୧୫ ମଧ୍ୟରେ ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ରବିଋତୁରେ କେନାଲ ପାଣି ଯୋଗାଇବାକୁ ଦାବି

# ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ




**ବଙ୍ଗୋମୁଣ୍ଡା, ୨୮ ।୧୧(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ପ୍ୟାକ୍ସ ଅଞ୍ଚଳର ଶତାଧିକ ଚାଷୀ ରବିଋତୁରେ ନିମ୍ନ ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରୁ କେନାଲ ପାଣି ଯୋଗାଣ ଲାଗି ଦାବି କରିଛନ୍ତି । ଏଥିପାଇଁ ସେମାନେ ବୋରୋବାହାଲସ୍ଥିତ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଧିକ୍ଷଣ ଯନ୍ତ୍ରୀ ଏ.ରାମ ପ୍ରସାଦ ରାଓଙ୍କୁ ଦାବିପତ୍ର ଦେଇଛନ୍ତି । ଅନ୍ୟପକ୍ଷେ ପାଣି ପଞ୍ଚାୟତ ଗଠନ କରାଯାଇଛି; କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନ ଥିବା ସେମାନେ ଅଭିଯୋଗ କରିଥିଲେ । ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ପାଇଁ ସେମାନେ ଚେତାବନୀ ଦିଆଯାଇଛି । ନିତ୍ୟାନନ୍ଦ ବେହେରାଙ୍କ ନେତୃତ୍ୱରେ ଭାବସାଗର ବେହେରା, ରମେଶ ବେହେରା, ଗୁପ୍ତେଶ୍ୱର ସାହୁ, ଖୁଦାଞ୍ଜି ରଣା, ଲିଖରାମ ବେହେରା, ଧବଳେଶ୍ୱର ବେହେରା, ଦିବାକର ତାଣ୍ଡି, ବଂଶୀଧର ବେହେରା, ବଳରାମ ସାହୁଙ୍କ ସହ ବହୁ ଚାଷୀ ଏଥିରେ ସାମିଲ ହୋଇଥିଲେ ।

## ୫ମ ଦିନରେ ଓଏଭି ଶିକ୍ଷକଙ୍କ ଆନ୍ଦୋଳନ

# ବିଧାୟକ, ମନ୍ତ୍ରୀଙ୍କୁ ଦାବିପତ୍ର ପରେ ବି ମିଳିଲାନି ନ୍ୟାୟ

**ସିନାପାଲି, ୨୮ ।୧୧(ସମିସ)**

ଆଦର୍ଶ ବିଦ୍ୟାଳୟ ସଂଘର ବିଭିନ୍ନ ଜିଲ୍ଲାର ନେତୃମଣ୍ଡଳୀ ୮୦ରୁ ଅଧିକ ବିଧାୟକ, ମନ୍ତ୍ରୀ ଓ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିବା ସହ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ଏବଂ ଆଗାମୀ ବିଧାନସଭାରେ ଏହି ସମସ୍ୟାଗୁଡ଼ିକୁ ନେଇ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି; ହେଲେ ଦାବି ପୂରଣ ପାଇଁ ଚାଲିଥିବା ଆନ୍ଦୋଳନକୁ ୫ ଦିନ ବିତି ଯାଇଥିଲେ ଅଧିକାରୀ ଏବଂ ସରକାରଙ୍କ ନିଦ ଭାଙ୍ଗୁନି । ନୂଆପଡ଼ା ଜିଲ୍ଲା ସଭାପତି ନରେନ୍ଦ୍ର ନାଏକଙ୍କ ଆହ୍ୱାନ କ୍ରମେ ଓଏଭି ଟିମନପୁର ସମେତ ଜିଲ୍ଲାର ୫ଟି ଓଏଭିର ଶିକ୍ଷକ ଶିକ୍ଷୟିତ୍ରୀମାନେ କଳାବ୍ୟାଜ୍ ପିନ୍ଧି ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଅବ୍ୟାହତ ରଖିଛନ୍ତି । ରାଜ୍ୟର ୩୧୪ ଟି ଆଦର୍ଶ ବିଦ୍ୟାଳୟ ଶିକ୍ଷଙ୍କ ସ୍ୱର ଆଜି ଗୋଟିଏ ସ୍ୱର ପଲଟିଛି, 'ଆମର ଦାବି ସରକାର ମାନି ନିଅନ୍ତୁ' ।

ସୂଚନା ଯୋଗ୍ୟ ଯେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଦୀର୍ଘ ୧୦ ବର୍ଷ ହେଲା ଆରମ୍ଭ ହେଲାଣି । ହଜାର ହଜାର ଗରିବ ମେଧାବୀ ଛାତ୍ରଛାତ୍ରୀ ଇଂରାଜୀ ମାଧ୍ୟମରେ ଶିକ୍ଷା ଗ୍ରହଣ କରି




ସିବିଏସଇ ବୋର୍ଡ ପରୀକ୍ଷାରେ ବିଗତବର୍ଷରେ ଭଲ ପ୍ରଦର୍ଶନ କରି ଜାତୀୟସ୍ତରରେ ଟପ୍ ରାଙ୍କରେ ମଧ୍ୟ ସ୍ଥାନପାଇ ଆସୁଅଛନ୍ତି । ମାତ୍ର ଦୀପତଳ ଅନ୍ଧାର ପରି ବିଦ୍ୟାଳୟର ଉନ୍ନତି ପାଇଁ ଯେଉଁଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ନିଯୁକ୍ତ ଅଛନ୍ତି ସେମାନଙ୍କ ସୁରକ୍ଷା ଏବଂ ଭବିଷ୍ୟତ ଆଜି ଘୋର ସଙ୍କଟରେ । ଆମେ ସରକାରୀ କର୍ମଚାରୀ ନୁହଁ, ଆମ ବିଦ୍ୟାଳୟର ପିଲାମାନେ ଛାତ୍ରବୃତ୍ତି ପରିକ୍ଷାରୁ ବଞ୍ଚିତ ହେଉଛନ୍ତି, ଶିକ୍ଷକମାନଙ୍କର ଚାକିରିରେ ସର୍ତ୍ତାବଳୀ (କ୍ୟାଡର ରୁଲ) ନାହିଁ, ଏବେ ଯାଏ ୨୪ ଜଣ ଶିକ୍ଷକଙ୍କର ମୃତ୍ୟୁ ହୋଇସାରିଲାଣି, ଆଜି ସେମାନଙ୍କ ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି, ସରକରଙ୍କ ତରଫରୁ କାଣିକଉଡିଟିଏ ବି ପାଇଲେ ନାହିଁ । ସରକାରଙ୍କର ଏଭଳି ବୈମାତୃକ ମନୋଭାବ କାହିଁକି? ଦୀର୍ଘ ୧୦ ବର୍ଷ ଭିତରେ ଶିକ୍ଷକଶିକ୍ଷୟିତ୍ରୀ ଦାବିପତ୍ର ମାଧ୍ୟମରେ ବାରମ୍ବାର ନିଜର ଅସୁବିଧା ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରକଳ୍ପ ଅଧିକାରୀ, ଉପରିସ୍ଥ ଅଧିକାରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସମସ୍ତ ଜିଲ୍ଲାପାଳ, ସମସ୍ତ ଜନ ପ୍ରତିନିଧ ଏବଂ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀଙ୍କୁ ଜଣାଇ ଆସୁଛନ୍ତି, ମାତ୍ର ସମସ୍ତ ଉଦ୍ୟମ ବିଫଳ ହୋଇଅଛି । ଯାହା ଫଳରେ ଶିକ୍ଷକ ସମାଜରେ ଆନ୍ଦୋଳନ ମୁଣ୍ଡ ଟେକିଛି । ରାଜ୍ୟ ସରକାରଙ୍କ ଏହି ପରି ମନୋଭାବ ଆଦର୍ଶ ବିଦ୍ୟାଳୟର ଉନ୍ନତି ଦିଗରେ ବିରାଟ ବାଧାସୃଷ୍ଟି କରିପାରେ ଏଥିରେ ସନ୍ଦେହ ନାହିଁ, ଏବେବି ସମୟ ଅଛି ସରକାର ଆମ ଦାବି ମାନି ନିଅନ୍ତୁ ନହେଲେ ଡିସେମ୍ବର ୮ ରେ ରାଜରାସ୍ତାକୁ ଓହ୍ଲେଇବ ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ, ପରିଣତି ଯାହା ହେବ ସେଥିପ୍ରତି ସରକାର ଦାୟୀ ରହିବେ ବୋଲି ରାଜ୍ୟ ସଭାପତି ରିପୁଦମନ ମିଶ୍ର ଏବଂ ରାଜ୍ୟ ସମ୍ପାଦକ ସୁଭାଶିଷ ଦାସ ମତ ପ୍ରକାଶ କରିଛନ୍ତି ।

## 'ଡୋକରିଚଞ୍ଚରା କାହାର' ଆଲୋଚନା ଚକ୍ର

# ଟ୍ରଷ୍ଟବୋର୍ଡ ଗଠନ ଉପରେ ଗୁରୁତ୍ୱ

**କୋକସରା, ୨୮ ।୧୧(ସମିସ):** କୋକସରା ବ୍ଲକ ଖଲିଗଡ଼ ପାଦଦେଶରେ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଅବସ୍ଥିତ କଳାହାଣ୍ଡିର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଗୁଡ଼ହାଣ୍ଡି ଡୋକରିଚଞ୍ଚରା କାହାର ବୋଲି ଶୁକ୍ରବାର ଟେମରାଠାରେ ଡୋକରିଚଞ୍ଚରା ସୁରକ୍ଷା ମଞ୍ଚର ଆବାହକ ତଥା ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ଏହି ଆଲୋଚନା ଚକ୍ରରେ ସ୍ଥାନୀୟ ସରପଞ୍ଚ କ୍ଷିତିରାମ ପାତ୍ର, ପୂର୍ବତନ ସଭାପତି ଉନ୍ନୟନ କମିଟି ଭଦରେଶ୍ୱର ପାତ୍ର, ମହିମା ସମିତି ସଭ୍ୟ ତଥା ଉନ୍ନୟନ କମିଟିର ପୂର୍ବତନ ଉପ ସଭାପତି ଘନଶ୍ୟାମ ନାଏକ, କୈଳାସ ଚଲାନ, ଘନଶ୍ୟାମ ନାଏକ,



ଚନ୍ଦ୍ରମଣି ମାଝୀ, ବାଳ ମୁକୁନ୍ଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜର ମତାମତ ରଖିବା ସହ ଗୁଡ଼ହାଣ୍ଡି ଡୋକାରିଚଞ୍ଚରା କୁ ଗୋଟିଏ ପଞ୍ଚାୟତରେ ସୀମିତ ନ କରି ବ୍ଲକସ୍ତରୀୟ ଏକ ଟ୍ରଷ୍ଟ କମିଟି ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରକାଶ ଯେ' ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରା ପରିଚାଳନା ଦାୟିତ୍ୱକୁ ନେଇ ଗତବର୍ଷରେ ବିବାଦ ଦେଖାଦେଇଥିଲା । ଏହାପରେ ଧର୍ମଗଡ଼ ବନଖଣ୍ଡ ବିଭାଗ ଅନୁମୋଦନରେ ନୂତନ ଭାବେ ଗଠିତ ଇକୋ ଟୁରିଜମ କମିଟିକୁ ଗତବର୍ଷ ଶ୍ରୀରାମ ନବମୀ ମହୋତ୍ସବ ପରିଚାଳନା କରିବା ପାଇଁ ସାମୟିକ ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଯାଇଛି । ତେବେ ଦୀର୍ଘବର୍ଷ ଧରି ପୂର୍ବରୁ ଥିବା ଉନ୍ନୟନ କମିଟି ପରିଚାଳନା କରି ଆସୁଥିବାବେଳେ ପ୍ରଶାସନର ଏହି ନିଷ୍ପତ୍ତିକୁ ବିରୋଧ କରି ପ୍ରତିବାଦ କରିବା ସହ ଏନେଇ ମାନ୍ୟବର ହାଇକୋର୍ଟରେ ଏକ ମାମଲା ରୁଜୁ କରି ଏକ ଟ୍ରଷ୍ଟ ବୋର୍ଡ ଗଠନ କରି ବ୍ଲକର ସମସ୍ତ ଜନ ପ୍ରତିନିଧି, ସଚେତନ ନାଗରିକ, ବୁଦ୍ଧିଜୀବୀ ପ୍ରଶାସନିକ ଅଧିକାରୀଙ୍କୁ ଏହି ବୋର୍ଡ଼ରେ ସଦସ୍ୟ ରଖି ପର୍ଯ୍ୟଟନ ସ୍ଥଳୀର ପରିଚାଳନା ଦାୟିତ୍ୱ ଦେବାକୁ ଦାବି କରିଥିଲେ । ହାଇକୋର୍ଟର ନିର୍ଦ୍ଦେଶ ପରେ ଗତ କିଛି ମାସ ତଳେ ଏହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ କମିଟି ବୈଠକ କୋକସରା ବ୍ଲକ ସଭାଗୃହରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଉଭୟ କମିଟିର ସଦସ୍ୟଙ୍କୁ ନେଇ ଆୟୋଜିତ ହୋଇଥିବାବେଳେ କୌଣସି ନିଷ୍କର୍ଷ ବାହାରି ନଥିଲା । ଯାହା ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ବାହାରି ପାରିନାହିଁ ।

# ଝଲସିବ ବଲାଙ୍ଗିର ମହାରାଣୀ ସାଗର

**ବଲାଙ୍ଗିର, ୨୮ ।୧୧(ସମିସ):** ବଲାଙ୍ଗିର ସହର ମହାରାଣୀ ସାଗରର ସୋନ୍ଦର୍ଯ୍ୟକରଣ କାମ ଆରମ୍ଭ ହେବ । ପୌରାଧକ୍ଷା ଲିକା ସାହୁ ଓ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଶୁକ୍ରବାର ମହାରାଣୀ ସାଗର ପରିଦର୍ଶନ କରିଛନ୍ତି । ଶୀଘ୍ର କାମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ଧ ଦୃଢ଼ୀକରଣ, ଡ୍ରେନରେ ପଥର ପ୍ୟାଚିଂ, ଜନସାଧାରଣଙ୍କ ପାଇଁ ଚାଲିବା ରାସ୍ତା ସହ ଚାରିପଟେ ଗଛ ଲଗାଯିବ । ଏହାସହ ପାର୍କ, ଗୋଷ୍ଠୀ ଶୌଚାଳୟର ବ୍ୟବସ୍ଥା କରାଯିବ । ଚାରି ପଟେ ଆଲୋକୀକରଣ କରାଯିବ । ଏଥି ସହ ଅତି ଶୀଘ୍ର ବଲାଙ୍ଗିର ସହରର ଅନ୍ୟ ବନ୍ଧର ଉନ୍ନତି କରାଯିବ ବୋଲି ଶ୍ରୀମତୀ ସାହୁ କହିଛନ୍ତି । ପୌରପରିଷଦ ଇଞ୍ଜିନିୟର ରୋଜାଲିସା ରାଉତ, ଇଞ୍ଜିନିୟର କୃଷ୍ଣଚନ୍ଦ୍ର ବେହେରା, କାଉନସିଲର ଗଙ୍ଗା ଚାନ୍ଦ, ଶ୍ୱେତ ତ୍ରିପାଠୀ, ତପି ସୁନା, ଦିଲୀପ ସାଏ, ଆଶିଷ ସ୍ୱାଇଁ ଓ ବରୁଣ ସେଠ୍ ଉପସ୍ଥିତ ଥିଲେ ।

# ମେଗା ପ୍ରକଳ୍ପର ପାଣି ପାଇପ୍ ଫାଟିଲା; ରାସ୍ତାରେ ବନ୍ୟା



**ଧର୍ମଗଡ଼/ ଗୋଲାମୁଣ୍ଡା, ୨୮ ।୧୧(ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ ଦଶପୁର ଗାଁରେ ମେଗା ପ୍ରକଳ୍ପର ପାଣି ପାଇପ ଫାଟି ରାସ୍ତାରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି । ବୃନ୍ଦାବାହାଲ-ଭବାନୀପାଟଣାକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ଗାଡ଼ିମୋଟର ଯିବା ଆସିବା କରୁଛି । ମେଗା ପ୍ରକଳ୍ପର ପାଣି ପାଇପ୍ ଫାଟିବା ଯୋଗୁଁ ରାସ୍ତାରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀମାନେ ମଧ୍ୟ ଯିବାଆସିବା କରୁଛନ୍ତି । ଦୀର୍ଘ ୧୫ଦିନ ହେବ ଏଭଳି ସମସ୍ୟା ଉପୁଜିଛି ଫଳରେ ଉକ୍ତ ରାସ୍ତା ଦେଇ ଯିବାଆସିବା ରେ ପଥଚାରୀ ମାନଙ୍କୁ ସମସ୍ୟା ହେଉଛି । ତେବେ ଦୀର୍ଘଦିନ ହେଲା ଏଠାରେ ପାଣି ପାଇପ ଫାଟି ଥିବାବେଳେ ଏଥିପ୍ରତି ବିଭାଗୀୟ କର୍ମଚାରୀ ଆଖିବୁଜି ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ତୁରନ୍ତ ମରାମତି କରା ନ ଗଲେ ଆଗକୁ ଲୋକେ ଦୂଷିତ ପାଣି ଜନିତ ନାନା ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଦେଖାଦେଇଛି । ଫଳରେ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତ୍ୱରିତ୍ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ହାଇୱା ଧକ୍କାରେ ବୃଦ୍ଧ ଗୁରୁତର

**ଦେଓଗାଁ, ୨୮ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଦେଓଗାଁ କଲେଜଛକ ବୁଲାଣୀରେ ଶୁକ୍ରବାର ଜଣେ ବୃଦ୍ଧଙ୍କୁ ଏକ ହାଇୱା ଧକ୍କା ଦେଇଛି; ହେଲେ ବୃଦ୍ଧ ଜଣକ ବର୍ତ୍ତି ଯାଇଛନ୍ତି । ସ୍ଥାନୀୟ ପୁଲିସ ବୃଦ୍ଧଙ୍କୁ ଉଦ୍ଧାର କରି ଦେଓଗାଁ ଗୋଷ୍ଠୀ ଚିକିତ୍ସାଳୟକୁ ନେଇ ପ୍ରାଥମିକ ଚିକିତ୍ସା କରାଇଥିଲା । ତେବେ ଏହି ଛକରେ କ୍ରସରର ହାଇୱା ସମେତ ଅନେକ ଟ୍ରକ ଓ ଭାରିଯାନ ବେପରୁଆ ଭାବେ ଯାଆସ ହେତୁ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଛି । ଗୋଟିଏ ମାସ ମଧ୍ୟରେ ୩ଟି ଦୁର୍ଘଟଣା ଘଟିଲାଣି । ୨ଟି ଜୀବନ ଗଲାଣି । ଏଣୁ ଅସନ୍ତୋଷ ଦେଖା ଦେଇଛି । ଏ ଦିଗରେ ପ୍ରାଶାସନ ଦୃଷ୍ଟି ଦେଉନି ।

# ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଏତଲା

**ଧର୍ମଗଡ଼/ଗୋଲାମୁଣ୍ଡା, ୨୮ ।୧୧(ସମିସ):** ଗୋଲାମୁଣ୍ଡା ଥାନା ଅଧୀନ ଖମାରହଳଦୀ ପଞ୍ଚାୟତ ଭାଟିଛକର ଏକ ଗ୍ୟାରେଜରେ ଜଣେ ବୃଦ୍ଧ ଗାଡ଼ି ମରାମତି କରୁଥିବାବେଳେ ମରଣାନ୍ତକ ଆକ୍ରମଣ ହୋଇଛି । ଏଥିରେ ବୃଦ୍ଧ ଜଣକ ଗୁରୁତର ହୋଇଛନ୍ତି । ବୃଦ୍ଧ ଜଣକ ହେଲେ ଧର୍ମଗଡ଼ର ସନାତନ ସରାଫ । ସେ ଗତ ମଙ୍ଗଳବାର ଦିନ ନିଜ ବିଲରେ ଚାଷ କାମ ସାରି ଚାଷ ଜମିରୁ ଘରକୁ ଫେରୁଥିଲେ ଏବଂ ବାଟରେ ସେ ତାଙ୍କ ଗାଡ଼ି ମରାମତି ପାଇଁ ଏକ ଗ୍ୟାରେଜରେ ବସିଥିଲେ । ସନ୍ଧ୍ୟା ସମୟରେ ଆମ୍ବଗୁଡା ଗ୍ରାମର ଲଳିତ ସରାପ ଓ ବିରଞ୍ଚି ସରାପ କୌଣସି କାରଣକୁ ନେଇ ଠେଙ୍ଗା ଓ ଏକ ପାଇପ ସାହାଯ୍ୟରେ ହତ୍ୟା କରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ତାଙ୍କୁ ଉଦ୍ଧାର କରି ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟ ଧର୍ମଗଡ଼କୁ ନିଆଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ସ୍ଥାନାନ୍ତରିତ କରିଥିଲେ । ଆକ୍ରମଣ ସମୟର ଦୃଶ୍ୟ ସିସିଟିଭି କ୍ୟାମେରାର କଏଦ ହୋଇଛି । ଏନେଇ ଆହତ ସନାତନ ଙ୍କ ପୁଅ ସଞ୍ଜୀବ ସରାପ ଗୋଲାମୁଣ୍ଡା ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି । ତେବେ ଏହି ଘଟଣାରେ ଚାରି ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୁଇ ଅଭିଯୁକ୍ତ ଙ୍କୁ ପୁଲିସ ଧରିପାରିନାହିଁ ।

# ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ କୁକୁଡ଼ା ଚିଆଁ ଓ ସାମଗ୍ରୀ ବଣ୍ଟନ



**ଥୁଆମୂଳରାମପୁର, ୨୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୂଳ ରାମପୁର ଦ୍ୱାରା ଥୁଆମୂଳ ରାମପୀ ବ୍ଲକର ତାସିଗୁଡ଼ା ଏବଂ କାଳହୁଦା ଗ୍ରାମର ୧୨୪ ଜନଜାତି ପରିବାରକୁ କୁକୁଡ଼ା ଚିଆଁ ବଣ୍ଟନ କରାଯାଇଛି । ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଆୟ ଓ ଜୀବିକାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ପ୍ରକାରର କୃଷି ତଥା ଅଣକୃଷି ଭିତ୍ତିକ ଜୀବିକାର୍ଜନ ନିମିତ୍ତ ପ୍ରୋତ୍ସାହିତ କରୁଥିବା ଏହି ଯୋଜନା ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର କୁକୁଡ଼ା ଚିଆଁ ସହିତ କୁକୁଡ଼ାର ଖାଦ୍ୟ ଏବଂ ପାଣିପିଇବା ଉପକରଣ ଆଦି ବଣ୍ଟନ କରାଯାଇଛି । ସାଧାରଣତଃ ମହିଳା ବର୍ଗରେ ମହିଳା ମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଆଇଟିଡିଏ ଥୁଆମୂଳ ରାମପୁରର ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ଦାଶ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ମ୍ୟାନେଜର ଅବିନାଶ ମହାନ୍ତି, ଏସ୍ଏମ୍ଏସ୍ ଗୌରୀ ଶଙ୍କର ହୋତା, ଜୀବିକା ବିଶେଷଜ୍ଞ କମଳାକାନ୍ତ ଲୁହାର, ଜେଜେପି ସଭାପତି ହୁଡକେ ମାଝୀଙ୍କ ସମେତ ସମସ୍ତ ହିତାଧିକାରୀ ଉପସ୍ଥିତ ଥିଲେ ।

# କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଲେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ

**ମୁରିବାହାଲ, ୨୮ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବିଇଓଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଏସଏସଓ ରିଙ୍କୁ ମେହେର, ସମ୍ମାନିତ ଅତିଥି ଭାବେ ବିଆରସିସି କୈଳାଶ ଭୋଇ, ଏବିଓ କାନ୍ତାରାମ ଧରୁଆ, ଜୟଗୋପାଳ ଷଡ଼ଙ୍ଗୀ, ନବୀନ ସାହୁ, ରୁପେଶ ଶାଣ୍ଡ, ଯୁଧିଷ୍ଠିର ପଧାନ, ଇନ୍ଦ୍ରମଣି ମୁହୁଲି, ଅଶୋକ ସାହୁ, ଛବିଲାଲ ସାହୁ, ମୁରିବାହାଲ ବ୍ଲକର ଭିନ୍ନକ୍ଷମ ସଭାପତି ଅନନ୍ତରାମ ପଧାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମୁରିବାହାଲ ସ୍କୁଲର ପରମେଶ୍ୱର ପଧାନ, ଦେବଙ୍ଗ ସ୍କୁଲର ଦୀପକ ନାଗ, ମୁରିବାହାଲ ସ୍କୁଲର ରୋହିତ ପଗନିଆ, ମୁରିବାହାଲ ସ୍କୁଲର ସ୍ୱସ୍ତିକ ତରିଆ, ଆଦର୍ଶ ବଘାର, ଯୋଗେନ୍ଦ୍ର ନାଗ, ମୁରିବାହାଲ ସ୍କୁଲର କସ୍ତୁରୀ ମହାରଣା, ଦେବଙ୍ଗ ସ୍କୁଲର ଦୀପକ ନାଗ, ମୁରିବାହାଲ ସ୍କୁଲର ରୋଜି ଷଣ୍ଡ, ଚଲକି ସ୍କୁଲର ରମାକାନ୍ତ ସୁନାନୀ, ମୁରିବାହାଲ ସ୍କୁଲର ଯୋଗେନ୍ଦ୍ର ନାଗ, ମୁରିବାହାଲର ସ୍ୱସ୍ତିକ ତେରିଆ ପ୍ରମୁଖ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିଲେ । ଡିସେମ୍ବର ୩ ତାରିଖ ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ବଲାଙ୍ଗିରରେ ହେଉଥିବା କାର୍ଯ୍ୟକ୍ରମରେ ଏହି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ।

## ନିର୍ମାଣର ଦୁଇ ବର୍ଷ ପରେ ବି ଲିଜ୍ ଦେଇ ପାରୁନି ବିଭାଗ

# ପଡ଼ିରହିଛି ମିଶନ ଶକ୍ତି କାଫେ ବିଲ୍ଡିଂ

**କେସିଙ୍ଗା, ୨୮ ।୧୧(ସମିସ):** ମହିଳାମାନଙ୍କୁ ଆର୍ଥିକ ଅନଟନରୁ ମୁକ୍ତି କରିବା ଓ ମହିଳାଶକ୍ତିଙ୍କୁ ରୋଜଗାର ଯୋଗାଇ ତାଙ୍କ ପରିବାରକୁ ସଶକ୍ତ କରିବା ପାଇଁ ଗତ ସରକାର ସମୟରେ ଅନେକଗୁଡ଼ିଏ ପଦକ୍ଷେପ ନିଆଯାଇଥିଲା । ତେଣୁ ସହରରେ ଥିବା ମିଶନ ଶକ୍ତି ଗୃହ, ମିଶନଶକ୍ତି କେଫେ ଗୁଡ଼ିକ ଖୋଲା ଯାଇଥିଲା । କେସିଙ୍ଗା ସହରରେ ମଧ୍ୟ ସେଥିପାଇଁ ଦୁଇଟି ମିଶନ ଶକ୍ତି କେଫ ଗୃହ ତିଆରି କରାଯାଇଥିଲା । ପ୍ରଥମେ ମାଁ ଅମ୍ବେ ମନ୍ଦିର ସମ୍ମୁଖରେ ତିଆରି କରାଯାଇ ସହରର ଏକ ସ୍ୱୟଂସହାୟକ ଗୋଷ୍ଠୀକୁ ବିନା ମୂଲ୍ୟରେ ଭଡ଼ାରେ ଗୃହ ଦିଆଯାଇଥିଲା । ଉକ୍ତ ସ୍ୱୟଂସହାୟକ ଗୋଷ୍ଠୀ ମଧ୍ୟ କିଛି ଦିନ ବେଶ ଭଲ ଭାବରେ ଚା ଜଳଖିଆ ତିଆରି କରି ଭଲଭାବରେ ନିଜର ଗୁଜୁରାଣ ମେଣ୍ଟାଉ ଥିଲେ, ହେଲେ ନୂତନ ବିଜେପି ସରକାର ଆସିବାର କିଛି ମାସ ଆଗରୁ ତାହା ବନ୍ଦ ହୋଇଗଲା । ପରେ ଆଉ ଗୋଟିଏ ମିଶନଶକ୍ତି କେଫେ ଗୃହ ବ୍ଲକ କାର୍ଯ୍ୟାଳୟ ପରିସରରେ ସହର ର ମୁଖ୍ୟ ଓ ମଧ୍ୟ ଭାଗରେ ଗତ ବିଜେଡି ସରକାର ଅମଳରେ ବିଲଡିଂ ନିର୍ମାଣ କରାଗଲା, ଯାହାର କାମ ଶେଷ ହୋଇ ପ୍ରାୟ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନୂତନ ସରକାର କୌଣସି ସ୍ୱୟଂ ସହାୟକ



ଗୋଷ୍ଠୀକୁ ହସ୍ତାନ୍ତର କରିପାରୁ ନାହିଁ । ଅନ୍ୟପଟେ ଅଞ୍ଚଳର ବୁଦ୍ଧିଜୀବୀମାନେ ବିଲ୍ଡିଂର ରଙ୍ଗ ବଦଳା ଯାଇନାହିଁ ବୋଲି ଉକ୍ତ କେଫେ ଟି ଉଦ୍‌ଘାଟନ ହୋଇ ପାରୁନାହିଁ ବୋଲି ମତ ପ୍ରକାଶ କରିଛନ୍ତି । ଏନେଇ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କୁ ପଚାରିବାରୁ ବହୁତ ଶୀଘ୍ର ମିଶନଶକ୍ତି କେଫେ ହାଉସ ଉଦ୍‌ଘାଟନ ହେବ ବୋଲି କହିଥିଲେ ।

# ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଲାଞ୍ଜିଗଡ଼, ୨୮ ।୧୧(ସମିସ)**

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ବିଭାଗ ଦ୍ୱାରା ଆଜି ବିଶ୍ୱନାଥପୁରସ୍ଥିତ ଗୋପବନ୍ଧୁ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନମେଳାକୁ ଉଦ୍‌ଘାଟନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ । ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜଳଦେବ ମୁଣ୍ଡ ସ୍ୱାଗତଅଭିଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ ।




ଯୋଡ଼ାବନ୍ଧ ସ୍କୁଲର ଛାତ୍ରୀମାନେ ସ୍ୱାଗତସଙ୍ଗୀତ ଗାନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ପଙ୍କଜିନୀ ମାଝୀ, କଳମପୁର ଗୋଷ୍ଠୀ ଶିକ୍ଷାଧିକାରୀ ମଧୁସ୍ମିତା ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରଦର୍ଶନୀରେ ୨୩୨ଟି ନବୋନ୍ମେଷୀ ବୈଜ୍ଞାନିକ ପ୍ରକଳ୍ପ ସହିତ ପ୍ରାୟ ୩୦୦ ଛାତ୍ରଛାତ୍ରୀ, ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ ଓ ୧୩ ଜଣ ଆଞ୍ଚଳିକ ସାଧନ କର୍ମୀ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ବୋଦେଲଗୁମା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁବେର ନାଏକ, ତୁଲାପଡ଼ା ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଉପେନ୍ଦ୍ର ସୁନାନୀ, ନିଶାନପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୀରେନ୍ଦ୍ର ପ୍ରଧାନ, ଭୀମକେଲା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜୀବ ଦାଶ, ତୁକୁଙ୍ଗ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦିବାକର ସାହୁ, ଅଲାତରା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଶୋକ ବିଶ୍ୱାଳ ପ୍ରମୁଖ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାୟନ କରିଥିଲେ । ଏହି ଅବସରରେ ଶ୍ରେଷ୍ଠ ମଡେଲ୍ ପ୍ରଦର୍ଶନ କରିଥିବା ୧୭ ଜଣ ଛାତ୍ରଛାତ୍ରୀ ଓ ବିଦ୍ୟାଳୟମାନଙ୍କୁ ସମ୍ମାନିତ କରାଯାଇଥିଲା । ଗୋଷ୍ଠୀ ବିଜ୍ଞାନ ସମ୍ପାଦକ ହିମାଂଶୁ ଶେଖର ମହାପାତ୍ର, ପରିଚାଳନା କମିଟି ସଦସ୍ୟ ତରୁଣ କୁମାର ସାହୁ, ବିଶିକେଶନ୍ ସୁନା, ପ୍ରମୋଦ ଦାସ, କୁମାର ଗୌରବ ପରିଡ଼ା, ସୌଭାଗ୍ୟ ରଞ୍ଜନ ସାହୁ, ଜଳନ୍ଧର ମାଝୀ, ପ୍ରକାଶ ପ୍ରଧାନଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନ କର୍ମୀ, ବିଭିନ୍ନ ସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ସମ୍ବିଧାନ ଦିବସ

**ସିନାପାଲି, ୨୮ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ 'ସମ୍ବିଧାନ' ଦିବସ ପାଳିତ ହୋଇଛି । ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ଚରଣ ନେତାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ



ମୁଖ୍ୟବକ୍ତା ଭାବରେ ଆଚାର୍ଯ୍ୟ ପଞ୍ଚାନନ ନାଏକ, ନିହାରିକା ଖମାରୀ ମଞ୍ଚାସିନ ରହି ସମ୍ବିଧାନ ଦିବସ ପାଳନ ବିଷୟରେ ବୁଝାଇଥିଲେ । ଭାରତୀୟ ସମ୍ବିଧାନରେ ଦିଆଯାଇଥିବା ମୌଳିକ କର୍ତ୍ତବ୍ୟ ଯାହା ଆମକୁ ଆମ ଦାୟିତ୍ୱକୁ ମନେ ପକାଇଥାଏ, ସେହି ସମ୍ବିଧାନର ମୌଳିକ ଅଧିକାର ହେଉଛି ନାଗରିକମାନଙ୍କର ଢାଲ । ସମ୍ବିଧାନ ନାଗରିକମାନଙ୍କୁ ଦେଶର ଜଣେ ମୁଗ୍ଧ ନାଗରିକ ଭାବେ ଅନୁଭବ କରାଇଥାଏ । ଏହି ଦିନ ପାଳନ କରିବାର ଉଦ୍ଦେଶ୍ୟ ଥିଲା ଦେଶର ନାଗରିକଙ୍କ ମନରେ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଏବଂ ସମ୍ମାନ ଦେବା । ସମ୍ବିଧାନ ଦିବସର ମୂଳଉଦ୍ଦେଶ୍ୟ ହେଉଛି ଭାରତର ନାଗରିକଙ୍କ ମଧ୍ୟରେ ସମ୍ବିଧାନ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରଚାର କରିବା । ୧୯ ନଭେମ୍ବର ୨୦୧୫ରେ, ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ୨୬ ନଭେମ୍ବରରେ ସମ୍ବିଧାନ ଦିବସ ପାଳନ କରିବାର ପରମ୍ପରା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସେହି ଦିନଠାରୁ ଏହି ଦିନକୁ ସମ୍ବିଧାନ ଦିବସ ଭାବରେ ପାଳନ କରାଯାଏ ବୋଲି ଉପସ୍ଥିତ ଅତିଥି ମତବ୍ୟକ୍ତ ରଖିଥିଲେ । ଗଜମନ୍ ନିଆଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମନମୋହନ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ ।

**ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ଝାଡ଼ିଲେ ନରସିଂହ**

# ନିଶିକାନ୍ତ କୁମ୍ଭାରଙ୍କ ମୃତ୍ୟୁ ପାଇଁ ପୌରପରିଷଦ ଦାୟୀ

**ବଲାଙ୍ଗୀର, ୨୮ ।୧୧(ସମିସ)**

ମହାରାଣୀ ସାଗର ଦୁର୍ନୀତିର କୁପ୍ରଭାବ ସାଧାରଣ ଜନତାଙ୍କୁ ଚିନ୍ତିତ କରିଛି । ଅର୍ଥଲୋଭରେ ପୌର ପ୍ରଶାସନ କାମ ପାଇଥିବା ମହିଳା ଏସଏଚଜି ଓ ସେଗୁଡିକୁ କାର୍ଯ୍ୟକାରୀ କରୁଥିବା ଜଣେ ଠିକାଦାର ଶେଷରେ ତୁଳସୀ ନଗର ନିବାସୀ ନିଶିକାନ୍ତ କୁମ୍ଭାରଙ୍କ ଜୀବନ ନେଇଛନ୍ତି । ସେମାନେ ଅର୍ଥ ତୋଷାରପାତ କରିବା ପାଇଁ ଏକ ନିମ୍ନମାନର ବାଉଁଶ ପୋଲ ତିଆରି କରିଥିଲେ । ସେଠିକାର ଲୋକଙ୍କୁ ସେହି ରାସ୍ତାରେ ଯିବା ଆସିବା ପାଇଁ ବ୍ୟବସ୍ଥା କରିଥିଲେ । ଏହାଦ୍ୱାରା ପୂର୍ବତନ କାଉନସିଲର ନିଶିକାନ୍ତ କୁମ୍ଭାର ସେହି ନିମ୍ନମାନର ପୋଲ ଉପରେ ଯାଉଥିବା ବେଳେ ଗୋଡ ଖସି ତଳେ ପଡ଼ି ଯାଇଥିଲେ । ସେଠାରେ ଥିବା ପଥରରେ ମୁଣ୍ଡ ଛେଚି ହୋଇ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଛି ଯେ ବଲାଙ୍ଗୀର ପୌର ସଂସ୍ଥା, ମହିଳା ଏସଏଚଜି ଏବଂ ଠିକାଦାର ବିଘ୍ନ ମିଶ୍ରଙ୍କ ସାମୂହିକ ଅବହେଳା ଯୋଗୁଁ ନିଶିକାନ୍ତଙ୍କ ଜିବନହାନୀ ଘଟିଛି । ଆଇନ ଅନୁସାରେ କାହାର ଅବହେଳା ପାଇଁ ଯଦି ଜଣେ ବ୍ୟକ୍ତି ପ୍ରାଣ ହରାଏ ତେବେ ଅବହେଳା କରିଥିବା ସମସ୍ତ ପକ୍ଷଙ୍କ ବିରୋଧରେ ହତ୍ୟା ମୁକଦ୍ଦମା ରୁଜୁ ହେବ । ତେଣୁ ଏମାନଙ୍କ ବିରୋଧରେ ଅତି ଶିଘ୍ର ହତ୍ୟା ମୁକଦ୍ଦମା ରୁଜୁ ହେବା ଉଚିତ । ପୂର୍ବତନ ଆଇନ ମନ୍ତ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଏହି ମାମଲାରେ ପୀଡିତ ପରିବାର ୨ କୋଟି



ଟଙ୍କା ପର୍ଯ୍ୟନ୍ତ କ୍ଷତି ପୂରଣ ଦାବି କରି ପାରିବେ । କେବଳ ଏତିକି ନୁହେଁ; ପୂର୍ବରୁ ମଧ ଏହି ଠିକାଦାରଙ୍କ ଜଣେ କର୍ମଚାରୀ କାମ କରୁଥିବା ବେଳେ ବିଜୁଳୀ ଆଘାତରେ ପ୍ରାଣ ହରାଇଥିଲେ; କିନ୍ତୁ ତଞ୍ଚକତା କରି ପୌରସଂସ୍ଥା ସେହି ଘଟଣାକୁ ଚପାଇ ଦେଇଥିଲେ । ତେଣୁ ଉଭୟ ମୃତ୍ୟୁ ଘଟଣା ପାଇଁ ଉପରୋକ୍ତ ତିନି ସଂସ୍ଥା ଉପରେ ହତ୍ୟା ମାମଲା ରୁଜୁ ହେବା ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଛନ୍ତି । ତେବେ ମହାରାଣୀ ସାଗର କାମ ପାଇଁ ନଗର ଉନ୍ନୟନ ବିଭାଗ ୮ କୋଟି, ଅଟଳ ଯୋଜନାରେ ୮ କୋଟି ୩୩ ଲକ୍ଷ, ତା ଉପରେ ପୁଣି ତତକାଳୀନ ରାଜ୍ୟ ସରକାରଙ୍କ ମୋ ପୋଖରୀ ଯୋଜନାରୁ ଅନୁଦାନ ଆସିଛି; କିନ୍ତୁ ମହାରାଣୀ ସାଗରର ବିକାଶ ପରିବର୍ତ୍ତେ ପୌର ସଂସ୍ଥା ଏହାର ବିନାଶ କରିବାରେ ଲାଗିଛି । ତେଣୁ ଦୁର୍ନୀତିରେ ଉବୁଟୁବୁ ଏହି ପ୍ରକଳ୍ପକୁ ନ୍ୟାୟ ପ୍ରଦାନ

**ମହାରାଣୀ ସାଗର ଦୁର୍ନିତିରେ ଭିଜିଲାନ୍ସ ତଦନ୍ତ ଦାବି**

**ଧାନକିଣା କେନ୍ଦ୍ର ବ୍ୟବସ୍ଥିତ କରିବାକୁ ଦାବି**

ପାଇଁ ଶ୍ରୀ ମିଶ୍ର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି । ଅନ୍ୟପକ୍ଷେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଶ୍ରୀ ମିଶ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି । ବର୍ତ୍ତମାନ ବଲାଙ୍ଗୀର ସହର ଅପରାଧୀ ଓ ନିଶା ବେପାରିଙ୍କ ଭୂସ୍ୱର୍ଗ ପାଲଟିଛି । ଦିନ ଦ୍ୱିପହରେ ହତ୍ୟା କରି ଅପରାଧୀ ସ୍ୱଚ୍ଛନ୍ଦରେ ଫେରାର ମାରି ପାରୁଛି । ସେହିଭଳି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କେନ୍ଦ୍ର ସରକାର ଯେତେ ବଢ଼ାଉଛନ୍ତି ରାଜ୍ୟ ସରକାର ଦେଉଥିବା ବୋନସରୁ ସେହି ମୂଲ୍ୟ କାଟିଦେବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ କହିଥିଲେ । କେନ୍ଦ୍ର ସରକାର ବଢ଼ାଇଥିବା ୬୯ ଟଙ୍କା ଚାଷୀର ହକ୍ । ରାଜ୍ୟର କୌଣସି ଅଧିକାର ନାହିଁ ଯେ ସେ ଏହି ଅର୍ଥ ବୋନସରୁ କାଟି ଦେବ । ଏଥିରୁ ଚାଷୀ ପ୍ରତି ଏମାନଙ୍କ ଅସହିଷ୍ଣୁ ଭାବ ସ୍ପଷ୍ଟ ଜଣା ପଡୁଛି । ଏମଏସପିରେ ବଢ଼ିଥିବା ୬୯ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ତୁରନ୍ତ ରାଜ୍ୟ ସରକାର ପ୍ରଦାନ କରନ୍ତୁ । ତାସହ ଧାନ କିଣା କେନ୍ଦ୍ରରେ ସିସି କ୍ୟାମେରା ଏବଂ ଅଣ ଏଫଏକ୍ୟୁରୁ ଏଫଏକ୍ୟୁ ଧାନ କରିବାର ଉପକରଣ ସମସ୍ତ ମଣ୍ଡିରେ ବ୍ୟବସ୍ଥା କରାଯାଉ । କାରଣ ସରକାରଙ୍କ ନୂଆ ନିଷ୍ପତ୍ତି ଅନୁସାରେ ଚାଷୀ ଯଦି ଅଣ ଏଫଏକ୍ୟୁ ଧାନକୁ ଏଫଏକ୍ୟୁ କରିବା ପାଇଁ ଆରଏମସିକୁ ଯିବ ତେବେ ତାହାର ପରିବହନ ଖର୍ଚ୍ଚ ପାଇଁ ଚାଷୀ ଅନେକ କ୍ଷତି ସହିବ । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ରଙ୍କ ସହ କଂଗ୍ରେସ ନେତା ମନୀଷ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନୀ, ସାନନ୍ଦ ମିଶ୍ର, ଅଙ୍କିତ ସାହୁ, ଚିନ୍ମୟ ବେହେରା, ଅସିତ ମିଶ୍ର, ଲୋପନ ମିଶ୍ର, କୈଳାସ ମିଶ୍ର, ଜୁଲପଟ୍ଟନାୟକ, ମାନସ ମହାନ୍ତି, ଅନ୍ତ ବେହେରା, ଅର୍ଣ୍ଣପୂର୍ଣ୍ଣା ବରିହା, ମୀରା ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଚାଇଲ୍ଡ଼ଲାଇନ ଦ୍ୱାରା ଶିଶୁପୁତ୍ର ଉଦ୍ଧାର

**ତରଭା, ୨୮ ।୧୧(ସମିସ):** ସୁବର୍ଣ୍ଣପୁରର ଜିଲ୍ଲା ଚାଇଲ୍ଡ ଲାଇନ୍ ଟିମ୍ ଏକ ଶିଶୁ ପୁତ୍ରକୁ ଶୁକ୍ରବାର ଉଦ୍ଧାର କରିଛନ୍ତି । ସୂଚନାନୁଯାୟୀ, ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ କଦାଜୁରି ଗ୍ରାମର ଧର୍ମେନ୍ଦ୍ର ତାଣ୍ଡିଙ୍କ ପତ୍ନୀ ସୁକାନ୍ତି ତାଣ୍ଡି ଗତ ୧୮ ତାରିଖ ବଲାଙ୍ଗୀର ଭୀମଭୋଇ ମେଡିକାଲ



କଲେଜ ହସ୍‌ପିଟାଲରେ ଯାଆଁଳା ସନ୍ତାନ ଜନ୍ମ ଦେଇଥିଲେ । ୨୭ ତାରିଖ ଡାକ୍ତରଖାନା କର୍ତ୍ତୃପକ୍ଷ ମା' ଓ ସନ୍ତାନଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରିଥିଲେ । ଡିସ୍‌ଚାର୍ଜ ପରେ ତାଣ୍ଡି ଦମ୍ପତ୍ତି କନ୍ୟା ସନ୍ତାନକୁ ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଅଞ୍ଚଳର ଜଣକୁ ଦେଇଥିବା ବେଳେ ପୁତ୍ର ସନ୍ତାନକୁ ତରଭା ବ୍ଲକ ପୁଆ ନିବାସୀ ସୁଜାତା ସୁନା ଓ ରସିକ ସୁନାଙ୍କୁ ଦେଇଥିଲେ । ଏ ବିଷୟ ଜଣାପଡ଼ିବା ପରେ ବଲାଙ୍ଗୀର ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନର କାଉନସିଲର ଶ୍ରଦ୍ଧାଞ୍ଜଳି ସିଂ, ଚାଇଲ୍ଡ ହେଲ୍ପ ଲାଇନ ସୁବର୍ଣ୍ଣପୁରର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ରଙ୍କୁ ୨୭ ତାରିଖ ରାତିରେ ନିଖୋଜ ଶିଶୁ ପୁତ୍ର ପୁଆ ଗ୍ରାମର ରସିକ ସୁନା ଘରେ ଥିବା ଜଣାଇଥିଲେ । ସଙ୍ଗେ ସଙ୍ଗେ ସୁଜିତ୍ ମିଶ୍ର ଏକ ଟିମ୍ ଗଠନ କରି ପୁଆ ଗ୍ରାମକୁ ଯାଇ ଶିଶୁପୁତ୍ରକୁ ଉଦ୍ଧାର କରି ସୁବର୍ଣ୍ଣପୁର ଶିଶୁକଲ୍ୟାଣ ସମିତିରେ ଉପସ୍ଥାପନ କରିଥିଲେ । ସେଠାରେ ଥିବା ଅଧକ୍ଷ ଶଙ୍କର୍ଷଣ ପଣ୍ଡା, ସଦସ୍ୟ ଶାନ୍ତନୁ କର୍ଣ୍ଣ, ହେମନ୍ତ ସା, ପୋଷ୍ୟ ପୁତ୍ର ଗ୍ରହଣ କେନ୍ଦ୍ରରେ ରହିବା ପାଇଁ ଆଦେଶ ଦେଇଥିଲେ । ଶିଶୁର ଓଜନ କମ୍ ଥିବାରୁ ବର୍ତ୍ତମାନ ଶିଶୁ ସୋନପୁର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର ସୂଚନା ଦେଇଛନ୍ତି । ଏହି କାର୍ଯ୍ୟରେ ଚାଇଲ୍ଡ ହେଲ୍ପଲାଇନର ସୁଜିତ୍ ମିଶ୍ରଙ୍କ ସମେତ ସୁପରଭାଇଜର ଧର୍ମେନ୍ଦ୍ର ଦାସ, ରୋଜି ସା ଏବଂ କେସ ୱର୍କର ମାନସ ପଧାନ, ପୋଷ୍ୟ ପୁତ୍ର ଗ୍ରହଣ କେନ୍ଦ୍ରର ମ୍ୟାନେଜର ସୁମନ୍ତ ଜୟପୁରିଆ, ସେବିକା ରେବତୀ ଜଗଦଲା, ତରଭା ଥାନା ଆଇଆଇସି ଅନିତା କେଡ଼ୋ, ଟଙ୍କଧର ଛତ୍ରିଆ, ରଞ୍ଜିତ ମହାପାତ୍ରଙ୍କ ସମେତ ଅନ୍ୟସବୁ କର୍ମକର୍ତ୍ତା ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଏହା ପୂର୍ବରୁ ସୁକାନ୍ତି ଓ ଧର୍ମେନ୍ଦ୍ରଙ୍କ ୪ଟି ସନ୍ତାନ ଥିବା ପ୍ରକଳ୍ପ ସଂଯୋଜକ ଶ୍ରୀ ମିଶ୍ରଙ୍କ ଠାରୁ ଜଣାଯାଇଛି ।

## ଦୁର୍ଘଟଣା ଶୂନ୍ ମୃତାହତ ସଚେତନତା ପଦଯାତ୍ରା

**ବୌଦ୍ଧ, ୨୮ ।୧୧(ସମିସ):** ଦୁର୍ଘଟଣାରେ ଶୂନ୍ ମୃତାହତ ପକ୍ଷ ପାଳନ ଅବସରରେ ବୌଦ୍ଧରେ ଏକ ପଦଯାତ୍ରାର ଶୁଭାରମ୍ଭ ହୋଇଛି । ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଲିୟାର ସିଂହ, ବୌଦ୍ଧ ଥାନା ଆଇଆଇସି ନଳିନୀ କାନ୍ତ ଦାସ, ଜୁନିଅର ଏମଭିଆଇ ସଞ୍ଜୟ ବେହେରା, ଯୁବ ରେଡକ୍ରସ ପ୍ରଶିକ୍ଷକ ଡ. ପ୍ରବୀର ଦାସ, ଅଶୋକ ପାଣ୍ଡିଆଙ୍କ ସମେତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ବୌଦ୍ଧ ପଞ୍ଚାୟତ କଲେଜ ଓ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ, ଟ୍ରକ୍ ମାଲିକ ସଂଘର ସଭାପତି ଶିବ ମିଶ୍ର ଓ ବସ୍ ମାଲିକ ସଂଘର ସଦସ୍ୟ ପଦଯାତ୍ରାରେ ସାମିଲ୍ ହୋଇଥିଲେ । ବୌଦ୍ଧ ଟାଉନ ହଲଠାରୁ ପଦଯାତ୍ରା ବାହାରିଥିଲା । ଗାନ୍ଧୀ ଛକ, ବାଘଗୁଡ଼ା ଛକ, ପୁରୁଣା ବ୍ଲକ ଛକ, ବ୍ରିଜ ଛକ ଦେଇ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଏହା ପହଞ୍ଚିଥିଲା ।



## ମୋବାଇଲ ଚୋରି କରି ଧରାପଡ଼ିଲା ନାବାଳକ

**ବୌଦ୍ଧ, ୨୮ ।୧୧(ସମିସ):** ଘଣ୍ଟାପଡ଼ା ଥାନା କୁଲତାଜୋର ଗ୍ରାମର ତ୍ରିଲୋଚନ ରଣା ନାମକ ଜଣେ ବ୍ୟକ୍ତିଙ୍କ ମୋବାଇଲ ସେହି ଗ୍ରାମର ଜଣେ ନାବାଳକ ଚୋରି କରିଥିବା ଘଣ୍ଟାପଡ଼ା ଥାନା ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ ନାବାଳକକୁ ଧରିଛି । ଏକ ମାମଲା ରୁଜୁ କରି ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ପଠାଇଛି ।

## ଗନ୍ଧରାଡ଼ି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶୂନ୍ୟ ମୃତାହତ ପକ୍ଷ ପାଳନ

**ବୌଦ୍ଧ, ୨୮ ।୧୧(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କସ୍ଥିତ ଗନ୍ଧରାଡ଼ି ଉଚ୍ଚ ମାଧମିକ ବିଦ୍ୟାଳୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ଶୂନ୍ୟ ମୃତାହତ ପକ୍ଷ ପାଳନ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ପ୍ରଭାତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବହନ ବିଭାଗ ମୋଟର ନିରୀକ୍ଷକ ସଞ୍ଜୟ କୁମାର ଧର୍ମାବାଗ ଯୋଗ ଦେଇଥିଲେ । ସଡକ ଦୁର୍ଘଟଣାରେ କେହି ପ୍ରାଣ ହରାଇଲେ ଏହାର ପ୍ରଭାବ କିପରି ସମାଜ ଉପରେ ପଡେ, ଏହାକୁ କିପରି ପ୍ରତିହିତ କରିହେବ, କିପରି ଗାଡ଼ି ଚଳାଇଲେ ବିପଦମୁକ୍ତ ହୋଇପାରିବା ସେ ସମ୍ପର୍କରେ ମାନସ ରଞ୍ଜନ ଧଳ ଓ ଅଧ୍ୟାପକ ଅଶୋକ ପାଣ୍ଡିଆ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ ।

## ଧାନ ଚୋରି ଅଭିଯୋଗ କରିବାରୁ ମହିଳାଙ୍କୁ ମାଡ଼

**ଶଗଡ଼ା, ୨୮ ।୧୧(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶୁଣ୍ଠିପଦର ପଞ୍ଚାୟତ ପାଇଛାଦାଦର ଗ୍ରାମରେ ଧାନଚୋରି ଅଭିଯୋଗ କରିବାକୁ ଶକୁନ୍ତଳା ପ୍ରଧାନ ନାମ୍ନୀ ଜଣେ ମହିଳାଙ୍କୁ ମାଡ଼ ହୋଇଛି । ତାଙ୍କ ବିଲରୁ କଟା ହୋଇଥିବା ୮୦ ଭରା ଧାନ ଓ ଧାନ ଖରିରୁ ୧୦ ବସ୍ତା ଧାନ ଚୋରି ହୋଇଥିବା ସେ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଗ୍ରାମର ୩ଜଣ ମହିଳା ଓ ପୁରୁଷ ମିଶି ରାତିରେ ବିଲ ଓ ଧାନ ଖଳାରୁ ଧାନ ଚୋରି କରିଛନ୍ତି । ଶୁକ୍ରବାର ସକାଳୁ ଏ ନେଇ ସେ କହିବାରୁ ଓଲଟା ସେମାନେ ଶକୁନ୍ତଳାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ । ଏହାର ପ୍ରତିବାଦ କରିବାରୁ ଶକୁନ୍ତଳାଙ୍କ ହାତରେ ଟାଙ୍ଗିଆ ଚୋଟ ବାଜି ରକ୍ତସ୍ରାବ ହୋଇଥିଲା । ସେମାନେ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଶକୁନ୍ତଳା ଏତଲାରେ ଉଲ୍ଲେଖ କରିଛନ୍ତି । ଏହାର ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସେ ଥାନା ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ।

## ବରିଷ୍ଠ ନାଗରିକ ମଞ୍ଚର ଅଧିବେଶନ

**ପୁରୁଣାକଟକ, ୨୮ ।୧୧(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ପଞ୍ଚଦଶ ସାଧାରଣ ଅଧିବେଶନ ଚାରିଛକସ୍ଥିତ କେଦାରେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଜନକ ପାତ୍ରଙ୍କ ସଭାପତିତ୍ୱରେ ବାଳକୃଷ୍ଣ ନାୟକ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ । ପୁରୁଣାକଟକ ଭାରପ୍ରାପ୍ତ ଥାନା ଅଧିକାରୀ ଅରୁଣ ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ୪୭ ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ କରିଥିଲେ । ବୈଠକରେ ୮୭ ଜଣ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ବୌଦ୍ଧ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶିବ ପ୍ରସାଦ ମିଶ୍ର, ସମ୍ପାଦକ ଅକ୍ଷୟ ମହାନ୍ତି, ଉପ-ସଭାପତି ପ୍ରଭାତ ସାହୁ, ଯୁଗ୍ମ ସମ୍ପାଦକ ବିଶ୍ୱନାଥ ମିଶ୍ର, ଉପଦେଷ୍ଟା ବସନ୍ତ ପଟ୍ଟନାୟକ, ଫୁଲବାଣୀ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ସର୍ବେଶ୍ୱର ମିଶ୍ର, ସଂଗଠନ ସମ୍ପାଦକ ଦିଗାମ୍ବର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ସରକାରୀ ସୁବିଧା ଓ ଭୂମିକା ବିଷୟରେ ଅବଗତ କରାଯାଇଥିଲା । ପୂର୍ଣ୍ଣଚନ୍ଦ୍ର ସେଠି, ସଚ୍ଚିଦାନନ୍ଦ ପଣ୍ଡା, ଦ୍ୟୁତିବାହାନ କର୍ମ୍ମ, ରବୀନ୍ଦ୍ର ସାହୁ, ଚୈତନ୍ୟ ପ୍ରଧାନ, ଲବ କିଶୋର ପ୍ରଧାନ, ଲବ ଅମାତ, ଭାଗୀରଥି ଦାସ, କମଳ ଲୋଚନ ସାହୁ, ମନମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜନ୍ମେଜୟ ପ୍ରଧାନ ନ୍ୟବାଦ ଦେଇଥିଲେ ।

## ଡିଏଭି ପକ୍ଷରୁ ପ୍ରକଳ୍ପ ପ୍ରଦର୍ଶନୀ



**କୋଇଡା, ୨୮ ।୧୧(ସମିସ):** ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ବିଜ୍ଞାନ, କଳା, ସାହିତ୍ୟ, ଇଂରାଜୀ, ଗଣିତ ଓ କମ୍ପ୍ୟୁଟର ଆଦି ବିଷୟରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ବିଜ୍ଞାନରେ ୫୬, ସାହିତ୍ୟ ୩୬ ସାମାଜିକ ପାଠରେ ୨୫ ଗଣିତ ତଥା ଅନ୍ୟାନ୍ୟ ବିଷୟରେ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ପ୍ରଦର୍ଶନୀକୁ ବରସୁଆଁ ଲୌହ ଖଣିର ବିଦ୍ୟୁତ ବିଭାଗର ମହା ପ୍ରବନ୍ଧକ ଉତ୍କର୍ଷ ଗୌରବ, ଡେପୁଟି ମ୍ୟାନେଜର ଅମୀୟ ରାଉତ, ଅରବିନ୍ଦ ଇଣ୍ଟିଗ୍ରାଲ ବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ମଲ୍ଲିକ, ବିଦ୍ୟାଳୟର ଅଧକ୍ଷ ଅଂଶୁମାନ ମହାନ୍ତି ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଆଦର୍ଶ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ । ଏକାଦଶର ଛାତ୍ର ଆୟୁଷ ପାଣିଙ୍କ ଦ୍ୱାରା ପ୍ରସ୍ତୁତ ମାଇନ୍ ଚେନ ପ୍ରକଳ୍ପ ପ୍ରଦର୍ଶନୀରେ ବେଶ ପ୍ରଶଂସିତ ହୋଇଥିଲା ।

## ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ଶିବିର ଉଦ୍‌ଘାଟିତ

**ହରଭଙ୍ଗା, ୨୮ ।୧୧(ସମିସ):** ପୁରୁଣାକଟକ ଭୈରବୀ ଡ଼ିଗ୍ରୀ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ତାଲିମ ତଥା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର

**୨୭ ମହାବିଦ୍ୟାଳୟର ୧୩୦ଜଣ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ**

ଅଧକ୍ଷ ଡ. ରମେଶ ଚନ୍ଦ୍ର ତାରିଣିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ରେଡକ୍ରସ୍ ଚେୟାରମ୍ୟାନ ନିରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଭାବେ ଡ. ପ୍ରବୀର୍ ଦାସ, ଉତ୍ତମ ବେହେରା, ଅଧ୍ୟାପିକା ପ୍ରଜ୍ଞା ପରିମିତା ଯୋଗ ଦେଇଥିଲେ । ୩ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ୨୭ଟି ମହାବିଦ୍ୟାଳୟରୁ ୧୩୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି । ଏହି ଶିବିରରେ ସ୍ୱେଚ୍ଛାସେବୀ ମାନେ ରେଡକ୍ରସ୍‌ର ଇତିହାସ, ରକ୍ତଦାନ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସାଇବର ସୁରକ୍ଷା ଇତ୍ୟାଦି ବିଷୟରେ ଶିକ୍ଷା ଗ୍ରହଣ କରିବେ । ଏହି କ୍ୟାମ୍ପର ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ମହାବିଦ୍ୟାଳୟର ଅଧ୍ୟାପକ ତଥା ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ସୁରେଶ୍ୱର ଯୋଶୀ ଅବଗତ କରିଥିଲେ । ଶେଷରେ ଜିଲ୍ଲା ଯୁବ ରେଡକ୍ରସ୍ ସମ୍ପାଦକ ତ୍ରିନାଥ ରଣା ଧନ୍ୟବାଦ୍ ପ୍ରଦାନ କରିଥିଲେ । ଡ. ପ୍ରବୀର ଦାସ, ବନୋଜ ପ୍ରଧାନ, ଭବନନ୍ଦ ପ୍ରଧାନ ତାଲିମ ପ୍ରଦାନ କରିଥିଲେ ।

## ସତ୍ୟବାଦୀ କପା ମିଲ୍‌ରେ ଚଢ଼ଉ

**ପାଟଣାଗଡ଼, ୨୮ ।୧୧ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ମୁଦଳସର ରେଙ୍ଗାଲିରେ ଥିବା ସତ୍ୟବାଦୀ କପା ମିଲରେ ଶୁକ୍ରବାର ସନ୍ଧ୍ୟାରେ ପ୍ରଶାସନ ଚଢଉ କରିଛି । ଉପଜିଲ୍ଲାପାଳ ସୁନୀଲ ମେହେର ଆରଏମସି କର୍ମଚାରୀଙ୍କୁ ନେଇ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ମଣ୍ଡି ପୂର୍ବରୁ ମିଲରେ ବେପାରୀ ମାଧମରେ କିଣି ଗଚ୍ଛିତ ରଖାଯାଇଥିବା କେତେ ପରିମାଣରେ କପା ରହିଛି ତାହାର ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ କପାସବୁ ଆରଏମସିକୁ ଏକ ପ୍ରତିଶତ ହିସାବରେ ରସିଦ କଟାଯାଇଥିବା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି । ଏଥିସହ ଅନ୍ୟାନ୍ୟ ମିଲଗୁଡିକରେ ମଧ ଚଢ଼ାଉ ଜାରି ରହିଛି ବୋଲି କହିଥିଲେ । ତେବେ ଆଉ କେଉଁ ମିଲ୍‌ଗୁଡିକରେ ଚଢ଼ଉ ହେଉଛି ପଚାରିବାରୁ କାହିଁକି କହିବେ ବୋଲି କହିବା ସହ ମିଲ୍ ଗୁଡିକରେ ଗଚ୍ଛିତ କପା ବେଆଇନ ନୁହେଁ । ଚାଷୀ ତ ବିକୁଛନ୍ତି । ଆରଏମସିକୁ ଏକ ପ୍ରତିଶତ ଆସିଲେ ହେଲା ବୋଲି

**ତଥ୍ୟ ଦେବାକୁ ଛେପ ଢୋକିଲେ ଉପଜିଲ୍ଲାପାଳ**

**ମିଲରକୁ ସୁହାଇଲା ଭଳି ଚଢ଼ଉ ହେଉଥିବା ଅଭିଯୋଗ**

ତାଙ୍କ ପ୍ରତିକ୍ରିୟା ରଖିଥିଲେ । ଏଥିରୁ ସ୍ପଷ୍ଟ ଅନୁମାନ କରାଯାଉଛି ଯେ ଏହି ଚଢ଼ଉ ନାମକୁ ମାତ୍ର ଓ କେବଳ ଲୋକଦେଖାଣିଆ । ଅପରପକ୍ଷରେ କପା ମିଲ୍‌ଗୁଡିକରେ ମଣ୍ଡି ପୂର୍ବରୁ କିଣାଯାଇଥିବା ହଜାର ହଜାର କ୍ୱିଣ୍ଟାଲ କପା ବେଆଇନ ଭାବେ ବେପାରୀ ମାଧ୍ୟମରେ କିଣାଯାଇଛି । ନିୟମାନୁସାରେ କେବଳ ପଞ୍ଜିକରଣ ହୋଇଥିବା ଚାଷୀ ହିଁ ସିସିଆଇକୁ ସରକାରୀ ମୂଲ୍ୟରେ ଆରଏମସି ଓ ସରକାରଙ୍କ ସହ ପଞ୍ଜିକୃତ ଥିବା ମିଲ୍‌ଗୁଡିକରେ ବିକ୍ରି କରିପାରିବେ; କିନ୍ତୁ ମିଲରମାନେ ଦଲାଲ ତଥା ବେପାରୀ ମାଧ୍ୟମରେ କମ୍ ଦରରେ ବେଆଇନ ଭାବେ ହଜାର ହଜାର କ୍ୱିଣ୍ଟାଲ କପା ମଣ୍ଡି ଖୋଲିବା ପୂର୍ବରୁ ଭର୍ତ୍ତି କରିସାରିଛନ୍ତି । ତେବେ ଚଢ଼ଉ ସମୟରେ ଏସବୁର ଯାଞ୍ଚ ପରିବର୍ତ୍ତେ କେବଳ ଆରଏମସିକୁ ଏକ ପ୍ରତିଶତ କପା ଆଣି ମିଲରଗୁଡିକୁ କ୍ଲିନଚିଟ ଦେବା କେତେ ଯୁକ୍ତିଯୁକ୍ତ ବୋଲି ଚାଷୀଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଠିଛି । ମିଲରଗୁଡିକ ଯଦି ଗଚ୍ଛିତ ହଜାର ହଜାର କୁଇଣ୍ଟାଲ କପା ଚାଷୀ ନାମରେ ଏଣ୍ଟ୍ରି କରାଇ ସରକାରୀ ମୂଲ୍ୟ ହିସାବରେ ବିକ୍ରି କରି କୋଟି କୋଟି ଟଙ୍କା ହଡପ କରିବା ମସୁଧା ଘଟଣା ଯଦି ସତ୍ୟ ତେବେ ପ୍ରଶାସନର ଚଢ଼ଉ ଭେଳିକି ବୋଲି ଚାଷୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ତେବେ ଚଢ଼ଉ ପରେ ଆରଏମସିକୁ କେବଳ ଏକ ପ୍ରତିଶତ କପା ଆଣି ପ୍ରଶାସନ ଚୁପ୍ ରହି ମିଲର ଗୁଡିକୁ କ୍ଲିନଚିଟ ଦେଉଛି ନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

**ବଣାଇ, ୨୮ ।୧୧(ସମିସ):** ବଣାଇଁଗଡ଼ ସହରସ୍ଥିତ ବହୁମୁଖୀ ଖେଳ ପଡ଼ିଆଠାରେ ଗତ ୨୬ ତାରିଖରୁ ତିନି ଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି କୃଷି ମେଳାରେ ସମୁଦାୟ ୪୦ ଗୋଟି ବିଭାଗର ଚାଷ କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ଗୁଡିକୁ ଷ୍ଟଲ୍‌ଗୁଡିକରେ ପ୍ରଦର୍ଶନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସୁନ୍ଦରଗଡ଼ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲ୍ ବିହାରୀ ମଲ୍ଲିକ, ମୁଖ୍ୟ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ରର ଡ. ଜୟନ୍ତ କୁମାର ପତି, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜିତାଂଶୁ ଶେଖର ମହାନ୍ତି, ସୁନ୍ଦରଗଡ଼ କୃଷି ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ, ବଣାଇଁ କୃଷି ଜିଲ୍ଲା ଅଧିକାରୀ ମନୋଜ କୁମାର ପ୍ରଧାନ, ସୁନ୍ଦରଗଡ଼ ଜିଲ୍ଲା କୃଷି ବୈଜ୍ଞାନିକ ଡ. ସିଦ୍ଧାନ୍ତ ଜେନା, କୃଷି ଅଧିକାରୀ ସୁବୋଧ ପାଣିଗ୍ରାହୀ, ସହକାରୀ କୃଷି ଜିଲ୍ଲା ଅଧିକାରୀ ଦିପ୍ତି ପଟେଲ, ରାଜଗାଙ୍ଗପୁର କୃଷି ଅଧିକାରୀ ନରେଶ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଅତିଥିମାନେ କୃଷି ଯନ୍ତ୍ରପାତି ମେଳାକୁ ପରିଦର୍ଶନ କରିଥିଲେ ।




## ବିଦ୍ୟାଳୟ ସମୂହ ଫେନସିଂ ଓ ଥାଙ୍ଗଟା ପ୍ରତିଯୋଗିତା

**ବଲାଙ୍ଗିର, ୨୮ ।୧୧(ସମିସ):** ବଲାଙ୍ଗିର ଟାଉନ ବାଳିକା ବିଦ୍ୟାଳୟରେ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫେନସିଂ ଓ ଥାଙ୍ଗଟା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ବଲାଙ୍ଗିର ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠି, ସମ୍ମାନିତ ଅତିଥି ଭାବେ ବଲାଙ୍ଗିର ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ, ରାଜ୍ୟ ଫେନସିଙ୍ଗ ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ସୁନ୍ଦରଗଡ଼ ଡିପିଇଓ ଅଜୟ ପଧାନ, କନ୍ଧମାଳ ଡିପିଇଓ ସଞ୍ଜୟ ପାତ୍ର, ବଲାଙ୍ଗିର ଅତିରିକ୍ତ ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ଟାଉନ ବାଳିକା ବିଦ୍ୟାଳୟର ନରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ପିଇଟି ବୁଦ୍ଧିରାଜ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ଫେନସିଂ ପାଇଁ ୭୪ ଏବଂ ଥାଙ୍ଗ୍ ଟା ପାଇଁ ୩୭ ଜଣ ଯୋଗ ଦେଇଛନ୍ତି । ପ୍ରତିଯୋଗିତାକୁ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଉଦ୍‌ଘାଟନ କରିବା ସହ ବଲାଙ୍ଗିରକୁ କ୍ରୀଡ଼ାର ହବ କରିବା ପାଇଁ ପ୍ରଚେଷ୍ଟା ଜାରିଛି ବୋଲି କହିଥିଲେ । ଫେନସିଙ୍ଗ କୋଚ ସୁକାନ୍ତ ସେଠ, ରୋଶନ ସାହୁ, ଅନ୍ୱେଷା ରାଉତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଜୋତି ଠାକୁର, ସୁଭଦ୍ରା ବେହେରା, ପୁରେନ୍ଦର ସେଠ, ସତ୍ୟ ନାରାୟଣ ପଟେଲ, ବୀରେନ୍ଦ୍ର ସୁନା, ବିନୋଦ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, ନିରୋତ୍ତମା ବିଶ୍ୱାଳ, ବନୀତା ପଟେଲ, ସଙ୍ଗୀତା ପଟେଲ, ସସ୍ମିତା ଗଡ଼ତିଆ, ସୋପ୍ନା ସେଠି, ଜିତେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।



## ଆର୍‌ଏସ୍‌ପି ସିପିପି-୧ରେ ମକ୍‌ଡ୍ରିଲ୍

**ରାଉରକେଲା, ୨୮ ।୧୧(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ (ସିପିପି-୧) ପାୱାର ଆଣ୍ଡ ବ୍ଲୋଇଂ ଷ୍ଟେସନ୍ (ପିବିଏସ)ର ଡିଏମ ପ୍ଲାଣ୍ଟରେ ନଭେମ୍ବର ୨୬ ତାରିଖରେ ଏସିଡ୍ ଲିକେଜ୍ ଜନିତ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏକ ମକଡ୍ରିଲ ଆୟୋଜିତ ହୋଇଥିଲା । ସାଇଟ୍ ଇନ୍ସିଡେଣ୍ଟ ନିୟନ୍ତ୍ରକ, ପାୱାର ବିଭାଗର ସିଜିଏମ ତଥା ସିପିପି-୧ ବିଭାଗର ବିଭାଗ ମୁଖ୍ୟ ଦୀପକ ରାୟଙ୍କ ଦ୍ୱାରା ପରିସ୍ଥିତି ନିୟନ୍ତ୍ରଣାଧୀନ ଘୋଷଣା ସହ ଏହା ସମ୍ପନ୍ନ ହୋଇଥିଲା । ଏହି ମକ ଡ୍ରିଲରେ ସମଗ୍ର ଦଳକୁ ସମୁଦାୟ ତିନୋଟି ଦଳ ଯଥା କମ୍ବାଟ ଦଳ, ଉଦ୍ଧାରକାରୀ ଦଳ ଏବଂ ସହାୟକ ଦଳରେ ବିଭକ୍ତ କରାଯାଇଥିଲା । ସିପିପି-୧ ବିଭାଗର ସିନିୟର ମ୍ୟାନେଜର ଡି ଯାଦବଙ୍କ ସହିତ ସିପିପି-୧ର ଜେଇ ଏଏମ ଆଲାମ କମ୍ବାଟ ଦଳର ନେତୃତ୍ୱ ନେଇଥିବା ବେଳେ ସିପିପି-୧ ବିଭାଗର ସିନିୟର ମ୍ୟାନେଜର ଏ. ଆନନ୍ଦ ଏବଂ ଡେପୁଟି ମ୍ୟାନେଜର ଜେ. ବିଷ୍ଣୁବର୍ଦ୍ଧନ ଉଦ୍ଧାରକାରୀ ଦଳର ନେତୃତ୍ୱ ନେଇଥିଲେ । ସେହିଭଳି ସିପିପି-୧ ବିଭାଗର ସିନିୟର ମ୍ୟାନେଜର ସି.କେ. ସିଂହ ଏବଂ ମ୍ୟାନେଜର ଏ. ଜେନା ସହାୟକ ଦଳର ନେତୃତ୍ୱ ନେଇଥିଲେ । ଏଥିରେ ନିୟୋଜିତ ସମସ୍ତ ଦଳ ଦକ୍ଷତା ଓ ସଫଳତାର ସହିତ ମାତ୍ର ୧୮ ମିନିଟ୍ ମଧ୍ୟରେ ସମ୍ପୂର୍ଣ୍ଣ ଅଭ୍ୟାସ ସମାପ୍ତ କରିଥିଲେ । ଏହି ମକ୍ ଡ୍ରିଲ୍‌ରେ ଅଗ୍ନିଶମ ସେବା ବିଭାଗର ଜିଏମ ପିଏସ୍ ଥାକରେ, ଡିଜିଏମ ଏମ୍ ସୋଙ୍କୁସାରେ ଏବଂ ସୁରକ୍ଷା, ଅଗ୍ନିଶମ ସେବା, ଓଏଚଏସସି, ସିଆଇଏସଏଫ, ସିପିପି-୧ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ସିଆଇଏସଏଫ ଦଳ ସୁରକ୍ଷିତ କାର୍ଯ୍ୟାନ୍ୱୟନ ଏବଂ ଶୃଙ୍ଖଳା ବଜାୟ ରଖିବା ସହିତ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରି ଅଭ୍ୟାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ମକ ଡ୍ରିଲ ଅଭ୍ୟାସ ଶେଷରେ ପାୱାର ବିଭାଗର ସିଜିଏମ ଏବଂ ଅଗ୍ନିଶମ ସେବା ବିଭାଗର ଜିଏମଙ୍କ ଦ୍ୱାରା ଏକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହି ଅଭ୍ୟାସ ପାୱାର ବିଭାଗର ସିଜିଏମ ଦୀପକ ରାୟଙ୍କ ମାର୍ଗଦର୍ଶନରେ ସିପିପି-୧ ଓ ଏଣ୍ଡ ଏମ ବିଭାଗର ଜିଏମ ଏନ୍‌ସି. ପରିଡ଼ା, ସିପିପି-୧ ଇଲେକ୍ଟ୍ରିକାଲ ବିଭାଗର ଡିଜିଏମ ତଥା ଡିଏସଓ ଆରକେ ରଞ୍ଜନ, ସିପିପି-୧ ବିଭାଗର ଏଜିଏମ୍ ଶ୍ରୀ ଡି.କେ. ରାଉତରାୟଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ।



## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୪୯ - ପୂର୍ବ ଜର୍ମାନୀର ଏକ ୟୁରାନିୟମ୍ ଖଣିରେ ବିସ୍ଫୋରଣ ହେବାରୁ ୩୭୦୦ ଲୋକଙ୍କ ପ୍ରାଣହାନି।
- ୧୯୬୧- ରୁଷୀୟ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ଭାରତ ଆଗମନ।
- ୧୯୮୯ - ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଇସ୍ତଫା।
- ୨୦୦୮ - ୬୦ ଘଣ୍ଟାର କମାଣ୍ଡୋ ଅପରେସନ୍ ପରେ ମୁମ୍ବାଇ ଆତଙ୍କବାଦୀଙ୍କ କବଳରୁ ମୁକ୍ତ।
- ୨୦୧୧- ଅହମିୟା ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଇନ୍ଦିରା ଗୋସ୍ୱାମୀଙ୍କ ପରଲୋକ।



## ଭ୍ରାମ୍ୟମାଣ ସ୍କୁଲ

ପଞ୍ଜାବ, ଭଟିଣ୍ଡାରେ ଏକ ସ୍କୁଲକୁ ନେଇ ଏବେ ସବୁଠି ଚର୍ଚ୍ଚା। କାରଣ ଅନ୍ୟ ସ୍କୁଲ ଭଳି ଏଠାକୁ ପିଲାମାନେ ପଢ଼ିବାକୁ ଯାଆନ୍ତି ନାହିଁ। ବରଂ ପିଲାମାନଙ୍କ ପଢ଼ିବା ନିମନ୍ତେ ସେମାନଙ୍କ ପାଖକୁ ସ୍କୁଲ ଆସିଥାଏ। 'ଗୁଡ୍‌ୱିଲ ମୋବାଇଲ୍ ସ୍କୁଲ' ନାମରେ ପରିଚିତ ଏହି ସ୍କୁଲଟି ଏକ ଟ୍ରାକ୍ଟର ଟ୍ରଲିରେ ତିଆରି ହୋଇଛି। ସହରର ବସ୍ତି ପିଲାଙ୍କୁ ଏହା ମାଗଣାରେ ଶିକ୍ଷାଦାନ କରିଥାଏ। ଅବସରପ୍ରାପ୍ତ ରେଳୱେ ଇଞ୍ଜିନିୟର କେକେ ଗର୍ଗ ବସ୍ତିରେ ରହୁଥିବା ଆର୍ଥିକ ଅନଗ୍ରସର ପିଲାଙ୍କୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ଏହି ସ୍କୁଲର ଆରମ୍ଭ କରିଥିଲେ। ୨୦୦୬ ମସିହାରେ ସେ ତାଙ୍କ ଡ୍ୟୁଟିକୁ ଯାଉଥିବା ସମୟରେ ରେଳ ଲାଇନ୍ ନିକଟରେ ଥିବା ପିଲାମାନେ ସବୁବେଳେ ଖେଳୁଥିବାର ସେ ଦେଖୁଥିଲେ। କେବେବି ପିଲାମାନଙ୍କୁ ସେ ସ୍କୁଲ ଯିବାର ଦେଖୁ ନ ଥିଲେ। ଶିକ୍ଷାରୁ ବଞ୍ଚିତ ଏହି ପିଲାମାନଙ୍କୁ ସେ ଶିକ୍ଷିତ କରିବାକୁ ଅବସର ପରେ ଏମିତି ଏକ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ଖରା-ବର୍ଷାର ମୁକାବିଲା କରିବାକୁ ସେ ଏଥିରେ ପାଣିପାଗ ପ୍ରତିରୋଧି ଜାପାନୀ ସିଟ୍ ଏବଂ ଜିପ୍‌ସମ୍ ବୋର୍ଡ ବ୍ୟବହାର କରିଛନ୍ତି। ପିଲାମାନଙ୍କୁ ଗରମ ନ ଲାଗିବା ଲାଗି ସେ ଏଥିରେ ପଙ୍ଖାର ବନ୍ଦୋବସ୍ତ ମଧ୍ୟ କରିଛନ୍ତି। ତେବେ ବିଗତ ୧୭ ବର୍ଷ ମଧ୍ୟରେ ଏହି ସ୍କୁଲଟି ପାଖାପାଖି ୭୦୦ରୁ ଅଧିକ ପିଲାଙ୍କୁ ଶିକ୍ଷାଦାନ କରିବାରେ ସକ୍ଷମ ହୋଇଛି। ତେବେ ଏହି ପିଲାମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ଯୋଗାଇ ଦିଆଯିବା ପରେ ସେମାନଙ୍କୁ ନିକଟସ୍ଥ ସରକାରୀ ସ୍କୁଲରେ ନାମ ଲେଖାପାଇଁ ସେ ବନ୍ଦୋବସ୍ତ କରି ଦିଅନ୍ତି। ପିଲାଙ୍କୁ ପଢ଼ାଇବାକୁ ଶ୍ୱେତା ନାମକ ଜଣେ ଶିକ୍ଷୟିତ୍ରୀ ମଧ୍ୟ ଅଛନ୍ତି। ଶ୍ୱେତା କୁହନ୍ତି, ଏହି ସ୍କୁଲରେ ସେ ଚାରି ବର୍ଷ ହେଲାଣି ପଢ଼ାଉଛନ୍ତି। ତେବେ ଆରମ୍ଭରୁ ଏହି କାମ କରିବା ତାଙ୍କ ପାଇଁ ବହୁତ ସମସ୍ୟା ଥିଲା। ହେଲେ ବସ୍ତିର ପିଲାମାନଙ୍କର ମାବାପାଙ୍କୁ ବୁଝାଇବା ପରେ ସେମାନେ ତାଙ୍କ ପିଲାଙ୍କୁ ପଢ଼ିବାକୁ ଛାଡିଥିଲେ। ପ୍ରତିଦିନ ସେ ଦ୍ୱିପ୍ରହର ୩ରୁ ୫ଟା ପର୍ଯ୍ୟନ୍ତ କ୍ଲାସ୍ ନିଅନ୍ତି। ସବୁଠୁ ବଡ଼ କଥା ହେଉଛି, ମାଗଣାରେ ଶିକ୍ଷାଦାନ ସହିତ ସ୍କୁଲ ପକ୍ଷରୁ ପିଲାମାନଙ୍କୁ ଫଳ, ବିସ୍କୁଟ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦିଆଯାଇଥାଏ। ଅନ୍ୟପଟେ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏହିପରି ସ୍କୁଲ ସବୁଆଡେ ହେବା ଦରକାର। ସରକାର ମଧ୍ୟ ଏଭଳି ସ୍କୁଲ ଖୋଲିବା ପାଇଁ ସାହାଯ୍ୟ କରିବା ଦରକାର।



## 'ସ୍ପିରିଟ୍'ରେ ରଣବୀର

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥାନ୍ତି। ପ୍ରଭାସଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'ର ରିଲିଜ୍‌କୁ ଏବେ ତାଙ୍କ ପ୍ରଶଂସକମାନେ ଚାହିଁ ବସିଛନ୍ତି। 'ଆନିମଲ', 'କବିରସିଂହ' ଫେମ୍ ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ରଣବୀର କପୁର ଏଥିରେ ନଜର ଆସିବେ ବୋଲି ଜଣାପଡ଼ିଛି। ଅବଶ୍ୟ ରଣବୀର ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ପୂର୍ବରୁ ରଣବୀର ସନ୍ଦୀପଙ୍କ ସହ 'ଆନିମଲ' ଫିଲ୍ମରେ କାମ କରିଥିଲେ। ଏହି ଫିଲ୍ମ ମାଧ୍ୟମରେ ପ୍ରଥମ ଥର ସେ ପ୍ରଭାସଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ। ଇତିମଧ୍ୟରେ ସନ୍ଦୀପ ଏହାର ସୁଟିଂ ମଧ୍ୟ ଆରମ୍ଭ କରିଛନ୍ତି। 'ଆନିମଲ' ଫିଲ୍ମ ବ୍ଲକ୍‌ବଷ୍ଟର୍ ହେବା ପରେ 'ସ୍ପିରିଟ୍'କୁ ହିଟ୍ କରିବା ପାଇଁ ସନ୍ଦୀପ ରଣବୀରଙ୍କୁ ନେଇଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏଯାଏଁ ରଣବୀରଙ୍କୁ ନେଇ ସନ୍ଦୀପ ବିଧିବଦ୍ଧ ଭାବେ କିଛି କହିନାହାନ୍ତି।

## ଇନ୍‌ଫ୍ଲୁଏନ୍ସରଙ୍କ ପାଇଁ ନୂଆ ନିୟମ

ନିକଟରେ ଚୀନ୍ ଏପରି ଏକ ନିୟମ ଆଣିଛି ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ ଆରମ୍ଭ ହୋଇଛି। ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଇନ୍‌ଫ୍ଲୁଏନ୍ସର୍‌ମାନେ କହିବା ପାଇଁ ଏହି କ୍ଷେତ୍ରରେ ଡିଗ୍ରୀ ରହିବା ନିହାତି ଆବଶ୍ୟକ। ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ବିନା ଡିଗ୍ରୀ ଏବଂ ଲାଇସେନ୍ସ ନ ଥିବା ଇନ୍‌ଫ୍ଲୁଏନସର୍ ଏହି ସବୁ ବିଷୟରେ ଖୋଲାଖୋଲି ଆଲୋଚନା କରିପାରିବେ ନାହିଁ। ଚୀନ୍‌ରେ ଏହି ନିୟମ ଅକ୍ଟୋବର ୨୫ରୁ ଲାଗୁ ହୋଇଛି। ତେବେ ଏଭଳି ନିୟମର ଉଦ୍ଦେଶ୍ୟ ହେଉଛି ଅନଲାଇନ୍‌ରେ ଭୁଲ ତଥ୍ୟ ପ୍ରଦାନ କରିବା ଏବଂ ଲୋକଙ୍କୁ ଭୁଲ୍ ତଥ୍ୟ ଦେଉଥିବା ଇନ୍‌ଫ୍ଲୁଏନ୍ସର୍‌ଙ୍କୁ ବନ୍ଦ କରିବା। ତେବେ ଏହି ନିୟମକୁ ସାଇବରସ୍ପେସ୍ ଆଡମିନିଷ୍ଟ୍ରେସନ ଅଫ୍ ଚୀନ୍ ଲାଗୁ କରିଛି। ସେହିପରି ଏହି ନିୟମ କେବଳ ଇନ୍‌ଫ୍ଲୁଏନ୍ସର୍‌ଙ୍କ ଉପରେ ନୁହେଁ, ବରଂ Douyin, weibo, bilibili ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ମଧ୍ୟ ଲାଗୁ ହେବ।

ଏହାବାଦ୍ ଚିକିତ୍ସା ଉପକରଣ, ହେଲଥ ଫୁଡ୍ ଏବଂ ସପ୍ଲିମେଣ୍ଟ ସମ୍ବନ୍ଧିତ ବିଜ୍ଞାପନ ଉପରେ ବି କଟକଣା ଲାଗୁ କରାଯାଇଛି। ସେହିପରି ଏହି କମ୍ପାନିମାନଙ୍କୁ ସୁନିଶ୍ଚିତ କରିବାକୁ ହେବ ଯେ, ଏହାର ପ୍ଲାଟଫର୍ମରେ ଥିବା କ୍ରିଏଟରଙ୍କ ପାଖରେ ସେସମ୍ପର୍କିତ ଡିଗ୍ରୀ, ସାର୍ଟିଫିକେଟ୍ ରହିଛି। ଯଦି ଜଣେ ଇନ୍‌ଫ୍ଲୁଏନ୍ସର୍ ତାଙ୍କ ବିଷୟବସ୍ତୁରେ ଏଆଇ ଜେନେରେଟେଡ୍ ସାମଗ୍ରୀ କିମ୍ବା ଗବେଷଣା ଅଧ୍ୟୟନ ବ୍ୟବହାର କରନ୍ତି, ତାହେଲେ ତାଙ୍କୁ ସେହି ଭିଡିଓ କିମ୍ବା ପୋଷ୍ଟରେ ଏ ବାବଦରେ ସ୍ପଷ୍ଟ ଭାବରେ କହିବାକୁ ପଡ଼ିବ। ଅନ୍ୟପଟେ ଏହି ନିୟମକୁ ନେଇ ଅନଲାଇନ୍‌ରେ ତର୍କ ଆରମ୍ଭ ହୋଇଛି। କିଛି ଲୋକ ଏହାକୁ ଠିକ୍ ପଦକ୍ଷେପ ବୋଲି କହିଥିବା ବେଳେ ଆଉ କିଛି ଜଣ ଏଭଳି ଆଇନ ବ୍ୟକ୍ତିଗତ ସ୍ୱାଧୀନତାକୁ ହସ୍ତକ୍ଷେପ କରୁଛି ବୋଲି କହିଛନ୍ତି।




## ପ୍ରହେଳିକା

- ପାତି ବାଉଁଶରେ ମୋ ଦେହ ଗଢ଼ା
ଚାଉଳରୁ କୁଣ୍ଡା ପକାଏ କାଢ଼ି
ସବୁ ପରିବାର ପାଇଁ ମୁଁ ଲୋଡ଼ା
ମୋ ପିଠିରେ ମାଆ ପାରଇ ବଢ଼ି
ଶୁଭ ବିବାହରେ ପଡ଼ଇ ଖୋଜା
ହାତୀ କାନ ପରି ରୂପଟି ମୋର
ଶବ ସଙ୍ଗେ ଯାଏ କହରେ ରାଜା
ନାଆଁଟି ମୋହର ଦୁଇ ଅକ୍ଷର।

ଉତ୍ତର:- କୁଲା

- ସାଧୁ ବସିଥିଲେ ପୋଖରୀ କୂଳେ
ଏକ ଧ୍ୟାନରେ
ମୀନ ଖେଳୁଥିଲା ଗଭୀର ଜଳେ
ଖୁସି ମନରେ
ଜିହ୍ୱା ଲାଳସାର ମୋହରେ ସାଧୁ
ଥଣ୍ଟରେ ଧରି
ଗିଳି ପକେଇଲେ ଜିଅନ୍ତା ମାଛ
ଡେରି ନ କରି
ଡେଙ୍ଗା ଗୋଡ଼ ସାଧୁ ପୋଷାକ ଧଳା
କହି ନ ପାରିଲେ ଚଞ୍ଚଳ ପଳା
ଉତ୍ତର କହିବ ଯିଏ
ଖେଚୁଡ଼ି ଖାଇବ ସିଏ।

ଉତ୍ତର :- ବଗ



- ବଞ୍ଚିଥିଲେ ଲକ୍ଷେ ମରିଗଲେ ଲକ୍ଷେ
ପୂର୍ବରୁ ରହିଛି ପ୍ରବାଦ
ସେଇ ଜୀବ ଏବେ ଗାଆଁ ମୁହାଁ ହୋଇ
ନିଇତି ଘଟାଏ ବିବାଦ
ଭାଙ୍ଗେ ଘରଦ୍ୱାର ମାରେ ମଣିଷ
ଲକ୍ଷ୍ମୀଙ୍କ ବାହନ ସିଏ
ଲକ୍ଷ୍ମୀ ଠାକୁରାଣୀ ଆଶିଷ ପାଇବ
ନାଆଁ କହିଦେବ ଯିଏ।

ଉତ୍ତର :-ହାତୀ

ଜଗଦୀଶ ସାହୁ, ସଞ୍ଜପଡ଼ା, ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬

## ଆମ ଘର



ଗୋପୀନାଥ ଦାଶ

ପଥର ଇଟା ବାଲି ଓ ସିମେଣ୍ଟରେ
ତିଆରି ଆମ ଘର
ମା' ବାପା ଭାଇ ଭଉଣୀ ସଭିଏଁ
ପ୍ରେମ ଆନନ୍ଦ ଅପାର।
ସ୍କୁଲ ପାଠ ସାରି ଘରକୁ ଫେରିଲେ
ଖୁସି ହସେ ଭରେ ମନ
ପିତା ମାତାଙ୍କ ସେନେହ ଆଦରେ
ପୁଲକିତ ହୁଏ ପ୍ରାଣ।
ଖରା ବରଷା ଶୀତ କାକରରୁ
ବଞ୍ଚାଇ ରଖିଛି ଘର
କେତେ ପୂଜା ବିଧି ଉତ୍ସବ ବ୍ୟସନ
ମୂକ ସାକ୍ଷୀ ଏ ଘର।
ସଜାଇ ରଖିଛି ଖାତା ବହି ମୁହିଁ
ନିତି ଓଳାଏ ମୁଁ ଘର
ଅଭ୍ୟାସ କରେ ପଢ଼ା ଘରେ ବସି
ପାଠ ସାରେ ତର ତର।
ରନ୍ଧା ଘରେ ମା' ତିଆରି କରେ
ସୁସ୍ୱାଦୁ ଖାଦ୍ୟ ରକମର
ମମତା ଭରି ପରସି ଦିଏ ସେ
ପୂରିଯାଏ ପେଟ ମୋର।
ଅଜଣା ପାଠକୁ ଶିଖାଇ ଦିଅନ୍ତି
ବାପା ମୋତେ ବସା ଘରେ
କେତେ ପ୍ରକାର ଖେଳଣା ଦିଅନ୍ତି
ବସି ଖେଳେ ଆନନ୍ଦରେ।
ସଫାସୁତରା ଶୋଇବା ଘରଟି
ପୂର୍ଣ୍ଣ ବାୟୁ ଚଳାଚଳ
ଗଡ଼ିଲେ ସେଜରେ ନିଦ ମାଡ଼ିଆସେ
ସତେଜ ଲାଗେ ସକାଳ।
ଘରଟି ଆମର ସୁଖ ଶାନ୍ତିର
ବନ୍ଧନର ପରିଚୟ
ଏଇଠାରେ ଏକାଠି ସଭିଏଁ ରହୁଁ
ଏଇ ତ ଆମରି ଘର। ■

ବରପାଲିପଡ଼ା, ବଲାଙ୍ଗୀର
ମୋ -୬୩୭୨୧୮୦୫୦୭୦

## ବଣଭୋଜି



ରାମଚନ୍ଦ୍ର ବେହେରା

ଆସିଛି ଶୀତ ଆସ ସଙ୍ଗୀତ
କରିବା ବଣଭୋଜି
ଗଛର ମୂଳେ ଝରଣା କୂଳେ
ଆନନ୍ଦେ ଯିବା ମଜି।
ବଣର କୋଳେ ସାଥିଙ୍କ ମେଳେ
ରାନ୍ଧିବା ଭାତ ଡାଲି
ଭଜା ତିଅଣ ରାନ୍ଧିବା ଆମେ
ଲଗାଇ କାଠ ଚୂଲି।
ହସ ଖୁସିରେ ଖେଳିବା ଲୁଡୁ
ଗାଇବା ଖୁସି ଗୀତ
ଏକାଠି ବସି ଏକାଠି ହସି
ଖାଇବା ଖାଦ୍ୟ ମିତ।
ରୋଷେଇ ଜାଗା ରଖିବା ସଫା
ମାନିବା ବଣ ନୀତି
ବୃକ୍ଷ ଓ ଲତା ବନ୍ୟ ପ୍ରାଣୀଙ୍କ
କରିବା ନାହିଁ କ୍ଷତି।
ରୋଷେଇ ଅନ୍ତେ ଲିଭାଇ ଦେବା
ଚୂଲିରେ ଥିବା ନିଆଁ
ପରିବେଶର ରଖିଲେ ଧ୍ୟାନ
ହସିବ ଧରା ମାଆ।
ସଞ୍ଜ ନଇଁଲେ ଫେରି ଆସିବା
କରିବା ନାହିଁ ଡେରି
ବଣଭୋଜିର ମିଠା ସ୍ମୃତିକୁ
ପରାଣେ ଦେବା ଭରି। ■

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ

## ମହୁମାଛିର ଦୁଃଖ



ରାଜେଶ ରାୟ



ଶୀତଦିନେ କ୍ଷେତରେ ଫୁଟିଥିବା ସୁନ୍ଦର ହଳଦୀ ରଙ୍ଗର ସୋରିଷ ଫୁଲ ପାଖକୁ ପ୍ରତିଦିନ ମହୁମାଛିଟିଏ ଆସୁଥିଲା ଏବଂ ଫୁଲରୁ ବାହାରୁଥିବା ମିଠାରସ ଖାଇ ଆନନ୍ଦ ମନରେ ପରାଗ ରେଣୁକୁ ନେଇ ଉଡ଼ି ଯାଉଥିଲା। ତେଣୁ ସେହି ମହୁମାଛି ସହ ସୋରିଷ ଫୁଲର ଅତି ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ସେମାନେ ପରସ୍ପରକୁ ସାଙ୍ଗ ବୋଲି ଡାକୁଥିଲେ। ଦିନକର ଘଟଣା, ମହୁମାଛିଟି ସେଦିନ ସୋରିଷ ଫୁଲ ପାଖକୁ ଆସିଲା ନାହିଁ। ସୋରିଷ ଭାବିଲା ହୁଏତ ମହୁମାଛି କୌଣସି କାମରେ ବ୍ୟସ୍ତ ରହିଯାଇଥିବ। ତା ପରଦିନ ମଧ୍ୟ ମହୁମାଛି ଆସିଲା ନାହିଁ। ନିଜ ସାଙ୍ଗକୁ ଅପେକ୍ଷା କରି କରି ସୋରିଷ ଫୁଲ ମନ ଦୁଃଖରେ ଝାଉଁଳି ପଡ଼ିଲା। ଏମିତି ୫ ଦିନ ବିତିଯିବା ପରେ ମହୁମାଛି ଆସି ପହଁଚିଲା। ନିଜ ସାଙ୍ଗକୁ ପାଖରେ ପାଇ ସୋରିଷ ଫୁଲ ବହୁତ ଖୁସିହେଲା କିନ୍ତୁ ସେ ଦେଖିଲା ମହୁମାଛି ଆଗପରି ଆଉ ଖୁସି ନାହିଁ। ଦୁଃଖରେ ମନ ମାରି ମହୁମାଛିଟି ବସି ରହିଥିଲା। ସୋରିଷ ପଚାରିଲା "ସାଙ୍ଗ କଣ ହେଇଛି ତୋର ? ତୁ ଏତେଦିନ ଯାଏଁ କୋଉଠି ଥିଲୁ ? ଜାଣିଛୁ ତତେ ଝୁରି ଝୁରି ମୁଁ କେତେ କଷ୍ଟ ପାଇଛି। ଏହାଶୁଣି ମହୁମାଛି ବହୁତ ଜୋରରେ କାନ୍ଦିବାକୁ ଲାଗିଲା ଏବଂ କହିଲା ସାଙ୍ଗ ମତେ ତୁ କ୍ଷମା କରିଦେ। ମୁଁ ଆଉ ଆଜିଠୁ ତୋ ପାଖକୁ ଆସିବି ନାହିଁ। ଏଇଟା ଆମର ଶେଷ ଦେଖା। ଏକଥା ଶୁଣିବା ପରେ ସୋରିଷ ଫୁଲର ଛାତି ଫାଟିଗଲା ଆଉ ସେ କହିଲା "କ'ଣ ପାଇଁ ସାଙ୍ଗ? ତୁ କାହିଁକି ଆସିବୁନି? କ'ଣ ଅସୁବିଧା ହେଇଛି ମତେ କହ। ତା ପରେ ମହୁମାଛି ନିଜର ଦୁଃଖକୁ ଗୋଟି ଗୋଟି କରି କହିଲା। ତା ଘର ଯେଉଁ ଗଛରେ ଥିଲା ସେଠାରେ ଲୋକମାନେ ଆସି କାରଖାନା କରିବା ପାଇଁ ଗଛ କାଟିଦେଲେ। ତେଣୁ ତା ଘର ଭାଙ୍ଗି ଯାଇଛି, ଭାଇ ଭଉଣୀମାନଙ୍କ ମଧ୍ୟରୁ କିଛି ମରି ଯାଇଛନ୍ତି ଆଉ କିଛି କେଉଁ ଆଡ଼େ ପଳେଇଛନ୍ତି। ମହୁମାଛି କହିଲା, ଯେଉଁ ପ୍ରକୃତି ଆମକୁ ସୃଷ୍ଟି କରିଛି ଏବଂ ନିଜ କୋଳରେ ରଖି ସୁରକ୍ଷା ଦେଉଛି ସେହି ପ୍ରକୃତିକୁ ମଣିଷ ଆଜି ନିଜର ସ୍ୱାର୍ଥ ପାଇଁ ନଷ୍ଟ କରି ଦେଉଛି ଯାହାର ପ୍ରଭାବରେ ଆମ ଜୈବ ବିବିଧତା ଦିନକୁ ଦିନ କମି ଯାଉଛି। ଏହି କାରଣ ଯୋଗୁ ଅନେକ ଜୀବ ଆମ ପାଖରୁ ଲୋପ ପାଇ ଗଲେଣି। ତେଣୁ ମୁଁ ନିଷ୍ପତି ନେଇଛି ଏହି ମଣିଷ ପାଖରୁ ବହୁତ୍ ଦୂରକୁ ଚାଲିଯିବି। ମହୁମାଛିର ଦୁଃଖକଥା ଶୁଣି ସୋରିଷ ଫୁଲ ମଧ୍ୟ ଭେଁ ଭେଁ ହୋଇ କାନ୍ଦିଲା ଆଉ କହିଲା " ସାଙ୍ଗ ତୁ ଯଦି ମୋ ଠାରୁ ଦୂରେଇ ଯିବୁ ତେବେ ମୁଁ ବି ମରିଯିବି କାରଣ ତୋରି ପାଇଁ ହିଁ ମୁଁ ନିଜର ପରାଗରେଣୁକୁ ଅନ୍ୟ ଫୁଲ ପାଖକୁ ପଠାଇ ପାରୁଛି ଯାହାଦ୍ୱାରା ମୋର ବଂଶ ବୃଦ୍ଧି ହେଉଛି। ତୁ ଚାଲିଗଲା ପରେ ମୋ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିଯିବ। ଆମେ ମଣିଷ ପାଇଁ କେତେ କ'ଣ ସାହାଯ୍ୟ କରୁଛୁ କିନ୍ତୁ ସିଏ ଆମ ମୂଲ୍ୟକୁ ବୁଝି ପାରୁନି। ମହୁମାଛି କହିଲା, ଜାଣିଛୁ ସାଙ୍ଗ ମଣିଷ ଏବେ ଆଧୁନିକତାର ମାୟାରେ ଅନ୍ଧ ହୋଇ ପ୍ରକୃତି ସହ ଖେଳୁଛି ଯାହା ଫଳରେ ଆଗପରି ଆଉ ଋତୁଚକ୍ର ବଦଳୁ ନାହିଁ, ପରିବେଶ ଏବେ ଧ୍ୱଂସ ମୁହଁରେ। ଏହାର ଫଳ ସ୍ୱରୂପ ଏବେ ବନ୍ୟା, ବାତ୍ୟା, ଭୂମିକମ୍ପ ପରି ବିପର୍ଯ୍ୟୟ ଆମ ପାଖକୁ ମାଡ଼ି ଆସୁଛି। ମଣିଷ ଏବେ ଅନ୍ୟ ଗ୍ରହରେ ଘର କରିବା କଥା ଭାବୁଛି କିନ୍ତୁ ନିଜେ ରହୁଥିବା ଘରକୁ ସଜାଡୁ ନାହିଁ। ସିଏ ଜାଣି ପାରୁନି ଯେ ନିଜ ହାତରେ ନିଜର ହିଁ ସର୍ବନାଶ କରୁଛି। ଏହି କଥା କହି ଦୁହେଁ ପରସ୍ପରକୁ ଧରି କାନ୍ଦିଲେ। ତାହୁଁ ତାହୁଁ ସନ୍ଧ୍ୟାବେଳ ଆସିଯାଇଥିଲା। ଇଚ୍ଛା ନ ଥିଲେ ମଧ୍ୟ ଆଖିରୁ ଲୁହ ଗଡ଼ାଇ ମହୁମାଛି ତାର ଅତିପ୍ରିୟ ସାଙ୍ଗ ସୋରିଷ ଫୁଲ ପାଖରୁ ବିଦାୟ ନେଲା ଏବଂ ଗଲାବେଳେ ମଣିଷକୁ ହାତ ଯୋଡ଼ି କହିଲା, " ଯଦି ସତରେ ତୁମେ ପୃଥିବୀ ମାଆର ସନ୍ତାନ ତେବେ ନିଜ ମାଆର ଦୁଃଖକୁ ବୁଝ ଏବଂ ତାକୁ ସୁରକ୍ଷା ଦିଅ। ନହେଲେ ଆଗକୁ ଯେତେ ଭାବିଲେ ବି କିଛି ନଥିବ !" ■

ଜୟପୁର, କୋରାପୁଟ
ମୋ-୬୩୭୨୧୫୫୫୯୪୦

## ଛାତ୍ରଛାତ୍ରୀଙ୍କ ତୁଳି






ରିଷିକା କାନୁନ୍‌ଗୋ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ସାଇ ସମୀକ୍ଷା ସ୍ୱାଇଁ
ସପ୍ତମ ଶ୍ରେଣୀ
ନାରାୟଣ ସ୍କୁଲ
କଟକ





ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ





ଦେବହୁତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

■ ପୁରୁଷ ଜୁନିଅର ହକି ବିଶ୍ୱକପ୍

## ବୃହତ୍ ବିଜୟରୁ ଭାରତର ଅଭିଯାନ



ଚେନ୍ନଇ,୨୮।୧୧(ଏଜେନ୍ସି): ଚିଲିକୁ ୭-୦ ଗୋଲରେ ପରାସ୍ତ କରି ଆୟୋଜକ ଭାରତ ବୃହତ୍ ବିଜୟରୁ ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ପୁରୁଷ ଜୁନିଅର ବିଶ୍ୱକପ୍ ହକିରେ ଅଭିଯାନ ଆରମ୍ଭ କରିଛି। ଏହି ବିଜୟରେ ଓଡ଼ିଆ ଖେଳାଳି ରୋଶନ କୁଜୁର ଓ ଦିଲରାଜ ସିଂହ ୨ଟି ଲେଖାଏଁ, ଅଜିତ ଯାଦବ, ଅନ୍ୟତମ ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଓ ଅଧିନାୟକ ରୋହିତ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଛନ୍ତି। ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୩-୦ ଗୋଲରେ ଆଗୁଆ ରହିଥିଲା। ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତ ତାହାର ଦ୍ୱିତୀୟ ମ୍ୟାଚ ଓମାନ ସହ ଆସନ୍ତାକାଲି ରାତି ୮ଟାରେ ଖେଳିବ। ଏହି ପୁଲରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ସ୍ୱିଜରଲାଣ୍ଡ ୪-୦ରେ ଓମାନକୁ ହରାଇଥିଲା। ଆଜି ଖେଳାଯାଇଥିବା ପୁଲ-ଏ'ରେ ଜର୍ମାନୀ ୪-୦ରେ ଦକ୍ଷିଣଆଫ୍ରିକାକୁ, ଆୟର୍ଲାଣ୍ଡ ୪-୩ରେ କାନାଡାକୁ, ପୁଲ୍-ସି'ରେ ଆର୍ଜେଣ୍ଟିନା ୪-୧ରେ ଜାପାନକୁ, ନ୍ୟୁଜିଲାଣ୍ଡ ୫-୩ରେ ଚୀନ୍‌କୁ, ପୁଲ-ଡି'ରେ ସ୍ପେନ୍ ୮-୦ରେ ଇଜିପ୍ଟକୁ ଓ ବେଲଜିୟମ ୧୨-୧ରେ ନାମିବ୍ୟାକୁ ପରାସ୍ତ କରିଛି।

■ ୧୯ ବର୍ଷରୁ କମ୍ ଏସିଆ କପ୍

## ଆୟୁଷଙ୍କୁ ଭାରତର ନେତୃତ୍ୱ

ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ଦୁବାଇରେ ଡିସେମ୍ବର ୧୨ରୁ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ଲାଗି ବିସିସିଆଇ ପକ୍ଷରୁ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ତାରକା ଖେଳାଳି ଆୟୁଷ ମାହାତ୍ରେଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲାବେଳେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ଟିମ୍‌ରେ ସାମିଲ କରାଯାଇଛି। ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ'ରେ ପାକିସ୍ତାନ ଓ ଆଉ ଦୁଇଟି କ୍ୱାଲିଫାଇଂ ଟିମ୍ ସହ ସ୍ଥାନ ପାଇଛି। ମନୋନୀତ ଦଳ: ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା (ଉପଅଧିନାୟକ), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), ହରବଂଶ ସିଂହ (ୱିକେଟରକ୍ଷକ), ଯୁବରାଜ ଗୋହିଲ, କନିଷ୍କ ଚୌହାନ, ଖିଲନ ଏ. ପଟେଲ, ନମନ ପୁଷ୍ପକ, ଡି ଦୀପେଶ, ହେନିଲ ପଟେଲ, କିଶନ କୁମାର ସିଂ, ଉଧବ ମୋହନ, ଆରନ ଜର୍ଜ।

## ଭାରତ ସହ ୫ଟି ଟି-୨୦ ଖେଳିବେ ଶ୍ରୀଲଙ୍କା ମହିଳା

ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ବାଂଲାଦେଶ ସହ ଭାରତର ମହିଳା କ୍ରିକେଟ ସିରିଜ୍ ବାତିଲ ହେବା ପରେ ଶ୍ରୀଲଙ୍କା ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଶ୍ରୀଲଙ୍କା ଦଳ ରାଜି ହୋଇଛି। ଏହି ସିରିଜ୍ ଡିସେମ୍ବର ୨୧ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ। ଏହି ସିରିଜ୍ ପରେ ଭାରତରେ ମହିଳା ପ୍ରିମିୟର ଲିଗ୍ ଜାନୁଆରୀ ୯ରୁ ଆରମ୍ଭ ହେବ ବୋଲି ଜଣାଯାଇଛି। ଏହି ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ବିଶାଖାପାଟଣାରେ ଡିସେମ୍ବର ୨୧ ଓ ୨୩ରେ, ପରବର୍ତ୍ତୀ ୩ଟି ମ୍ୟାଚ୍ ଥିରୁଅନନ୍ତପୁରମ୍‌ରେ ଡିସେମ୍ବର ୨୬, ୨୮ ଓ ୩୦ରେ ଖେଳାଯିବ।

## ଡିସେମ୍ବର ୯ ଟି-୨୦ ଲାଗି ଓସିଏର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର,୨୮।୧୧(ସମିସ): ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କଟକସ୍ଥିତ ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୯ରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟକୁ କିପରି ଶୃଙ୍ଖଳାର ସହ ପରିଚାଳନା କରାଯିବ ତାହା ଉପରେ ଆଜି ଓସିଏ ପକ୍ଷରୁ ଆଲୋଚନା କରାଯାଇଥିଲା। ବିଶେଷ କରି ପରିଚାଳନା ଲାଗି ଗଠନ କରାଯାଇଥିବା ବିଭିନ୍ନ ସବ୍ କମିଟି କିପରି ପରସ୍ପର ମଧ୍ୟରେ ସହଯୋଗ ଓ ସମନ୍ୱୟ ରଖି କାମ କରିବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜିତ ହୋଇଥିଲାବେଳେ ଅନ୍ୟ ସମସ୍ତ କର୍ମକର୍ତ୍ତା, ବିଭିନ୍ନ କମିଟିର ସଦସ୍ୟ, ଓଡ଼ିଶା ଅଲିମ୍ପିକ୍, ଆଥ୍‌ଲେଟିକ୍, ଫୁଟବଲ ସଂଘର ସମ୍ପାଦକ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ୩୦ରୁ

# ରାଞ୍ଚିରେ ଟିମ୍ ଇଣ୍ଡିଆର ଜୋର୍‌ଦାର୍ ଅଭ୍ୟାସ

ରାଞ୍ଚି,୨୮।୧୧(ଏଜେନ୍ସି)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ନିକଟରୁ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ହାରିଯିବା ପରେ ଘରୋଇ ଟିମ୍ ଇଣ୍ଡିଆ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍‌ରେ ନିଜର ସମ୍ମାନ ରକ୍ଷା କରିବାକୁ ଜୋରଦାର ପ୍ରଚେଷ୍ଟା ଆରମ୍ଭ କରିଦେଇଛି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଦଳ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାକୁ ଥିବା ରାଞ୍ଚିରେ ଜୋରଦାର ଅଭ୍ୟାସ ଆରମ୍ଭ କରିଦେଇଛି। ଏହି ଦ୍ୱିପାକ୍ଷିକ ସିରିଜ୍‌ରେ ନଭେମ୍ବର ୩୦, ଡିସେମ୍ବର ୩ ଓ ୬ରେ ୩ଟି ଦିନିକିଆ ମ୍ୟାଚ୍ ପ୍ରଥମେ ଖେଳିବ। ଏହା ପରେ ୫ଟି ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ଟି-୨୦ କଟକରେ ଡିସେମ୍ବର ୯, ଦ୍ୱିତୀୟ ଟି-୨୦ ମୋହାଲିର ମୁଲାନପୁରରେ ୧୧, ତୃତୀୟ ଟି-୨୦ ଧର୍ମଶାଳାରେ ଡିସେମ୍ବର ୧୪, ଚତୁର୍ଥ ଟି-୨୦ ଲକ୍ଷ୍ନୌରେ ଡିସେମ୍ବର ୧୭ ଓ ପଞ୍ଚମ ତଥା ଶେଷ ଟି-୨୦ ଅହମ୍ମଦାବାଦ୍‌ରେ ଡିସେମ୍ବର ୧୯ରେ ଖେଳାଯିବ। ଉଭୟ ସିରିଜ୍ ଲାଗି ଭିନ୍ନ ରଣନୀତି ଓ ଭିନ୍ନ ଖେଳାଳିଙ୍କୁ ସୁଯୋଗ ମିଳିବ।

ଟେଷ୍ଟ ଖେଳିଥିବା ଦଳର ୮୦ ଭାଗ ଉଭୟ ପକ୍ଷର ଖେଳାଳି ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଏହା ସତ୍ତ୍ୱେ ଟେଷ୍ଟରୁ ଦିନିକିଆ ଫର୍ମାଟରେ ଖେଳାଳିଙ୍କୁ ଖାପ୍ ଖୁଆଇବାକୁ କଷ୍ଟ କରିବାକୁ ପଡ଼ିବ। ଯେଉଁମାନେ ପେସାଦାର ମନୋବୃତ୍ତି ନେଇ ଖେଳୁଛନ୍ତି ସେମାନଙ୍କୁ ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଭ୍ରମଣକାରୀ ଦକ୍ଷିଣଆଫ୍ରିକା ଦଳ ଟେଷ୍ଟ ସିରିଜ୍ ଜିତିବା ପରେ ଦୃଢ଼ ମନୋବଳ ନେଇ ଖେଳିବାକୁ ଯାଉଛି। ଅନ୍ୟ ପକ୍ଷରେ ଘରୋଇ ଦଳ ଆଗରେ ପରାଜୟର ଗ୍ଲାନି, ନିୟମିତ ଅଧିନାୟକ ତଥା ଷ୍ଟାର ବ୍ୟାଟର ଶୁବମନ ଗିଲ୍ ନାହାନ୍ତି। କିନ୍ତୁ ଦୁଇ ବିଶ୍ୱବିଖ୍ୟାତ ବ୍ୟାଟର ରୋହିତ ଶର୍ମା ଏବଂ ଏମାନଙ୍କ ସହ କୌଣସି ତାରକା ବୋଲର ଯଥା ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସାମି କିମ୍ବା ମହମ୍ମଦ୍ ସିରାଜ ମଧ୍ୟ ଦିନିକିଆ ସିରିଜ୍‌ରେ ଖେଳୁନାହାନ୍ତି। ଏଭଳି ସ୍ଥିତିରେ ଦୁଇଜଣ ଭାରତୀୟ ଖେଳାଳିଙ୍କ ଉପରେ ନଜର ରହିବ। ପ୍ରଥମ ଜଣଙ୍କ ହେଉଛନ୍ତି ଓପନର ଯଶସ୍ୱୀ ଜୟସ୍ୱାଲ। ଗତ ଦୁଇବର୍ଷରେ ଜୟସ୍ୱାଲ ଭାରତ ପକ୍ଷରୁ ୫୨ଟି ମ୍ୟାଚ୍ ଖେଳିଛନ୍ତି। କିନ୍ତୁ ତାହା ମଧ୍ୟରୁ କେବଳ ଗୋଟିଏ ଦିନିକିଆ ମ୍ୟାଚ୍ ରହିଛି। ରୋହିତ, ବିରାଟ ଓ ଶୁବମନଙ୍କ ଉପସ୍ଥିତି ଯୋଗୁଁ ଜୟସ୍ୱାଲ ଟପ୍ ଅର୍ଡରରେ ବ୍ୟାଟିଂ କରିବାର ସୁଯୋଗ ପାଇ ନାହାନ୍ତି। ଏଣୁ ଏଥର ଗିଲ୍ ଆହତ ହୋଇ ଦଳରୁ ବାଦ୍ ପଡ଼ିଥିଲେ ମଧ୍ୟ ଖେଳିବେ କି ନାହିଁ ସନ୍ଦେହ। ଏହାର ପ୍ରମୁଖ କାରଣ ହେଲା ଋତୁରାଜ ଗାଏକ୍ୱାଡଙ୍କ ଉପସ୍ଥିତି। ତେବେ ସେ ଯାହା ହେଉ ଟପ୍ ଅର୍ଡରରେ ଜଣେ ପ୍ରତିଭାବାନ ଖେଳାଳିଙ୍କୁ ବାହାରେ କେତେଦିନ ବସାଇହେବ ତାହା କହିବା କଷ୍ଟକର। ସେହିପରି ବରିଷ୍ଠ ପେସରଙ୍କ ଅନୁପସ୍ଥିତିରେ ଅର୍ଶଦୀପ ଏଥର ଫାଷ୍ଟ ବୋଲିଂର ନେତୃତ୍ୱ ନେବେ। ସେ ଦେଶ ଲାଗି ୧୧ଟି ଦିନିକିଆ ଖେଳିଛନ୍ତି, ତାହା କିନ୍ତୁ ବି' ଟିମ୍ ଲାଗି। ଏଥର ସେ ନିଶ୍ଚିତ ଭାବେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନିଶ୍ଚିତ। ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା ଓ ଅର୍ଶଦୀପଙ୍କୁ ନେଇ ଭାରତୀୟ ପେସ୍ ବାହିନୀ ଗଠିତ। ଏମାନେ କିପରି ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ବ୍ୟାଟିଂକୁ କିପରି ଧ୍ୱଂସ କରିବେ ତାହା ଏବେଠୁ କହିବା କଷ୍ଟକର।



**ଭାରତୀୟ ଦଳ** ଲୋକେଶ ରାହୁଲ (ଅଧିନାୟକ/ ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡି, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଳଦୀପ ଯାଦବ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ।

## ପ୍ରତ୍ୟାଶା ରାୟଙ୍କୁ ଆଉ ଏକ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୮।୧୧(ସମିସ): ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ୟାଶା ରାୟ ଆଉ ଏକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୩୧.୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଜି କିଟ୍‌ର ପ୍ରତିଯୋଗୀଙ୍କୁ ବିଶେଷ ସଫଳତା ମିଳିଛି। ଦିବ୍ୟାଙ୍କା ପ୍ରଧାନ ଆଉ ଏକ କାଂସ୍ୟ ପଦକ ଜିତିବା ପରେ ଦଳ ଏହି ବିଭାଗରେ ପ୍ରଥମ ରନର୍ସ ଅପ୍ ହୋଇଛି। କିଟ୍ ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧୦ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୮୬ କିଲୋ ଭାରୋତ୍ତୋଳନରେ କିଟ୍‌ର ମାଗନ୍ତା କୀର୍ତ୍ତି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। କିଟ୍‌ର ଉଭୟ ରଗ୍‌ବୀ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ଓ ମହିଳା ଫାଇନାଲରେ କିଟ୍ ଦଳ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟକୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

## ନାଲ୍‌କୋ ଓପନ ଟେନିସ୍ ଡିସେମ୍ବର ୧୨ରୁ

ଭୁବନେଶ୍ୱର,୨୮।୧୧(ସମିସ): ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ପକ୍ଷରୁ ୨୪ତମ ନିଖିଳ ଓଡ଼ିଶା ନାଲକୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ କଳିଙ୍ଗ ଷ୍ଟାଡିୟମ୍ ଟେନିସ କମ୍ପ୍ଲେକ୍ସ ପରିସରରେ ଡିସେମ୍ବର ୧୨ରୁ ୧୪ ଯାଏ ଖେଳାଯିବ। ୯ଟି ଭିନ୍ନ ଭିନ୍ନ କାଟାଗୋରୀରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪.୩୨ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ ବୋଲି ବିଡିଟିଏ ପକ୍ଷରୁ କୁହାଯାଇଛି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ଶିବଶଙ୍କର ପରିଡ଼ାଙ୍କୁ ୯୦୯୦୬-୦୩୫୩୫ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ଜାତୀୟ ଜୁନିଅର ଫୁଟବଲ

## ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ

ଭୁବନେଶ୍ୱର,୨୮।୧୧(ସମିସ): ଆନ୍ଧ୍ରର ଅନନ୍ତପୁରଠାରେ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ବାଳିକା ଫୁଟବଲ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବିହାର ୧-୦ ଗୋଲରେ ଓଡ଼ିଶାକୁ ହରାଇଦେଇଛି। ଓଡ଼ିଶାର ସମସ୍ତ ଚେଷ୍ଟା ସତ୍ତ୍ୱେ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲା। ଓଡ଼ିଶା ତାହାର ପରବର୍ତ୍ତୀ ମ୍ୟାଚ୍ ବେଙ୍ଗଲ ସହ ନଭେମ୍ବର ୩୦ରେ ଖେଳିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା ପରବର୍ତ୍ତୀ ପର୍ଯ୍ୟାୟକୁ ଯିବ ନଚେତ୍ ପ୍ରତିଯୋଗିତାରୁ ବିଦାୟ ନେବ।

ସୟଦ ମୁସ୍ତାକ ଅଲି ଟି-୨୦

## ପୁଣି ହାରିଲା ଓଡ଼ିଶା

ଭୁବନେଶ୍ୱର,୨୮।୧୧(ସମିସ): ରଣଜୀ ଟ୍ରଫି ପରେ ସିନିୟର ଦଳ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟରେ ପରାଜୟର ଧାରା ଅବ୍ୟାହତ ରଖିଛି। ଏହି କ୍ରମରେ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଆଜି ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶଠାରୁ ୬୬ ରନ୍‌ରେ ପରାଜିତ ହୋଇଛି। ଏହି ଦଳ ପ୍ରଥମ ମ୍ୟାଚ୍‌ରେ କେରଳଠାରୁ ୧୦ ୱିକେଟରେ ହାରିଥିଲା।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ ଓଡ଼ିଶା ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇ ୧୭.୨ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନଂ-୭ରେ ବ୍ୟାଟିଂ କରିଥିବା ୱିକେଟରକ୍ଷକ ସୌରଭ ଗୌଡ଼ା ସର୍ବାଧିକ ୨୪ ରନ୍ କରିଥିଲେ।

ଦୁଇ ଓପନର ସ୍ୱସ୍ତିକ ସାମଲ ୧୮, ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି ୧୬ ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ୫ ରନ୍ କରି ପ୍ରଥମେ ଶୀଘ୍ର ଆଉଟ ହୋଇଯାଇଥିଲେ। ଆନ୍ଧ୍ର ପକ୍ଷରୁ ଯାରା ପୃଥ୍ୱୀରାଜ ଓ ସୌରଭ କୁମାର ୩ଟି ଲେଖାଏଁ ୱିକେଟ ପାଇଥିଲେ। ପୂର୍ବରୁ ଆନ୍ଧ୍ର ଇନିଂସରେ କେହି ଅର୍ଦ୍ଧଶତକ ହାସଲ କରି ନ ଥିଲାବେଳେ ଅଧିନାୟକ ରିକି ଭୂଇ ସର୍ବାଧିକ ୪୭ ଓ ଶ୍ରୀକର ଭରତ ୪୨ ରନ୍ କରିଥିଲେ। ସୌରଭ କୁମାରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅବଶିଷ୍ଟ ମ୍ୟାଚ୍‌ରେ ଓଡ଼ିଶା ଭଲ ଖେଳିବ ବୋଲି ଓସିଏ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।




ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନ

## ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ



ଭୁବନେଶ୍ୱର,୨୮।୧୧(ସମିସ)

କୋଲକାତାରେ ଚାଲିଥିବା ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନରେ ଓଡ଼ିଶାର ପ୍ରତିଯୋଗୀ ମାନେ ଆଜି ଚୂଡ଼ାନ୍ତ ହୋଇଥିବା ୨୭ଟି ପଦକ ମଧ୍ୟରୁ ୧୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ କାଂସ୍ୟ ପଦକ। ଯୁବ ବିଭାଗରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ଆଜି ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗତକାଲି ଯୁବ ବର୍ଗରେ ବନିତା ନାଏକ ରାଜ୍ୟ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏଯାଏ ଓଡ଼ିଶା ଜିତିଥିବା ୩ଟି ଯାକ ସ୍ୱର୍ଣ୍ଣ ପଦକ କେବଳ ଯୁବ ବିଭାଗରୁ ଆସିଛି।

ଆଜି ଅନୁଷ୍ଠିତ ଯୁବ ବିଭାଗର ୫୮ କିଲୋଗ୍ରାମ୍ କାଟୋଗୋରୀରେ ଅଙ୍କିତା ଓ ୬୯ କେଜି କାଟାଗୋରୀରେ ପ୍ରତୀମୟୀ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏମାନେ ମଧ୍ୟ ଅନ୍ୟ ବିଭାଗରେ ପଦକ ଜିତିଛନ୍ତି। ଅଙ୍କିତା କନିଷ୍ଠ ଓ ବରିଷ୍ଠ ବିଭାଗରେ ଦୁଇଟି କାଂସ୍ୟ, ପ୍ରୀତିମୟୀ ବରିଷ୍ଠ ବିଭାଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ମିନା ସାନ୍ତା-ବି' ରୌପ୍ୟ, ୬୩ କେଜି ବରିଷ୍ଠ ବିଭାଗରେ ରୋମାଲି ପ୍ରଧାନ ରୌପ୍ୟ, ୬୩ କେଜି ଯୁବ ଓ କନିଷ୍ଠ ବିଭାଗରେ ଶ୍ୱେତାଲିନା ମହାନ୍ତି ୨ଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗତକାଲିର ସଫଳତାକୁ ମିଶାଇ ଓଡ଼ିଶା ପ୍ରଥମ ଦୁଇ ଦିନରେ ୩ ସ୍ୱର୍ଣ୍ଣ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS